



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-186 ♦THURSDAY ♦1 JANUARY 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୮୬ ♦ଗୁରୁବାର ♦୧ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ପିୟୁସିସି କଟକଣା ମାର୍ଚ୍ଚ ୩୧ ଯାଏଁ କୋହଳ

■ ଭୁବନେଶ୍ୱର, ୩୧।୧୨ (ସମିସ): ରାଜ୍ୟରେ ଗାଡ଼ି ପ୍ରଦୂଷଣ ସାର୍ଟିଫିକେଟ୍ ପାଇଁ ସମୟସୀମା ଆଉ ୨ ମାସ ବୃଦ୍ଧି କରାଯାଇଛି। ଅର୍ଥାତ ଆସନ୍ତା ମାର୍ଚ୍ଚ ୩୧ ଯାଏଁ ଏହି କଟକଣା ଲାଗୁ ହେବନାହିଁ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଏହି ସୂଚନା ଦେଇଛନ୍ତି। ପୂର୍ବରୁ ଜାନୁଆରୀରୁ ଫେବୃଆରୀ ୧ ପର୍ଯ୍ୟନ୍ତ ଏହି କୋହଳ ଅବଧି ବୃଦ୍ଧି ହୋଇଥିଲା। ତେବେ ଏହି କଟକଣା ଓ ଏଥିପାଇଁ ଜରିମାନା ରାଶିକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ସରକାର ତାଙ୍କ ନିଷ୍ପତ୍ତିରେ ପରିବର୍ତ୍ତନ କରିଛନ୍ତି। ଆଜି ପରିବହନ ମନ୍ତ୍ରୀଙ୍କ ବାସଭବନରେ ବିଭାଗୀୟ ସଚିବଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି। ଏଥିରେ ଗ୍ରୀନ୍ ଷ୍ଟିକର୍‌କୁ ନେଇ ଥିବା ଦ୍ୱନ୍ଦ୍ୱକୁ ନେଇ ଆଲୋଚନା ହୋଇଛି। ବୈଠକ ପରେ ଗାଡ଼ିଗୁଡ଼ିକରେ ଗ୍ରୀନ୍ ଷ୍ଟିକର୍ ଲଗାଇବା ବାଧ୍ୟତାମୂଳକ ନୁହେଁ ବୋଲି ମନ୍ତ୍ରୀ କହିଛନ୍ତି। ଆରଟିଓକୁ ଗ୍ରୀନ୍ ଷ୍ଟିକର୍ ଦିଆଯିବ, ଯେଉଁମାନେ ▶ପୃଷ୍ଠା-୭

**ବାଧ୍ୟତାମୂଳକ ହେବନାହିଁ ଗ୍ରୀନ୍ ଷ୍ଟିକର**

# ଆର୍ଥିକ ଚାପ: ଘର ବୁଡ଼ି ପାଣି ଆଣ୍ଠୁଏ

## ଦରମା, ଭତ୍ତା, ମାଗଣା ଯୋଜନାରେ ଯାଉଛି ରାଜସ୍ୱର ୮୦ ପ୍ରତିଶତ

**ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ନାହିଁ**

**ମହାରାଷ୍ଟ୍ରରେ ୯୦୩ ପ୍ରକଳ୍ପ ରଦ୍ଦ**

**ଋଣ ପରିଶୋଧ ପାଇଁ ଋଣ କରୁଛନ୍ତି ରାଜସ୍ଥାନ, ପଞ୍ଜାବ, ହରିୟାଣା**

**ବିହାରକୁ ଦେବାଳିଆ କରିପାରେ ନିର୍ବାଚନ ପ୍ରତିଶ୍ରୁତି ପୂରଣ**

■ ନୂଆଦିଲ୍ଲୀ, ୩୧।୧୨ (ଏଜେନ୍ସି): ମାଗଣା ଯୋଜନା ତଥା ଫ୍ରିବିଜ ଭାରତୀୟ ଅର୍ଥନୀତିକୁ ଦୁର୍ବଳ କରିଦେଉଛି। ସୁପ୍ରିମକୋର୍ଟ ଏହାକୁ ଭୁଲ୍ କହିବା ସତ୍ତ୍ୱେ ରାଜନୈତିକ ଦଳଗୁଡ଼ିକ ମାନୁନାହାନ୍ତି। ନିର୍ବାଚନ ଜିତିବା ପାଇଁ ମାଗଣା ଘୋଷଣା ଏକ ସରଳ ଏବଂ ସହଜ ଅସ୍ତ୍ର ପାଲଟିଯାଇଛି। ଏହାଦ୍ୱାରା ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ବହୁଳ ଭାବେ ପ୍ରଭାବିତ ହେଉଛି। ରିଆତି, ମାଗଣା ବଣ୍ଟନ ଆଦି ଯୋଜନାଗୁଡ଼ିକର ପାର୍ଶ୍ୱ ପ୍ରତିକ୍ରିୟା ପାଇଁ ରାଜ୍ୟ ଗୁଡ଼ିକର ଅର୍ଥନୀତି ଭୁଶୁଡ଼ିବାରେ ଲାଗିଛି। ସ୍ଥିତି ଏଭଳି ହୋଇଛି ଯେ ଏବେ ବିଦ୍ୟୁତ, ରାସ୍ତାଘାଟ, ଗୃହ ନିର୍ମାଣ ଭଳି ବିକାଶ ମୂଳକ ଯୋଜନା ପାଇଁ ଅର୍ଥାଭାବ ଦେଖାଯାଇଛି। ରିପୋର୍ଟ ଅନୁଯାୟୀ, ରିଆତି, ଭତ୍ତା, ଦରମା ଏବଂ ସୁଧ ଦେବାରେ ରାଜ୍ୟ ଗୁଡ଼ିକର ପ୍ରାୟ ୮୦ ପ୍ରତିଶତ ରାଜସ୍ୱ ଚାଲି ଯାଉଛି। ଆଉ ବଳକା ୨୦-୨୫ ପ୍ରତିଶତରେ ଅନ୍ୟାନ୍ୟ ବ୍ୟୟ କରିବାକୁ ପଡୁଛି। କିଛି ରାଜ୍ୟଙ୍କୁ ନିଜ ଋଣ ପରିଶୋଧ ପାଇଁ ଋଣ ନେବାକୁ ବି ପଡୁଛି।

ପଞ୍ଜାବ ଅର୍ଥନୀତି ଏବେ ରସାତଳଗାମୀ ହୋଇଗଲାଣି। ଏହି ରାଜ୍ୟ ପାଖରେ ଆୟର ମାତ୍ର ୭ ପ୍ରତିଶତ ରାଶି ବଳୁଛି। ଚଳିତ ଆର୍ଥିକ ବର୍ଷ ପଞ୍ଜାବକୁ ୯୦ ହଜାର କୋଟିର ମୂଳଧନ ପରିଶୋଧ କରିବାର ଅଛି। ଏଥିପାଇଁ ବଳକା ରାଶି ସହିତ ଋଣ ପରିଶୋଧ କରିବା ପାଇଁ ବିପୁଳ ପରିମାଣର ଋଣ ନେବାକୁ ପଡ଼ିବ। ଗତ ଅକ୍ଟୋବରରେ ପଞ୍ଜାବ ସରକାର ବଜାରରୁ ୨୦ ହଜାର କୋଟିର ଋଣ ନେଇଥିଲେ। ସେହିପରି ରାଜସ୍ଥାନକୁ ଚଳିତ ଥର ୧.୫୦ ଲକ୍ଷ କୋଟିର ଋଣ ପରିଶୋଧ କରିବାକୁ ହେବ। ଏହି ରାଜ୍ୟ ୩୨ ହଜାର କୋଟିର ଋଣ ନେଇ ସାରିଛି। କିନ୍ତୁ ଋଣ ସୀମାଠାରୁ ▶ପୃଷ୍ଠା-୭



## ଦୁଇଟି 'ପ୍ରଳୟ'ର ସଫଳ ପରୀକ୍ଷଣ

■ ବାଲେଶ୍ୱର, ୩୧।୧୨ (ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଏକା ଥରକେ ତ୍ୱରିତ କ୍ରମାନ୍ୱୟରେ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ଦୁଇଟି ସର୍ଟରେଞ୍ଜ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ସଫଳ ପରୀକ୍ଷଣ ହୋଇଯାଇଛି। ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହିତ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ପ୍ରତିରକ୍ଷା ପକ୍ଷରୁ ସୂଚନା ଦିଆଯାଇଛି। ଏକ ମୋବାଇଲ ଲଂଚ୍‌ର ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି କ୍ଷେପଣାସ୍ତ୍ର ବୁଧବାର ପୂର୍ବାହ୍ନ ପ୍ରାୟ ୧୦.୩୦ରେ ଗୋଟିଏ ପରେ ଗୋଟିଏ ଉତ୍କ୍ଷେପଣ ହୋଇଥିଲା। ▶ପୃଷ୍ଠା-୭

**୧ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କ୍ଷମତା**

**୫୦୦ କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ**

# ପୁରୀ ହେଲା ମହାନଗର ନିଗମ

### ବୃଦ୍ଧି ହେଲା ବ୍ରହ୍ମପୁର ମହାନଗର ନିଗମ କଳେବର

### ଚଣ୍ଡିଖୋଲ, ଯଶୀପୁର, ବସ୍ତା, ଲୋଇସିଂହା ଏନ୍‌ଏସି

■ ଭୁବନେଶ୍ୱର, ୩୧।୧୨ (ସମିସ): ପୁରୀ ପୌରପାଳିକାକୁ ମିଳିଛି ମହାନଗର ନିଗମ ମାନ୍ୟତା। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଗତ ଜୁଲାଇ ୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀକୁ ମହାନଗର ନିଗମ ମାନ୍ୟତା ପ୍ରଦାନ କରିବା ପାଇଁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଆଧାରରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି ବିଜ୍ଞପ୍ତି ପ୍ରକାଶ ପାଇଛି। ମହାନଗର ଗଠନ ହେବା ଦ୍ୱାରା ପୁରୀ ଓ ଆଖପାଖ ଅଞ୍ଚଳରେ ବ୍ୟାପକ ଭିତ୍ତିଭୂମିର ବିକାଶ ସହ ଏକ ବୃହତ୍ ସହରାଞ୍ଚଳ ଗଠନ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ବଲାଙ୍ଗୀର ଜିଲ୍ଲାର ଲୋଇସିଂହା, ଯାଜପୁର ଜିଲ୍ଲାର ଚଣ୍ଡିଖୋଲ, ମୟୂରଭଞ୍ଜ ଜିଲ୍ଲାର ଯଶୀପୁର ଓ ବାଲେଶ୍ୱର ଜିଲ୍ଲାର ବସ୍ତାକୁ ଏନ୍‌ଏସି ମାନ୍ୟତା ମିଳିଛି। ଏହା ସହିତ ବ୍ରହ୍ମପୁର ମହାନଗର ନିଗମର କଳେବର ବୃଦ୍ଧି ସମ୍ପର୍କରେ ମଧ୍ୟ ଚିଠା ବିଜ୍ଞପ୍ତି ପ୍ରକାଶ ପାଇଛି।



### ୧୩ ଲକ୍ଷ ହିତାଧିକାରୀଙ୍କୁ ଆଶ୍ୱସ୍ତି

## ଇ-କେୱାଇସି ଅବଧି ୨ ମାସ ବଢ଼ିଲା

■ ଭୁବନେଶ୍ୱର, ୩୧।୧୨ (ସମିସ): ରାସନ କାର୍ଡ ଇ-କେୱାଇସି ଅବଧି ଆଉ ୨ ମାସ ବୃଦ୍ଧି କରିଛନ୍ତି ସରକାର। ବର୍ତ୍ତମାନ ସୁଦ୍ଧା ପ୍ରାୟ ୯୬ ପ୍ରତିଶତ ହିତାଧିକାରୀ ଇ-କେୱାଇସି କରି ସାରିଛନ୍ତି। ବାକି ଯେଉଁ ୪ ପ୍ରତିଶତ ବାକି ରହିଛନ୍ତି, ସେମାନଙ୍କ ପାଇଁ ଆଉ ୨ ମାସ ଏହି ଅବଧି ବୃଦ୍ଧି କରାଯାଇଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ବୁଧବାର ମନ୍ତ୍ରୀ କହିଛନ୍ତି ଯେ ଇ-କେୱାସି ଯୋଗୁଁ ରାସନ ପାଇବାରୁ ବଞ୍ଚିତ ନ ରୁହନ୍ତୁ ବୋଲି ସରକାର ଚାହୁଁଛନ୍ତି। ତେଣୁ ଏହି ଦୁଇ ମାସ ମଧ୍ୟରେ ବାକି ଲୋକମାନେ ଇ-କେୱାଇସି କରାଇନେବେ ବୋଲି ସରକାର ଆଶା ରଖିଛନ୍ତି।

ରାଜ୍ୟରେ ୩ କୋଟି ୨୫ ଲକ୍ଷ ୫୧ ହଜାର ୭୭୩ ଜଣ ହିତାଧିକାରୀଙ୍କ ଇ-କେୱାଇସି ଲାଗି ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏହା ଭିତରେ ୩ କୋଟି ୧୨ ଲକ୍ଷ ଲୋକ ▶ପୃଷ୍ଠା-୭







# ଆଜିଠାରୁ ବାଳମୁକୁନ୍ଦ ଦେବଙ୍କ ପ୍ରସିଦ୍ଧ ପୌଷ ପୂର୍ଣ୍ଣିମା ମେଳା



ତିଗିରିଆ,୩୧।୧୨(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅଧୀନ ମୁଣ୍ଡିପାଗୁଳି ପାହାଡରେ ଅବସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ବାଳମୁକୁନ୍ଦ ଦେବଙ୍କ ପ୍ରସିଦ୍ଧ ପୌଷ ପୂର୍ଣ୍ଣିମା ମେଳା ଆସନ୍ତା କାଲିଠାରୁ ଆରମ୍ଭ ହେବାକୁ ଯାଉଛି। ପ୍ରତ୍ୟେକ ମାସ ଭାଦ୍ରବ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥି ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରସିଦ୍ଧ ମେଳାରେ ହଜାର ହଜାର ସଂଖ୍ୟାରେ ସ୍ଥାନୀୟ ଓ ଆଖପାଖ ଅଞ୍ଚଳର ଭକ୍ତଙ୍କ ସମାଗମ ହୋଇଥାଏ। ଏହି ମେଳାର ଆସନ୍ତା କାଲି ପ୍ରଥମ ଦିବସରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଅଧିବାସ ଓ ଭାଗବତ ପାରାୟଣ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିନରେ ଭାଗବତ ପାରାୟଣ ଓ ଅନ୍ତିମ ଦିବସରେ ଭାଗବତ ପାରାୟଣ ସହ ଗୀତା ଯଜ୍ଞ ଅନୁଷ୍ଠିତ ହୋଇ ଶେଷରେ ପୂର୍ଣ୍ଣାହୁତି ସହ ଚଳିତ ବର୍ଷର ମେଳା ସମାପ୍ତ ହେବ ବୋଲି ଶ୍ରୀଶ୍ରୀ ବାଳମୁକୁନ୍ଦ ପୀଠ ଉନ୍ନୟନ ପରିଷଦର କର୍ମକର୍ତ୍ତାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହିତ ମେଳା ତିନିଦିନରେ ମନ୍ଦିର ପରିସରରେ ଭଜନ କୀର୍ତ୍ତନ ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।

# ଧର୍ମପରାୟଣାଙ୍କ ପରଲୋକ

ସାଲେପୁର,୩୧।୧୨(ସମିସ): ଲୁଣାହାର ଗ୍ରାମର ଆଇନଜୀବୀ ସ୍ୱର୍ଗତ ମହେନ୍ଦ୍ର ମହାପାତ୍ରଙ୍କ ପତ୍ନୀ ବାସନ୍ତୀ କୁମାର ଦେବୀଙ୍କର ୭୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ କାରଣରୁ ଦୀର୍ଘଦିନ ଧରି ଅସୁସ୍ଥ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଦେବେନ୍ଦ୍ର ମହାପାତ୍ର, ଝିଅ ସାଗରିକା ମହାପାତ୍ର, ସାନ ଝିଅ ନିହାରିକା ମହାପାତ୍ର, ନାତି ଓମ୍‌ପ୍ରକାଶ ମହାପାତ୍ର, ରାଜୀବ ରଞ୍ଜନ ପାଣିଗ୍ରାହୀ, ଜ୍ୱାଇଁ ପ୍ରଦୀପ ଦ୍ୱିବେଦୀ, ପୁତ୍ରବଧୂ ପୂର୍ଣ୍ଣିମା ପଣ୍ଡା, ନାତୁଣୀ ରାଜଲକ୍ଷ୍ମୀ ମହାପାତ୍ର ଓ ବନ୍ଧୁ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ଜଣେ ଧର୍ମପରାୟଣ ସମାଜସେବୀ ମହିଳା ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ଦେବେନ୍ଦ୍ର ମହାପାତ୍ର ତାଙ୍କୁ ମୁଖାଗ୍ନି ଦେଇଥିଲେ।

## ଚାଷୀ ମୁଣ୍ଡରେ ଚଡ଼କ

# ହାତୀପଲ ନଷ୍ଟ କରିଦେଲେ କାକୁଡ଼ି ଫସଲ



ତିଗିରିଆ,୩୧।୧୨(ସମିସ): ବନ ବିଭାଗର ଅବହେଳା ଓ ହାତୀଙ୍କ ଉପଦ୍ରବ ଯୋଗୁଁ ପୁଣିଥରେ ଚାଷୀ ସର୍ବସ୍ୱାନ୍ତ ହୋଇଛି। ତିଗିରିଆ ବ୍ଲକ ଅନ୍ତର୍ଗତ ଅଚଳକୋଟ ପଞ୍ଚାୟତ ମୁଣ୍ଡିଆ ସାହିର ବାସିନ୍ଦା ଭାସ୍କର ଜେନା (୫୦)ଙ୍କ କାକୁଡ଼ି ବିଲରେ ଦୁଇଟି ବଣୁଆ ହାତୀ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛନ୍ତି। ଗତ ରବିବାର ଓ ସୋମବାର ବିଳମ୍ବିତ ରାତିରେ ହାତୀ ଦ୍ୱୟ ଫସଲ ଖାଇବା ସହ ବିଲକୁ ଦଳି ଚକଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଚାଷୀ ଭାସ୍କର ଜେନା ନିଜର ୫ ଗୁଣ୍ଠ ଜମିରେ ପ୍ରାୟ ୧୨ ହଜାର ଟଙ୍କା ଖର୍ଚ୍ଚ କରି କାକୁଡ଼ି ଚାଷ କରିଥିଲେ। ଫସଲ ଅମଳ ସମୟ ହୋଇଥିବା ବେଳେ ଦୁଇଟି ଜଙ୍ଗଲୀ ହାତୀ ପ୍ରାୟ ସାଢ଼େ ୩ ଗୁଣ୍ଠ ଜମିର ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଫଳରେ ଭାସ୍କରଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ସୂଚନା ମୁତାବକ, ପୂର୍ବରୁ ଅଞ୍ଚଳରେ ଦୁଇଟି ହାତୀ ଘୁରି ବୁଲୁଥିବା ବେଳେ ଏବେ ଆଉ ୫ଟି ନୂଆ ହାତୀ ସେମାନଙ୍କ ସହ ସାମିଲ ହୋଇଛନ୍ତି। ବନ ବିଭାଗ ପକ୍ଷରୁ ଠିକ୍ ଭାବେ ରାତ୍ରି ପାଟ୍ରୋଲିଂ କରାଯାଉ ନ ଥିବାରୁ ହାତୀମାନେ ଜନବସତି ମୁହାଁ ହେଉଛନ୍ତି। କ୍ଷତିଗ୍ରସ୍ତ ଚାଷୀ ଭାସ୍କର ଏ ସମ୍ପର୍କରେ ତିଗିରିଆ ବନ ବିଭାଗକୁ ଜଣାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ଅଧିକାରୀ କ୍ଷୟକ୍ଷତିର ଆକଳନ ପାଇଁ ପହଞ୍ଚି ନାହାନ୍ତି। ହାତୀ ଭୟରେ ଅଞ୍ଚଳବାସୀ ଏବେ ଚାଷ ପ୍ରତି ବିମୁଖ ହେଉଛନ୍ତି। ବନ ବିଭାଗ ତୁରନ୍ତ ଭାସ୍କରଙ୍କ କ୍ଷୟକ୍ଷତିର ସଠିକ୍ ଆକଳନ କରି ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରୁ ଏବଂ ରାତ୍ରି ପାଟ୍ରୋଲିଂ କଡ଼ାକଡ଼ି କରି ଜନସାଧାରଣଙ୍କ ଧନଜୀବନ ରକ୍ଷା କରୁ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଶିବପ୍ରସାଦ ମହାନ୍ତି ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ



ତିଗିରିଆ,୩୧।୧୨(ସମିସ): ତିଗିରିଆ ବ୍ଲକ ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ ଅମୁଣିଆ ସାହି ଗ୍ରାମର ମା ମଙ୍ଗଳା କ୍ରିକେଟ କ୍ଲବ ଆନୁକୂଲ୍ୟରେ ପ୍ରଥମ ଶିବପ୍ରସାଦ ମହାନ୍ତି ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦଘାଟିତ ହୋଇଯାଇଛି। ୮ଟି ଦଳକୁ ନେଇ ଗ୍ରାମ ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚରେ ମହୁଲଡ଼ିପ କ୍ରିକେଟ କ୍ଲବ ବଡଭୂଇଁ କ୍ରିକେଟ କ୍ଲବକୁ ୬୯ ରନରେ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମହୁଲଡ଼ିପ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୯ଟି ୱିକେଟ ହରାଇ ୧୪୧ ରନ ସଂଗ୍ରହ କରିଥିଲେ। ଜବାବରେ ବଡଭୂଇଁ ଦଳ ମାତ୍ର ୮.୫ ଓଭରରେ ସମସ୍ତ ୱିକେଟ ହରାଇ ୭୨ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଉଦଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ସାଇରାମ ମହାନ୍ତି ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ସାରଦା ପ୍ରସାଦ ପଣ୍ଡା ଓ ମାତୃ ପ୍ରସାଦ ସେନାପତି ପରିଚାଳନା କରିଥିବା ବେଳେ ଚନ୍ଦନ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ।

# ମହାନାୟକ ଖଣ୍ଡାୟତ ସଭାର ବରିଷ୍ଠ କର୍ମୀଙ୍କ ଶ୍ରଦ୍ଧାଞ୍ଜଳି ସଭା



ତିଗିରିଆ,୩୧।୧୨(ସମିସ): ମହାନାୟକ ଖଣ୍ଡାୟତ ସଭା ତିଗିରିଆ ରାଜ୍ୟର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ନାୟକଙ୍କ ଏକାଦଶାହ ଅବସରରେ ତିଗିରିଆ ମହାନାୟକ ଖଣ୍ଡାୟତ ରାଜ୍ୟ ତରଫରୁ ପାଇକିଆଁରା ଗ୍ରାମ ଗୋଡିସାହି ସ୍ଥିତ ବାସଭବନ ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତିଗିରିଆ ରାଜ୍ୟର ସଭାପତି କବିଚନ୍ଦ୍ର ପରିଡା ଓ ସମ୍ପାଦକ ଦୁର୍ଯ୍ୟୋଧନ ବସ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଉପସ୍ଥିତ ସମସ୍ତ ଅତିଥି ଓ କର୍ମକର୍ତ୍ତା ସର୍ବପ୍ରଥମେ ସ୍ୱର୍ଗତ ନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସ୍ୱର୍ଗତ ନାୟକଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ପରେ ସମସ୍ତ ଅତିଥି ଓ କର୍ମକର୍ତ୍ତା ସ୍ୱର୍ଗତ ନାୟକଙ୍କର ମହାନାୟକ ଖଣ୍ଡାୟତ ସଭା ପାଇଁ ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ବାଙ୍କୀ ରାଜ୍ୟ ମହାନାୟକ ଖଣ୍ଡାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ବାଙ୍କୀ ବ୍ଲକ ତେନ୍ତୁଳିଆ ଗ୍ରାମ ସଭାପତି ଲକ୍ଷ୍ମୀଧର ରାଉତ, ପୁରୁଣା ତିଗିରିଆ ଗ୍ରାମ ସମ୍ପାଦକ ଲକ୍ଷ୍ମଣ ମାଝୀ, ଗ୍ରାମ୍ୟ କମିଟି ସଭ୍ୟ ଅଜାତି ପରିଡା, ଭରତ ଚନ୍ଦ୍ର ନାୟକ, ଚଷାଆଁରା ଗ୍ରାମର ମୁରବୀ ବିମ୍ବାଧର ସ୍ୱାଇଁ, ପାଇକିଆଁରା ଗ୍ରାମର ସଭାପତି ପରେଶ ନାୟକ, ସମ୍ପାଦକ ଦିବାକର ପ୍ରଧାନ, ସଭ୍ୟ ମନ୍ଦରଧର ନାୟକ ଓ କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସମାଜସେବୀ ସନ୍ତୋଷ ନାୟକ ଧନ୍ୟବାଦ ଦେଇଥିଲେ।

# ହରିଜନ ମହାପୁରୁଷଙ୍କ ଜନ୍ମବାର୍ଷିକୀ



ସାଲେପୁର,୩୧।୧୨(ସମିସ): ହରିଜନ ମହାପୁରୁଷଙ୍କ ଜନ୍ମବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସାଲେପୁର ବ୍ଲକ୍ ପିକୋଳ ପଞ୍ଚାୟତର ଲଙ୍ଗଳଧୁଆଠାରେ ଥିବା ମହାପୁରୁଷଙ୍କ ସମାଧି ପୀଠରେ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ମହାପୁରୁଷଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି। ହରିଜନ ମହାପୁରୁଷ ୧୩୫୭ ସାଲରେ ଜନ୍ମଗ୍ରହଣ କରିଥିବାବେଳେ ସେ ଜଣେ ସଂସାରତ୍ୟାଗୀ ସାଧୁ ଭାବେ ଜୀବନଯାପନ କରୁଥିଲେ। ସାଧାରଣ ଲୋକଙ୍କ ସମସ୍ତ ରୋଗବ୍ୟାଧି ନିରୋଗ କରିଦେଉଥିବାର ଲୋକଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ। ତାଙ୍କର ଜନ୍ମପୀଠ ମହାନଦୀ କୂଳ କିଶୋରନଗର ଅଞ୍ଚଳ ବୋଲି କେତେକ ଭକ୍ତଙ୍କ ଠାରୁ ଶୁଣିବାକୁ ମିଳୁଥିବାବେଳେ ସେ ଲଙ୍ଗଳଧୁଆ ଠାରେ ପୁଷ୍ୟ ଏକାଦଶୀ ତିଥିରେ ଦେହତ୍ୟାଗ କରିଥିବାରୁ ଉକ୍ତ ଦିନ ଠାରୁ ଲଙ୍ଗଳଧୁଆ ଗ୍ରାମରେ ତାଙ୍କର ସମାଧି ପ୍ରତିଷ୍ଠା କରାଯାଇ ସେହି ଦିନ ଠାରୁ ପୂଜାର୍ଚ୍ଚନା କରିଆସୁଅଛନ୍ତି। ଏହି ମହାପୁରୁଷଙ୍କ ପୀଠରେ ଯିଏ ଯାହା ମାନସିକ କରିଥାନ୍ତି, ତାହା ପୂରଣ ହୋଇଥାଏ ବୋଲି ବହୁ ଭକ୍ତମାନେ ପ୍ରକାଶ କରିଛନ୍ତି। ମହାପୁରୁଷଙ୍କ ପୀଠରେ ହୋମ ଆହୁତି ହେବା ସହ ଭଜନକୀର୍ତ୍ତନ, ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏଥିରେ ଲଙ୍ଗଳଧୁଆ ଗ୍ରାମ ସମେତ ଆଖପାଖ ଗ୍ରାମର ମହାପୁରୁଷଙ୍କ ଭକ୍ତମାନେ ସାମିଲ ହୋଇଥିଲେ।

# କାକୁଡ଼ିଆକୁ ପରାସ୍ତ କରି କାଠଖୁଣ୍ଟ ଚାମ୍ପିଅନ



ନରସିଂହପୁର,୩୧।୧୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ କାଠଖୁଣ୍ଟ କ୍ରିକେଟ କ୍ଲବ ଆନୁକୁଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଉଦଯାପିତ ହୋଇଛି। ଆୟୋଜିତ ମ୍ୟାଚରେ କାକୁଡିଆ ଓ କାଠଖୁଣ୍ଟ ମଧ୍ୟରେ କ୍ରିକେଟ୍ ପ୍ରଦର୍ଶନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କାଠଖୁଣ୍ଟ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୮ ୱିକେଟ୍ ହରାଇ ୮୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଓଡିଶିଙ୍ଗା କ୍ରିକେଟ୍ କ୍ଲବ ୯ ଓଭର ୪ଟି ବଲରେ ତାର ସମସ୍ତ ୱିକେଟ୍ ହରାଇ ୬୦ ରନ କରି ପରାଜିତ ହୋଇଥିଲା। ଆଜିର ଏହି କ୍ରିକେଟ୍ ପ୍ରଦର୍ଶନୀ ମ୍ୟାଚରେ ମୁଖ୍ୟ ଅତିଥିଭାବେ ବ୍ଲକ ବିଜୁ ଯୁବ ଜନତା ଦଳ ସଭାପତି ନିର୍ମଳ ଜେନା, ସମ୍ମାନୀତ ଅତିଥିଭାବେ କାଠଖୁଣ୍ଟ ଗ୍ରାମର ସଭାପତି ଦୈତାରୀ ରାଉତ ଯୋଗଦାନ କରିଥିଲେ। ଆୟୋଜିତ ଦଳର ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ଖେଳକୁ ପରିଚାଳନା କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ସ୍ମୃତିସଭା



ନିଶ୍ଚିନ୍ତକୋଇଲି,୩୧।୧୨(ସମିସ): ଦାଉଦପୁର ପଞ୍ଚାୟତ ନଇଗୁଆଁ ସ୍ଥିତ ଭାସ୍କରମଣ୍ଡପରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ନିଶ୍ଚିନ୍ତକୋଇଲି ବ୍ଲକର ପ୍ରଥମ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ୩୬ତମ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଛି। ଏହି ଅବସରରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ବ୍ଲକ ପରିସରର ଥିବା ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଇନଜୀବୀ ଅମରେନ୍ଦ୍ର ନାରାୟଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଶ୍ରୀ ପ୍ରଧାନ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ମନ୍ତ୍ରୀତ୍ୱ ସମୟରେ ସେ ଦ୍ୱୀପାଞ୍ଚଳରେ ବହୁ ବିକାଶମୂଳକ କାର୍ଯ୍ୟ କରିଥିବା ବେଳେ ରାଜ୍ୟରେ ଜଣେ ଉତ୍କର୍ଷ ମନ୍ତ୍ରୀ ଭାବେ ଖ୍ୟାତି ଅର୍ଜନ କରି ବେଶ୍ ଲୋକପ୍ରିୟ ହୋଇଥିଲେ ବୋଲି ପ୍ରକାଶ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନୃସିଂହ ମିଶ୍ର, ଆତ୍ମା ସଭାପତି ଅଶୋକ ସାହୁ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, ରବୀନ୍ଦ୍ର ତ୍ରିପାଠୀ, ସରପଞ୍ଚ ଲଳିତେନ୍ଦୁ ବିଶୋଇ, ସମିତିସଭ୍ୟ ଆଶିଷ ମହାନ୍ତି, ପ୍ରଫୁଲ୍ଲ ସାହୁ, ସରପଞ୍ଚ ପ୍ରଦୀପ୍ତ ପରିଡ଼ା, ଅନୀଲ ଦଳାଇ, ରମେଶଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ଚାଷୀ ମନ୍ଦରଧର ସେନ୍‌ଙ୍କୁ ସୁରେନ୍ଦ୍ର ପଟ୍ଟନାୟକ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଇଥିଲା। ଶେଷରେ ମଣ୍ଡଳ ସଭାପତି ବିନୋଦ ସାମଲ ଧନ୍ୟବାଦ ଦେଇଥିଲେ।

# ୨୦୦୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

ସାଲେପୁର,୩୧।୧୨(ସମିସ): ବଟଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟ ୨୦୦୩ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀମାନଙ୍କ ଏକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ୍ ବାସୁଦେବପୁର ଗ୍ରାମରେ ବଟଗୋସ୍ୱାମୀ ଉଚ୍ଚ ବିଦ୍ୟାଳୟର ୨୦୦୩ ମସିହା ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ରାମେଶ୍ୱର ପାହାଡ଼ରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବହୁ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶ ଦାଶ, ସିଦ୍ଧାନ୍ତ ରଞ୍ଜନ ପତି, କେଦାର ନାୟକ, ଜନ୍ମେଜୟ ମହାରଣା, ଅର୍ଚ୍ଚନା ଦାଶ, ନିରୂପମା ମହାନ୍ତି, ହରେନ ଦତ୍ତ, ନିରୂପମା ତ୍ରିପାଠୀ, ଚନ୍ଦନା ଗାହଣ, ବିଭୂତିଭୂଷଣ ମହାନ୍ତି, ଅଜୟ ସାହୁ, ପୁନାନନ୍ଦ ବେହେରା, ଜନ୍ମେଜୟ ପାତ୍ର, ରଘୁନାଥ ପାତ୍ର, ସନ୍ତୋଷ ପାତ୍ରଙ୍କ ସମେତ ଛାତ୍ରଛାତ୍ରୀ ଏକତ୍ରିତ ହୋଇ ଚାରାରୋପଣ କରିଥିଲେ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

ବଡମ୍ବା,୩୧।୧୨(ସମିସ): ବଡ଼ମ୍ବା ବ୍ଲକ ଗୋପିନାଥପୁର ପଞ୍ଚାୟତ ଅଧୀନ ଚଣ୍ଡୀମଙ୍ଗଳ ଗ୍ରାମର ଧର୍ମପରାୟଣା ମହିଳା ନିଆଶା ବସ୍ତି (୬୪)ଙ୍କ ବୁଧବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ ରୋଗଶଯ୍ୟାରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତେଷ୍ଟି କ୍ରିୟା ସଂପାଦିତ ହୋଇଛି। ବଡ଼ପୁଅ ପ୍ରଦିପ ବସ୍ତି ମୁଖାଗ୍ନି ଦେଇଥିଲେ।

## ମା ମହାଶ୍ୟାମଳା କ୍ରିକେଟ ପ୍ରତିଯୋଗିତା

# ମାନପୁର କ୍ରିକେଟ କ୍ଲବ୍‌କୁ ହରାଇ ଫାଇନାଲରେ ବାସୁଦେବପୁର



ତିଗିରିଆ,୩୧।୧୨(ସମିସ): ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ବଢେଇ ଚବକା ଖେଳ ପଡିଆରେ ଚାଲିଥିବା ୪୨ତମ ମା ମହାଶ୍ୟାମଳା କ୍ରିକେଟ ପ୍ରତିଯୋଗିତାର ବୁଧବାର ଆୟୋଜିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ବାସୁଦେବପୁର କ୍ରିକେଟ କ୍ଲବ ମାନପୁର କ୍ରିକେଟ କ୍ଲବକୁ ୧୦ ରନରେ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ବାସୁଦେବପୁର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୧୨୪ ରନ ସଂଗ୍ରହ କରିଥିଲା। ଜବାବରେ ମାନପୁର ଦଳ ନିର୍ଦ୍ଧାରିତ ୧୪.୨ ଓଭର ସମସ୍ତ ୱିକେଟ୍ ହରାଇ ମାତ୍ର ୧୧୪ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବାସୁଦେବପୁର ଦଳର ସୁନୀଲ ୩୧ ବଲରେ ଆକର୍ଷଣୀୟ ୬୪ ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ୍ ରୂପେ ପୁରସ୍କୃତ ହୋଇଥିଲେ। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ସମାଜସେବୀ ଗୋବର୍ଦ୍ଧନ ଜେନା ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଶ୍ରୀମୟ ପ୍ରଧାନ ଓ ନବକିଶୋର ମଲ୍ଲିକ ପରିଚାଳନା କରିଥିବା ବେଳେ ହେମନ୍ତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

# ବାଲିଝରୀ ମହାଲକ୍ଷ୍ମୀ ପୂଜା ମହୋତ୍ସବର ସମୀକ୍ଷା ବୈଠକ



ନରସିଂହପୁର,୩୧।୧୨(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିଝରୀ ସର୍ବପୁରାତନ ମା ମହାଲକ୍ଷ୍ମୀ ପୂଜା ମହୋତ୍ସବ ୨୦୨୫ର ସମୀକ୍ଷା ବୈଠକ ସ୍ଥାନୀୟ ଗ୍ରାମଦେବତୀ ମା ଗୁହାଳଦେଇଙ୍କ ମନ୍ଦିର ସ୍ଥିତ ପଡ଼ିଆରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ସଞ୍ଜୟ ନାୟକ, ସମିତିସଭ୍ୟ ମହେଶ୍ୱର ସେଠୀ, ବାଲିଝରୀ ଗ୍ରାମ୍ୟକମିଟିର ସଭାପତି ଫକିର ଚରଣ ରାଉତ, ଶ୍ୟାମସୁନ୍ଦରପୁର ପାଇକ ସାହିର ସମ୍ପାଦକ ସୁଶାନ୍ତ ନାୟକ, ଶ୍ୟାମସୁନ୍ଦରପୁର ମଙ୍ଗଳପୁର ପୂଜା କମିଟିର ବରିଷ୍ଠ ନାଗରିକ ଭୀମସେନ ନାୟକ, ମହୋତ୍ସବ କମିଟିର ଉପଦେଷ୍ଟା ଯୋଗୀନାଥ ନାୟକ, ଉପଦେଷ୍ଟା ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଷ୍ଣୁ ଚରଣ ସ୍ୱାଇଁ, ତ୍ରିନାଥ ବଜାର ବଣିକ ସଂଘ ସଭାପତି ପ୍ରାଣକୃଷ୍ଣ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହିଥିଲେ। ସରୋଜ ଜେନା ମଞ୍ଚ ସଞ୍ଚାଳନ କରିଥିଲେ। ଉଭୟ ଗ୍ରାମର ଜନସାଧାରଣ ବିପୁଳ ସଂଖ୍ୟାରେ ଯୋଗଦାନ କରିଥିଲେ। ଉପସ୍ଥିତ ଜନତାଙ୍କୁ ନେଇ ସମୀକ୍ଷା ବୈଠକରେ ସାମିଲ କରାଯାଇଥିଲା। ଚଳିତ ବର୍ଷ ଯାତ୍ରାରେ ସମୁଦାୟ ଅର୍ଥ ଆଦାୟ ହେଇଥିବା ବେଳେ ବ୍ୟୟ ବାବଦ ସମ୍ପର୍କରେ ଆଲୋଚନା ହୋଇଥିଲା ବୋଲି ଯାତ୍ରା କମିଟିର କାର୍ଯ୍ୟକାରୀ ସମ୍ପାଦକ ନିହାର ରଞ୍ଜନ ସ୍ୱାଇଁ ସଂପାଦକୀୟ ପାଠ କରିବା ସହିତ ସମସ୍ତ ବିବରଣୀ ଦେଇଥିବା ସହିତ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ।

# ଗୋବନ୍ଧ୍ୟା ନିରାକରଣ ଓ ସ୍ୱାସ୍ଥ୍ୟ ସେବା ଶିବିର

ନିଶ୍ଚିନ୍ତକୋଇଲି,୩୧।୧୨(ସମିସ): ବଡକ୍ଷୀର ପଞ୍ଚାୟତସ୍ଥିତ ଗୋପୀନାଥଜୀଉ ମନ୍ଦିର ପ୍ରାଙ୍ଗଣରେ ମା' ବିଂଶଭୂଜା ଦୁଗ୍ଧ ଉତ୍ପାଦକ ମହିଳା ସମବାୟ ସମିତି ଆନୁକୂଲ୍ୟରେ ବୁଧବାର ଦିନ ଗୋବନ୍ଧ୍ୟା ନିରାକରଣ ଓ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏହି ଅଞ୍ଚଳର ୫୦ ଜଣ ଅଗ୍ରଣୀ ଗୋପାଳକଙ୍କ ଗାଇଗୋରୁଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଗୋବନ୍ଧ୍ୟା ନିରାକରଣ ସଚେତନତା କାର୍ଯ୍ୟକ୍ରମରେ ସମିତିର ପରିଚାଳକ ସମାଜସେବୀ ପ୍ରତାପ ସିଂହଙ୍କ ପୌରହିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ ବେଉରା, ଅତିରିକ୍ତ ମଣ୍ଡଳ ଗୋଚିକିତ୍ସାଧିକାରୀ ରଶ୍ମି ରଞ୍ଜନ ମିଶ୍ର, ପରିବେଶବିତ ପ୍ରମୋଦ ଦାଶ, ମାହାଙ୍ଗା ଓମ୍‌ଫେଡ୍‌ର ମାର୍ଗ ତତ୍ତ୍ୱାବଧାରକ ସାନ୍ତନୁ ଶତପଥି, ପ୍ରଜନନ ନିରୀକ୍ଷକ ସୀତାଂଶୁ ଶେଖର ମହାପାତ୍ର, ଗୋଧନ ନିରୀକ୍ଷକ ପିତାମ୍ବର ପାତ୍ର ପ୍ରମୁଖ ଯୋଗଦାନ କରି ଗୋବନ୍ଧ୍ୟା ନିରାକରଣ ପ୍ରକ୍ରିୟା ଏବଂ ଉତ୍ତମ ଗୋପାଳନ ସଂକ୍ରାନ୍ତରେ ମାର୍ଗଦର୍ଶନ କରି ସଚେତନତା କରାଇଥିଲେ। ଶେଷରେ ସମାଜସେବିକା ଅମ୍ରିତା ସିଂହ ଧନ୍ୟବାଦ ଦେଇଥିଲେ।



ଇନ୍ଦିପୁର ଅଷ୍ଟମ ସିବିଟକ୍ସ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

# ଗାଗରାଇ ଏଣ୍ଡ ଗାଗରାଇ ଚାମ୍ପିଅନ୍



କୋଇଡ଼ା,୩୧।୧୨(ସମିସ): କୋଇଡା ବ୍ଲକ୍ ମାଲଦା ପଞ୍ଚାୟତ ବଣ ପାହାଡ ଜଙ୍ଗଲ ଘେରା ଇନ୍ଦିପୁର ଫୁଟବଲ୍ ପଡିଆଠାରେ ସିବିଟକ୍ସ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣ ମା' କୌଶଲ୍ୟା ଭିଲେଜ୍ କମିଟି ( ଏମକେଭିସି) ଆନୁକୂଲ୍ୟରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ମୋଟ ୧୬ ଗୋଟି ଦଳ ଅଂଶଗ୍ରହଣ କରିଥିବା ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ଗାଗରାଇ ଏଣ୍ଡ ଗାଗରାଇ ଓ ଜୁନିୟର ନାଇନ ଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଗାଗରାଇ ଏଣ୍ଡ ଗାଗରାଇ ଦଳ ୧-୦ ଗୋଲ୍‌ରେ ବିଜୟ ଲାଭ କରି ଚଳିତବର୍ଷ ଚାମ୍ପିଅନ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ ଓ ଅନ୍ୟ ଅତିଥି ମଧ୍ୟରେ ରୁଙ୍ଗଟା କାର୍ମିକ ବିଭାଗ ଅଧିକାରୀ ଉଜ୍ଜ୍ୱଳ କୁମାର ମଲ୍ଲିକ, ତହସିଲ ବରିଷ୍ଠ ଅଧିକାରୀ ନରେନ୍ଦ୍ର କିଶାନ, କେୟୁଜେ ସମ୍ପାଦକ ଅବିନାଶ ଶର୍ମା, ଗୋପାଳ ସମାଜ ସଭାପତି ମିତ୍ରଭାନୁ ପଲେଇ, ବୁଧୁ ପାତ୍ର, ପ୍ରଫୁଲ୍ଲ ବାରିକ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ୭୧,୧୧୧ ନଗଦ ସହ ଟ୍ରଫି, ଉପବିଜେତା ଦଳକୁ ୫୧,୧୧୧ ନଗଦ ସହ ଟ୍ରଫି, ତୃତୀୟ ଓ ଚତୁର୍ଥସ୍ଥାନଅଧିକାରଦଳକୁ୧୫,୧୧୧ନଗଦସହ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି, ଗୋଲକିପର, ଡିଫେଣ୍ଡରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କୋଇଡା ଫୁଟବଲ୍ ଆସୋସିଏସନ ସଭାପତି ଦିଲିପ ପାତ୍ର ତତ୍ତ୍ୱାବଧାନରେ ଏମ୍‌କେଭିସି ଇନ୍ଦିପୁର କ୍ଲବ୍ ସଭାପତି ପୂର୍ଣ୍ଣ ଚନ୍ଦ୍ର ବାରିକ, ସମ୍ପାଦକ ଜଗନ୍ନାଥ ବାରିକ, ପ୍ରତାପ ମହାରଣା ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ଭାଷ୍ୟକାର କ୍ଷୀରୋଦ ଗିରି ଧାରା ବିବରଣୀ ପ୍ରଦାନ କରିଥିଲେ।













୪୪ତମ ଜୁନିୟର ଜାତୀୟ ଖୋ ଖୋ ଚାମ୍ପିଅନସିପ୍

## ଓଡ଼ିଶା ଦଳରେ ଖେଳିବେ ସମୀର

ରାଉରକେଲା,୩୧।୧୨(ସମିସ): ସର୍ବ ଭାରତୀୟ ଖୋ ଖୋ ମହାସଂଘ ଆନୁକୂଲ୍ୟରେ କର୍ଣ୍ଣାଟକ ରାଜ୍ୟ ବେଙ୍ଗାଲୁରୁ ଗୁଞ୍ଜୁରଠାରେ ଡିସେମ୍ବର ୩୧ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ୧୮ ବର୍ଷରୁ କମ ବୟସର ବାଳକ ଓ ବାଳିକା ପାଇଁ ୪୪ତମ କନିଷ୍ଠ ଜାତୀୟସ୍ତର ଖୋ ଖୋ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ଚାମ୍ପିଅନସିପ୍‌ରେ ଓଡ଼ିଶା ବାଳକ ଦଳ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲାର ସମୀର ଖାଲଖୋ ଅଂଶ ଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସମୀର ହେଉଛନ୍ତି ନୂଆଗାଁ ବ୍ଲକ୍ କେଇଲା ଟୋଲି ସୋରଡା ଗାଁର କିଣ୍ଟୁ ଖାଲଖୋ ଓ ବିର୍ଶି ଖାଲଖୋଙ୍କ ପୁଅ। ଗତ ନଭେମ୍ବର ୨୭ ରୁ ଡିସେମ୍ବର୧ ତାରିଖରେ ପୁରୀ ଜିଲ୍ଲା ତାଳବଣିଆ ସ୍ଥିତ ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସଠାରେ ଆୟୋଜିତ ଆନ୍ତଃଜିଲ୍ଲା ୧୩ତମ ରାଜ୍ୟସ୍ତରୀୟ କନିଷ୍ଠ ଖୋ ଖୋ ଚାମ୍ପିଅନ୍‌ସିପ୍‌ରେ ସୁନ୍ଦରଗଡ ଜିଲ୍ଲା କ୍ରୀଡା ସଂସଦ ଦ୍ୱାରା ଗଠିତ ଦଳ ଜିଲ୍ଲା ଦଳରେ ପ୍ରତିନିଧିତ୍ୱ କରି କାଂସ୍ୟ ପଦକ ବିଜେତା ହୋଇଥିଲେ। ରାଜ୍ୟସ୍ତରୀୟ ଖୋ ଖୋ ରେଫରି ତଥା ପ୍ରଶିକ୍ଷକ ଅନିଲ ସାହୁଙ୍କ ନେତୃତ୍ୱରେ କ୍ରୀଡା ଅଭ୍ୟାସ ସମୀର ଜାରି ରଖିଛନ୍ତି। ଗୋଟିଏ ବର୍ଷ ଧରି ଓଡ଼ିଶା ଏଏମ୍/ଏନ୍‌ଏସ୍ ଭାରତ ଖୋ ଖୋ ଉଚ୍ଚ ପ୍ରଦର୍ଶନ କେନ୍ଦ୍ର (ଏଚ୍‌ପିସି) ପୁରୀରେ ରହି ଖେଳ ଅଭ୍ୟାସ କରୁଛନ୍ତି। ସମୀରଙ୍କୁ ଏହି ସଫଳତା ପାଇଁ ନୂଆଗାଁ ବିଡ଼ିଓ ଜ୍ୟୋତି ବିକାସ ଦାସ, ଜିଲ୍ଲା କ୍ରୀଡା ସଂସଦ ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, ଖୋ ଖୋ ସମ୍ପାଦକ ଅକ୍ଷୟ ନାୟକ, ପ୍ରଶାନ୍ତ କୁମାର ପଟେଲ, ସହସମ୍ପାଦକ ଜୟଦେବ ପାତ୍ର, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାୟକ ଶୁଭେଚ୍ଛା ଜଣାଇଛନ୍ତି।



## ହକି ଟୁର୍ଣ୍ଣାମେଣ୍ଟ: ଉର୍ମେଇ ଗୀର୍ଜାଟୋଲୀ ଚାମ୍ପିଅନ୍

ରାଉରକେଲା,୩୧।୧୨(ସମିସ): ସୁନ୍ଦରଗଡ଼ ଜିଲ୍ଲାର ନୂଆଗାଁ ବ୍ଲକ୍ ଉର୍ମେଇଠାରେ ଆୟୋଜିତ ନକ୍ ଆଉଟ ହକି ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତୀର୍କୀ, ସମ୍ମାନିତ ଅତିଥି ଭାବରେ ନୂଆଗାଁ ବ୍ଲକ୍ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉର୍ମେଇ ପଞ୍ଚାୟତ ତରଫରୁ ଆୟୋଜିତ ଏହି ହକି ଟୁର୍ଣ୍ଣାମେଣ୍ଟରେ ମୋଟ ୧୭ ଟି ଦଳ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ମଙ୍ଗଳବାର ହୋଇଥିଲା। ଉର୍ମେଇ ଗୀର୍ଜାଟୋଲୀ ଓ କୁଲାଗଜ ଗୀର୍ଜାଟୋଲୀ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଉର୍ମେଇ ଗୀର୍ଜାଟୋଲୀ ୧-୦ ଗୋଲରେ ବିଜୟୀ ହୋଇ ଚାମ୍ପିଅନ୍ ହୋଇଥିଲା। ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ ସୁନୀଲ ଟପ୍ପୋ ହୋଇଥିବା ବେଳେ ମ୍ୟାନ ଅଫ୍ ଦି ସିରିଜ ବିଲକାନ ବେକ୍ ହୋଇଥିଲେ। ବିଜେତା, ଉପବିଜେତା ତଥା ମ୍ୟାନ ଅଫ ଦି ମ୍ୟାଚ ଏବଂ ସିରିଜ ପ୍ରାପ୍ତ ଖେଳାଳିଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଉର୍ମେଇ ସରପଞ୍ଚ ବିର୍ସା ଓରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମ୍ୟାଚରେ ଅନ୍ୟମାନଙ୍କ ମଧ୍ୟରେ ଚିତାପେଡି ସରପଞ୍ଚ ଏତ ଖାଖା, ବଡ଼ ଯୋଜଦା ସରପଞ୍ଚ ବିର୍ସା ଭେଙ୍ଗରା, ଅଙ୍କୁରପାଲି ସରପଞ୍ଚ ସୁଶୀଲ ଟପ୍ପୋ, ସରପଞ୍ଚ ଥେଓପିଲ ତୀର୍କୀ, ବାଗଡେଗା ସରପଞ୍ଚ ମହେଶ୍ୱର ଏକ୍କା, ଉରମେଇ ସମିତି ସଭ୍ୟ ଶିବାନ୍ତି ଏକ୍କା, ନୂଆଗାଁ ବିଜେଡି ସଭାପତି ପ୍ରକାଶ ସାହୁ, ବିନୋଦ ସାହୁ, ପ୍ରଦୀପ ସାହୁ, ରବି ନନ୍ଦ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।












# କଟକ ସିଟି



# ବାରଙ୍ଗ ଅତିରିକ୍ତ ତହସିଲଦାର ଗିରଫ

କଟକ,୩୧।୧୨(ସମିସ): ଅମାପ ସମ୍ପତ୍ତିର ମାଲିକ ବାରଙ୍ଗ ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡା ଶେଷରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି ଏବଂ ଆଜି ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ହାଜର କରାଯାଇଛି। ଶ୍ରୀ ପଣ୍ଡାଙ୍କ ବିଭିନ୍ନ ବାସଭବନ ଓ କାର୍ଯ୍ୟାଳୟରେ ହୋଇଥିବା ଚଢ଼ଉ ସମୟରେ ତାଙ୍କ ପାଖରୁ ଯେଉଁ ସମ୍ପତ୍ତି ମିଳିଛି, ତାହା ଦେଖିଲେ ଯେକେହି ବି ଆଶ୍ଚର୍ଯ୍ୟ ହୋଇଯିବେ। ଭିଜିଲାନ୍ସ ସୂଚନା ଅନୁଯାୟୀ, ତାଙ୍କର ଭୁବନେଶ୍ୱରରେ ୨ଟି ବହୁତଳ କୋଠା, ଉତ୍ତରାରେ ଏକ '୨-ବିଏଚକେ' ଫ୍ଲାଟ୍ ଏବଂ ଖୋର୍ଦ୍ଧା ସହରରେ ଏକ ବିଶାଳ ଅଟ୍ଟାଳିକା ରହିଛି। ଏହା ବ୍ୟତୀତ ଭୁବନେଶ୍ୱର ଓ ଖୋର୍ଦ୍ଧାର ବିଭିନ୍ନ ମୁଖ୍ୟ ସ୍ଥାନରେ ୪ଟି ଅତି ମୂଲ୍ୟବାନ ପ୍ଲଟ୍ ଥିବା ମଧ୍ୟ ଠାବ କରାଯାଇଛି। କେବଳ ସ୍ଥାବର ସମ୍ପତ୍ତି ନୁହେଁ, ବରଂ ନଗଦ ଅର୍ଥ ଓ ଅଳଙ୍କାର କ୍ଷେତ୍ରରେ ମଧ୍ୟ ସେ ଅନେକ ସମ୍ପତ୍ତି ଠୁଳ କରିଥିଲେ। ତାଙ୍କ ପାଖରୁ ପ୍ରାୟ ୭୩.୬୬ ଲକ୍ଷ ଟଙ୍କା ନଗଦ ଜବତ ହେବା ସହ ୩୬.୯୭ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଏବଂ ପାଖାପାଖି ୫୬୦ ଗ୍ରାମର ସୁନା ଅଳଙ୍କାର ମିଳିଛି। ଏଥିସହ ଏକ ଦାମୀ ଚାରିଚକିଆ ଯାନ ସମେତ ଅନ୍ୟାନ୍ୟ ସମ୍ପତ୍ତି ମଧ୍ୟ ଜବତ ହୋଇଛି। ଚଢ଼ଉ ବେଳେ ମିଳିଥିବା ଏହି ବିପୁଳ ସମ୍ପତ୍ତିର ଉତ୍ସ ସମ୍ପର୍କରେ ଭିଜିଲାନ୍ସ ଅଧିକାରୀମାନେ ଜିତେନ୍ଦ୍ରଙ୍କୁ ପଚରାଉଚରା କରିଥିଲେ ମଧ୍ୟ ସେ ସେହି ସମ୍ପତ୍ତି କେଉଁଠାରୁ ଆଣିଲେ, ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର କିମ୍ବା ଆଇନଗତ ଦଲିଲ ଉପସ୍ଥାପନ କରିପାରି ନ ଥିଲେ। ଫଳରେ ଭିଜିଲାନ୍ସ ସେଲ୍ ପକ୍ଷରୁ କେସ୍ ନଂ ୧୨/୨୦୨୫ ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଆହୁରି ଅନେକ ଗୁମର ଫିଟିବାର ସମ୍ଭାବନା ରହିଛି, ବିଶେଷ କରି ତାଙ୍କ ପରିବାର ସଦସ୍ୟଙ୍କ ନାମରେ ଥିବା ବ୍ୟାଙ୍କ ଲକର୍ ଏବଂ ଅନ୍ୟାନ୍ୟ ବେନାମୀ ସମ୍ପତ୍ତି ଉପରେ ଏବେ ଭିଜିଲାନ୍ସ ନଜର ରଖିଛି।

# ଦୁଷ୍କର୍ମକାରୀଙ୍କୁ ଫାଶୀ ଦେବାକୁ ଦାବି

କଟକ,୩୧।୧୨(ସମିସ): ରାଜ୍ୟରେ ଦିନକୁ ଦିନ ଦୁଷ୍କର୍ମ ବଢ଼ିଚାଲିଛି। ସରକାରଙ୍କର କୋହଳ ଦଣ୍ଡବିଧାନ ଯୋଗୁ ଦୁଷ୍କର୍ମକାରୀମାନେ ଭୟହୀନ ହୋଇଯାଉଛନ୍ତି। ଏପରି ଅବସ୍ଥା ହେଲାଣି ଯେ ନାରୀମାନେ ନିଜକୁ ଅସୁରକ୍ଷିତ ମଣିଲେଣି। ନିକଟରେ ଚାନ୍ଦବାଲି ଘଟଣା ଛାତି ଥରାଇ ଦେଇଛି। ଏପରି ଘୃଣ୍ୟ ପାଶବିକ କାର୍ଯ୍ୟକୁ ଦୃଢ଼ ନିନ୍ଦା କରିବା ସହ ଅଭିଯୁକ୍ତଙ୍କୁ ଫାଶୀ ଦିଆଯିବା ଦାବି ଏବଂ ଜନଜାଗରଣ ସକାଶେ ରାସ୍ତାକୁ ଓହ୍ଲାଇଛନ୍ତି କଟକର କିଛି କବି। ସେମାନେ କଟକ ବାଦାମବାଡ଼ି ଛକରେ ଏକାଠି ହୋଇ ବ୍ୟାନର, ପ୍ଲାକାର୍ଡ ପ୍ରଦର୍ଶନ ପୂର୍ବକ ନିଜର ଉଦ୍ଦେଶ୍ୟ ବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କବି ନିବାସ ମିଶ୍ର, ବିପ୍ଳବୀ କବି ବିନ୍ଦୁସାଗର ଓଝା, ହାସ୍ୟକବି ଲକ୍ଷ୍ମୀଛଡ଼ା, ଛାତ୍ର ଅଂଶୁମାନ ସିଂହ, କବୀ ନିରୁପମା ସାହୁ, କବୀ ଶୁଭଲକ୍ଷ୍ମୀ ଜେନା, ଚିନ୍ମୟ ବିଶ୍ୱାଳ, ସମାଜସେବୀ କୁମାରେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏକ ସୁସ୍ଥ ସମାଜ ଗଠନ ସକାଶେ ଆଗାମୀ ଦିନରେ ବିଭିନ୍ନ ପଥପ୍ରାନ୍ତରେ ଏହିଭଳି କାର୍ଯ୍ୟକ୍ରମ କରାଯିବ ବୋଲି କବିମାନେ ମତବ୍ୟକ୍ତ କରିଛନ୍ତି।

# ସିଲ୍ଭର୍ ସିଟିରେ ଜମିଲା 'ଜିରୋନାଇଟ୍ ସେଲିବ୍ରେସନ'

କଟକ,୩୧।୧୨(ସମିସ):





୨୦୨୬ର ପ୍ରଥମ ସୂର୍ଯ୍ୟୋଦୟର ପହିଲି କିରଣ ସିଲଭର୍ ସିଟିକୁ ଛୁଇଁବା ପୂର୍ବରୁ ସହର ପାଳିଛି ଜିରୋ-ନାଇଟ୍। ଖାସ୍ କରି କଟକ ସହରର କ୍ଲବ୍ ଗୁଡ଼ିକରେ ଧୁମଧାମରେ ଜିରୋ ନାଇଟ୍ ପାଳିତ ହୋଇଯାଇଛି। ପ୍ରମୁଖ ସମ୍ଭ୍ରାନ୍ତ କ୍ଲବ୍ ୟୁନିୟନ୍, କଟକ କ୍ଲବ ଓ ଓସିଏ ଭିତରେ ଜିରୋ-ନାଇଟ୍‌କୁ ନେଇ ବ୍ୟାପକ ଆୟୋଜନ ହୋଇଥିଲା। କିଏ ବଲିଉଡ୍ ଷ୍ଟାର୍‌ଙ୍କୁ ମନୋରଞ୍ଜନ ପାଇଁ ନିମନ୍ତ୍ରଣ କରିଥିଲା ତ କିଏ ଓଲିଉଡ୍ ଷ୍ଟାର୍ ନାଇଟ୍ କରିବାକୁ ପ୍ରସ୍ତୁତି କରିଥିଲା। ସଂଗୀତର ତାଳେ ତାଳେ ଭବ୍ୟ ନବବର୍ଷ ଉତ୍ସବକୁ ସହରବାସୀ ମନଭରି ଉପଭୋଗ କରିବା ସହିତ ୨୦୨୫ବର୍ଷକୁ ଅଲ୍‌ବିଦା ଜଣାଇଛନ୍ତି।

କଟକ କ୍ଲବରେ ଚଳିତବର୍ଷର ମୁଖ୍ୟ ଆକର୍ଷଣ ପାଲଟିଥିଲେ ଓଲିଉଡ ଅଭିନେତ୍ରୀ ଶୀତଲ ପାତ୍ର। ଭାରତୀୟ ଶାକିରା ଭାବେ ପରିଚିତ କଳାକାର ବିଶ୍ୱା ଉଭୟ ସଙ୍ଗୀତ ଏବଂ ନୃତ୍ୟ ପରିବେଷଣ କରି ନୂଆ ଉନ୍ମାଦ ଭରିଥିଲେ। ପ୍ରଥମଥର ପାଇଁ କଟକ କ୍ଲବରେ ବମ୍ବେ କଳାକାରଙ୍କ ଦ୍ୱାରା ଆକାଶ ଚୁମ୍ବି ନୃତ୍ୟ ପରିବେଷଣ କରାଯାଇଥିଲା। ୟୁନିୟନ କ୍ଲବରେ ଚଳିତଥର ଆନଖୀ ନାଥ ଏବଂ ଅଭିଷେକ ଚୌଧୁରୀଙ୍କ ଗ୍ରୁପ ମେଲୋଡି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଦର୍ଶକଙ୍କୁ ନିର୍ଦ୍ଧୁମ ଝୁମାଇଥିଲା ଫ୍ରିକ୍ସନ ଡ୍ୟାନ୍ସ ଗ୍ରୁପ। ଆଇଟମ୍ ଡ୍ୟାନ୍ସର, ରୁଷିଆନ ଡ୍ୟାନ୍ସର ୟୁନିୟନ କ୍ଲବର ଅନ୍ୟନ୍ୟ ଆକର୍ଷଣ ପାଲଟିଥିଲା। ଏହାଛଡ଼ା ଏମସି ଅଭିନନ୍ଦା ଜିରୋନାଇଟ ସେଲିବ୍ରେସନରେ ଦର୍ଶକଙ୍କୁ ମତୁଆଲା କରିଥିଲେ। ସେହିପରି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) କ୍ଲବ ପକ୍ଷରୁ ବାରବାଟୀ ଷ୍ଟାଡିୟମରେ ବଲିଉଡର ପ୍ରଚ୍ଛଦପଟ ଗାୟିକା ମଧୁବନ୍ତୀ ବାଗଚୀ, ସାରେଗାମାପା ଫାଇନାଲିଷ୍ଟ ରଞ୍ଜିନୀ ସେନଗୁପ୍ତା ମୁଖ୍ୟ ଆକର୍ଷଣ ପାଲଟିଥିଲେ। ମହାରାଷ୍ଟ୍ରର ମହିଳା ଢ଼ୋଲ ଗ୍ରୁପ ଦ୍ୱାରା କାର୍ଯ୍ୟକ୍ରମ ଉପସ୍ଥିତ ଦର୍ଶକଙ୍କୁ ଝୁମାଇଥିଲା। ସମ୍ବଲପୁରୀ ଦୁଲଦୁଲି, ତାଶା, ନିଶାନ ଭଳି ପାରମ୍ପରିକ ବାଦ୍ୟ ଏଠାକାର ଉତ୍ସବରେ ସାମିଲ ହୋଇଥିଲା।

# ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦର କାର୍ଯ୍ୟନିର୍ବାହୀ କମିଟି ଗଠିତ



କଟକ,୩୧।୧୨(ସମିସ): ମହାନଦୀବିହାରସ୍ଥିତ ଶ୍ରୀଜଗନ୍ନାଥ ସାଂସ୍କୃତିକ ପରିଷଦର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ନିମନ୍ତେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨୦ଜଣ ନିର୍ବାଚିତ ହେବା ସହ କମିଟି ଗଠିତ ହୋଇଛି। ନିର୍ବାଚିତ ସଦସ୍ୟମାନେ ହେଲେ ଅଭୟ କୁମାର ପରିଜା, ଅଲେଖ ଚନ୍ଦ୍ର ସାହୁ, ବିଷ୍ଣୁପ୍ରସାଦ କର, ଚର୍ତ୍ତୁଭୁଜ ମହାପାତ୍ର, ଦେବାଶିଷ ରାଉତ, ଗୋଲେଖ ଚନ୍ଦ୍ର କାନୁନଗୋ, କମଳପ୍ରସାଦ ମହାନ୍ତି, ନିକୁଞ୍ଜବିହାରୀ ରଥ, ରାକେଶ ତ୍ରିପାଠୀ, ଶରତ ଚନ୍ଦ୍ର ଦାସ, ଶଶୀକାନ୍ତ ନାୟକ, ହିମାଂଶୁ ଷଡ଼ଙ୍ଗୀ, ପ୍ରମୋଦ ଚନ୍ଦ୍ର ଦାଶ, ସରୋଜ ପ୍ରସାଦ ସ୍ୱାଇଁ, ସୁଶାନ୍ତ କୁମାର ଘୋଷ, ଦୀପକ କୁମାର ରାଉତରାୟ, ପ୍ରଶାନ୍ତ କୁମାର ପ୍ରଧାନ, ଇଂ ସୁବୋଧ କୁମାର ରାଉତରାୟ, ବୈକୁଣ୍ଠନାଥ ଆଚାର୍ଯ୍ୟ ଓ ଶିଶିର କୁମାର ମହାନ୍ତି। ନବନିର୍ବାଚିତ ସଦସ୍ୟଙ୍କୁ ପରିଷଦ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ପ୍ଲାଷ୍ଟିକ ଗୁଡ଼ି ସୂତା ବେକରେ ଲାଗି ଦୁଇ ଗୁରୁତର

## ବିକ୍ରୟକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି

ଫୁଲନଖରା,୩୧।୧୨(ସମିସ): ୪୨ମୌଜା ବ୍ରହ୍ମପୁର ପଞ୍ଚାୟତ ଶ୍ରୀରାମ ଗ୍ରାମରେ ମାଞ୍ଜା ସୂତା ବେକରେ ଲାଗି ଅଭାବନୀୟ ଘଟଣା ଘଟିଛି। ଘଟଣାରୁ ପ୍ରକାଶ ଶ୍ରୀରାମ ଗ୍ରାମର ଦେବୀକଲ୍ୟାଣ ଆଚାର୍ଯ୍ୟ (୩୦) ଓ ସଂପର୍କୀୟ ପିଉସୀ ଆଶାଲତା ଆଚାର୍ଯ୍ୟ (୫୫) ଏକ ବାଇକ୍ ଯୋଗେ ପ୍ରତିଦିନ ଭଳି ବୁଧବାର ଦିନ ସକାଳ ୧୦ଟା ସମୟରେ ନିଜର କର୍ମକ୍ଷେତ୍ର କଟକ ଅଭିମୁଖେ ଯାଉଥିଲେ। ଘର ଠାରୁ ମାତ୍ର ୩୦ ଫୁଟ ଦୂରରେ ଚାଇନା ମାଞ୍ଜା ସୂତା ଦେବୀକଲ୍ୟାଣଙ୍କ ସମ୍ମୁଖ ଭାଗ ବେକରେ ଲାଗିବା ସହିତ ପଛରେ ବସିଥିବା ତାଙ୍କ ପିଉସୀଙ୍କ ବେକର ଏକ ପାର୍ଶ୍ୱରେ ଲାଗି ଯାଇଥିଲା। ଫଳରେ ଦେବୀକଲ୍ୟାଣଙ୍କ ବେକର ୫ ଇଞ୍ଚ ଲମ୍ବରେ ଅଧାଇଞ୍ଚ ବେକ ଭିତରକୁ ମାଞ୍ଜାସୂତା କାଟି ଦେଇଥିଲା। ଆଶାଲତାଙ୍କ ବେକରେ ମଧ୍ୟ ଉକ୍ତ ମାଞ୍ଜାସୂତା ଲାଗିଯିବା ଫଳରେ ଗଭୀର କ୍ଷତ ସୃଷ୍ଟି କରିଥିଲା। ଘଟଣାସ୍ଥଳରୁ ସ୍ଥାନୀୟ ଲୋକମାନେ ଉଭୟଙ୍କୁ ନିକଟସ୍ଥ ବେଣ୍ଟକାର ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇ ଯାଇଥିଲେ। ସେଠାରେ ଦେବୀକଲ୍ୟାଣଙ୍କ ବେକରୁ ପ୍ରଚୁର ରକ୍ତସ୍ରାବ ହେବା ଫଳରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଉଭୟେ ସେଠାରେ ଚିକିତ୍ସିତ ହେଉଥିବା ପରିବାର ପକ୍ଷରୁ ସୂଚନା ମିଳିଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକ୍ରମେ ଚାଇନା ମାଞ୍ଜା ସୂତାକୁ ସଂପୂର୍ଣ୍ଣ ନିଷେଧ କରାଯାଇଥିବା ବେଳେ ସହରର ଅନତୀ ଦୂରରେ ଥିବା ଗ୍ରାମାଞ୍ଚଳ ମାନଙ୍କରେ କିଭଳି ଚାଇନା ମାଞ୍ଜାସୂତା ବିକ୍ରୟ କରାଯାଉଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣା ବିଷୟରେ ୪୨ ମୌଜା ଥାନା ଆଇଆଇସି ହେମନ୍ତ କୁମାର ସେଠୀ ଓ ଜୋନ୍-୪ ଏସିପି ଶଶୀକାନ୍ତ ରାଉତଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ଘଟଣାପ୍ରତି ସମ୍ବେଦନଶୀଳ ଅଛନ୍ତି ମାଞ୍ଜାସୂତା କେଉଁଠୁ ଆସିଲା, ମାଞ୍ଜାସୂତା ବ୍ୟବହାର କରି କେଉଁମାନେ ଗୁଡି ଉଡାଉଛନ୍ତି ତାହାର ତଦନ୍ତ ଜାରି ରହିଛି ଏବଂ ମାଞ୍ଜାସୂତା ବ୍ୟବହାରକାରୀ ଓ ବିକ୍ରୟକାରୀ ଧରାପଡିଲେ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।









**ଧାନ କିଣାରେ ଅନିୟମିତତା**

# କୃଷକ ସଂଘ ପକ୍ଷରୁ ୩ ଅଧିକାରୀଙ୍କ ନାମରେ ଏତଲା

କଲ୍ୟାଣସିଂହପୁର, ୩୧।୧୨(ସମିସ)






ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର କୃଷକ ସଂଘ ପକ୍ଷରୁ ତିନି ଅଧିକାରୀଙ୍କ ନାମରେ ଥାନାରେ ଧାନ କିଣାରେ ଲୁଣ୍ଠନ ଅଭିଯୋଗ କରିଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ସନ୍ଧ୍ୟାରେ କୃଷକ ସଂଘର ସଭାପତି ଶ୍ରୀନିବାସ ଚୌଧୁରୀଙ୍କ ନେତୃତ୍ୱରେ ବ୍ଲକର କିଛି କୃଷକ ଏକତ୍ରିତ ହୋଇ ରାୟଗଡ଼ା ସିଏସଓ ଦାସରଥି ସୁରେନ, ଆରଏମ୍‌ସି ବସନ୍ତ କୁମାର ପାଳ, ଲ୍ୟାମ୍ପସ ପରିଚାଳକ ତାରିଣୀ ପ୍ରସାଦ ତ୍ରିପାଠୀ ତିନିଜଣ ମିଶି ଧାନ କିଣାରେ ଲୁଣ୍ଠନ କରୁଥିବା ଅଭିଯୋଗରେ ଥାନାରେ ଲିଖିତ ଦେଇଛନ୍ତି। ଉକ୍ତ ପତ୍ରକୁ ଥାନା ଅଧିକାରୀ ନୀଳକଣ୍ଠ ବେହେରାଙ୍କ ଅନୁପସ୍ଥିତରେ ଏସ୍‌ଆଇ ହେମନ୍ତ କୁମାର ବରିହାଙ୍କୁ ପ୍ରଦାନ କରିଛନ୍ତି। ଉକ୍ତ ପତ୍ରରେ ମଣ୍ଡିରେ ଚାଷୀଙ୍କୁ ଯୋଗାଣ ବିଭାଗ ତରଫରୁ ଅଖାବସ୍ତା ପ୍ରଦାନ କରିବାକୁ ନିୟମ ରହିଥିଲେ ହେଁ ଚାଷୀଙ୍କୁ ଅଖାବସ୍ତା ପ୍ରଦାନ କରାଯାଉନାହିଁ। ଚାଷୀଙ୍କ ଠାରୁ ୧୦୦ କିଲୋଗ୍ରାମ ବା ଏକ କ୍ୱିଣ୍ଟାଲକୁ ୨୩୬୯ ଟଙ୍କା ଥିବା ବେଳେ ଏକ କ୍ୱିଣ୍ଟାଲ ଦୁଇ କିଲୋର ଧାନ ଗ୍ରହଣ କରୁଛନ୍ତି। ସରକାରୀ ନିୟମ ରହିଛି ଯେ ଧାନ ବିକ୍ରୟର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ଜମା ଖାତାକୁ ଟଙ୍କା ପୈଠ ହେବ। କିନ୍ତୁ ଧାନ ବିକ୍ରୟର ଏକ ସପ୍ତାହ ପରେ ମଧ୍ୟ ଟଙ୍କା ଜମା କରୁନାହାନ୍ତି। ସିଏସଓ ଦାଶରଥି ସୋରେନ୍ ଓ ଲ୍ୟାମ୍ପସ ପରିଚାଳକ ତାରିଣୀ ପ୍ରସାଦ ତ୍ରିପାଠୀ ମିଳିତରେ ଚାଷୀଙ୍କୁ ଟୋକନ୍ ପ୍ରଦାନ କରିବାରେ ବିଳମ୍ବ କରି ମିଲରଙ୍କ ଦଲାଲ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଟୋକନ ପ୍ରଦାନ କରାଯାଉଛି ବୋଲି ଏକ ଅଭିଯୋଗ ପ୍ରଦାନ କରିଛନ୍ତି। ନୂତନ ଧାନ ନିରୀକ୍ଷଣ ବିଦ୍ୟୁତ୍ ଚାଳିତ ଯନ୍ତ୍ରରେ ୫ଭାଗ ଚଳୁ କରିଛନ୍ତି। ଫଳରେ ଯେତେ ଭଲ ଧାନ ପକାଇଲେ ବି ତାହା ୬ଭାଗ ଦେଖାଯାଉଛି। ଏହି ୬ଭାଗ ଧାନକୁ ଅସାଧାରଣ ଭାବେ ଘୋଷଣା କରାଉଛି। ଗୋଟିଏ ଦିନରେ ୫ହଜାର କ୍ୱିଣ୍ଟାଲ ଧାନ କିଣିବା ସରକାରୀ ନିୟମ ଆସିଥିବା ବେଳେ କ୍ୱିଣ୍ଟାଲର ଧାନ କିଣି ଅନ୍ୟ ୨ କ୍ୱିଣ୍ଟାଲ ଧାନର ମିଲରଙ୍କ ସହ ସଲାସୁତୁରା ହେଉଥିବା ଚାଷୀ ଅଭିଯୋଗ କରୁଛନ୍ତି। ସେହି ସମୟରେ ସଭାପତି ଶ୍ରୀନିବାସ ଚୌଧୁରୀ, ଉପସଭାପତି ଯୋଗେନ୍ଦ୍ର ୱାଡକା, ଗୋପୀନାଥ ପେରିସିକା, ପ୍ରଶାନ୍ତ କୌଶଲ୍ୟା, କୁମାର ସ୍ୱାମୀ କୌଶଲ୍ୟା, ଗୁଡୁଲା ପ୍ରସାଦ ରାଓ, ଅଜିତ ପାଣିଗ୍ରାହୀ, ଚିନ୍ତାଲି ନାଗେଶ ରାଓ, ଗେଦାଲି ଶ୍ରୀନୁ, ନାଗ ଭୂଷଣ ତାଡିଙ୍ଗି, ମିନାକା ମୋହନ ରାଓ ପ୍ରମୁଖ ଉପସ୍ଥିତ ରହିଥିଲେ। ଏସମ୍ପର୍କରେ ଥାନା ଏସ୍‌ଆଇ ହେମନ୍ତ କୁମାର ବରିହାଙ୍କୁ ପଚାରିବାରୁ ସେ କହିଲେ ଅଭିଯୋଗର ତଦନ୍ତ କରାଯିବ। ଏ ବିଷୟରେ ସେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରିଛନ୍ତି। ସ୍ଥାନୀୟ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଲିଖିତ ଦେବା ପାଇଁ ପରାମର୍ଶ ଦିଆଯାଇଛି।

## ନୂଆବର୍ଷ ୨୬ ପାଇଁ ହଜାର ହଜାର ଜୀବ ହତ୍ୟା



**କଲ୍ୟାଣସିଂହପୁର, ୩୧।୧୨(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ୨୦୨୫ ବର୍ଷକୁ ବିଦାୟ ଓ ୨୦୨୬ ନୂତନ ବର୍ଷକୁ ସ୍ୱାଗତ ନିମନ୍ତେ ହଜାର ହଜାର ଜୀବ ହତ୍ୟା କରାଯାଉଥିବା ଦେଖିବାକୁ ମିଳିଛି। ୨୦୨୫ ବର୍ଷର ଶେଷ ଦିନ ବୁଧବାର ପଡ଼ିଥିବାରୁ ମଙ୍ଗଳବାର ଦିନ ମାଝୀଗୁଡା ପଞ୍ଚାୟତରେ ହେଉଥିବା ସାପ୍ତାହିକ ହାଟ ବା ବଜାରରେ କୁକୁଡ଼ା, ଛେଳି, ମେଣ୍ଢା କିଣିବାକୁ ଲୋକଙ୍କ ଭିଡ଼ ଲାଗି ରହିଥିବା ଦେଖିବାକୁ ମିଳିଛି। କୁକୁଡ଼ା ଗୋଟାକ ୬ଶହ ଟଙ୍କାରୁ ଆରମ୍ଭ କରି ଦୁଇ ହଜାର ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ବେଳେ ଛେଳି ଓ ମେଣ୍ଢା ଗୋଟାକ ୬ ହଜାର ଟଙ୍କାରୁ ଆରମ୍ଭ କରି ୧୫ହଜାର ଟଙ୍କା ପର୍ଯ୍ୟନ୍ତ ବିକ୍ରି ହେଉଥିବା ଜଣାପଡ଼ିଛି। ୨୦୨୬ ନୂତନ ବର୍ଷଟି ଗୁରୁବାର ଦିନ ହେଉଥିବା ଯୋଗୁଁ ଆଜି ବୁଧବାର ଆମିଷ ଭୋଜି କରିବା ନିମନ୍ତେ ଦୋକାନରେ ଭିଡ଼ ପରିଲକ୍ଷିତ ହୋଇଛି। କିଛି ଲୋକ ଶୁକ୍ରବାର ଦିନ ଭୋଜି କରିବାର ଅଛି। ବୁଧବାର ୨୦୨୫ ବର୍ଷକୁ ବିଦାୟ ଅବସରରେ ଘରେ ଘରେ ଓ ସାଙ୍ଗ ସାଥିମେଳି ହୋଇ ଭୋଜି ଭାତ କରି ମଧ୍ୟରାତ୍ରିରେ ବାଣ ଫୁଟାଇ ନୂତନ ବର୍ଷ ୨୦୨୬କୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ଦୁଇଦିନ ଧରି ଆମିଷ ବଜାରରେ ଭିଡ଼ ଲାଗିରହିଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଘର ଦାଣ୍ଡରେ ରଙ୍ଗବେରଙ୍ଗର ମୁରୁଜ ଝୋଟି ଚିତା ଦେଇ ୨୦୨୫କୁ ବିଦାୟ ଓ ୨୦୨୬କୁ ଧୁମ୍‌ଧାମରେ ସ୍ୱାଗତ କରାଯାଇଛି।

● ଖବର ପ୍ରକାଶନ ପରେ ଚେତିଲା ପ୍ରଶାସନ

# ଆରମ୍ଭ ହେଲା ତୁମ୍ବାପଦର ରାସ୍ତା କାମ

**କୁନ୍ଦୁରା, ୩୧।୧୨(ସମିସ):** କୁନ୍ଦୁରା ବ୍ଲକ ଅନ୍ତର୍ଗତ କେରମେଟି ପଞ୍ଚାୟତ ତୁମ୍ବାପଦର ଗୌଡ଼ ସାହି ଠାରୁ ମୁଖ୍ୟରାସ୍ତାକୁ ସଂଯୋଗ କରୁଥିବା ଗାଁ ରାସ୍ତା ନିର୍ମାଣ ଚାଲିଛି। ଚେତିଲା ପ୍ରଶାସନ, ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ରାସ୍ତାକୁ ପ୍ରଥମ ଥର ପାଇଁ



ମନରେଗାରେ ୧୮ ଲକ୍ଷରେ ଦୁଇଟି ପ୍ରକଳ୍ପ ମଞ୍ଜୁର ହୋଇ କାମ ଚାଲିଛି। ଆଜିକୁ ତିନି ସପ୍ତାହ ହେଲା ମନରେଗାରେ କାମ ଚାଲିଛି। ଗାଁ ଓ ଆଖପାଖ ଗାଁର ପୁରୁଷ ଓ ମହିଳା ଶ୍ରମିକ କାମରେ ନିୟୋଜିତ ଅଛନ୍ତି। ଗାଁ ଗଠନ ହେବାର ୬୦ ବର୍ଷରୁ ଅଧିକ ହେଲାଣି। କିନ୍ତୁ ରାସ୍ତାଟିଏ ପାଇଁ ପ୍ରଶାସନର ନଜର ପଡ଼ି ନଥିଲା। ପୂର୍ବପୁରୁଷ କାଳରୁ ଗାଁ ଠାରୁ ମୁଖ୍ୟ ରାସ୍ତାକୁ ବାହାରିବାକୁ ଥିବା ପାଦ ଚଲା ରାସ୍ତାକୁ ଆଜିକୁ ୯ ବର୍ଷ ହେଲା (୨୦୧୭) ମସିହାରୁ ଗାଁ ଲୋକ ଘର ପିଛା ପଇସା ଆଦାୟ କରି ଶ୍ରମଦାନ କରି ଆସୁଥିଲେ। ପାଦ ଚଲା ରାସ୍ତାକୁ ଓସାରିଆ ରାସ୍ତା ନିର୍ମାଣ କରିଥିଲେ। ପାହାଡ଼ିଆ ଅଞ୍ଚଳ ହୋଇ ଥିବାରୁ କିଛି ସ୍ଥାନରେ ବର୍ଷା ଦିନେ ଧୋଇହୋଇ ତିନି ଚାରି ଫୁଟର ଗାତ ହେଉଥିଲା। ଏଣୁ ଯାତାୟତ ସୁବିଧା ଦୃଷ୍ଟିରୁ ପ୍ରତିବର୍ଷ ଗାଁ ଲୋକେ ଦୁଇ, ତିନି ଦିନ ପାଇଁ ଶ୍ରମଦାନ କରି ଆସୁଥିଲେ। ଚଳିତ ବର୍ଷ ମଧ୍ୟ ଗତ ଅକ୍ଟୋବର ୨୪ ଠାରୁ ୨୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଗାଁର ପ୍ରାୟ ୩୫ ରୁ ଅଧିକ ଲୋକ ବାହାରି ମରାମତି କରିଥିଲେ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଖବର ପ୍ରସାରଣ ପରେ ଚେତିଲା ପ୍ରଶାସନ ପ୍ରଥମ ଥର ପାଇଁ ଏକ ନୂତନ ରାସ୍ତା ପ୍ରକଳ୍ପ ମଞ୍ଜୁର ହେଲା ଓ ବର୍ତ୍ତମାନ ରାସ୍ତା କାମ ଚାଲିଛି। ଏହି ଗାଁ ଠାରୁ ମୁଖ୍ୟ ରାସ୍ତାକୁ ଦୂରତା ଦେଢ଼ କିମି ରହିଛି ଓ ଏହା ଦ୍ୱାରା ଖରା ଦିନ ସୁବିଧାରେ ଯାତାୟାତ କରି ପାରୁଛନ୍ତି। ହେଲେ ବର୍ଷା ଦିନ ପୁଣି ପୂର୍ବ ଅବସ୍ଥାକୁ ଫେରି ଆସୁଛି ରାସ୍ତା। ଘାଟି ରାସ୍ତା ନିକଟରେ କଂକ୍ରିଟ ଡ୍ରେନ ନିର୍ମାଣ ଏବଂ ମାଉଲୀ ଓ ବାଡନି ଯୋଡ଼ି ନାଳରେ ପୋଲ ନିର୍ମାଣ କରାନଗଲେ ବର୍ଷା ଦିନେ ଯାତାୟାତ ଠପ୍ ହୋଇଯିବ। ଏଣୁ ରାସ୍ତା ନିର୍ମାଣ ପାଇଁ ପ୍ରଶାସନକୁ କୃତଜ୍ଞତା ଜଣାଇଛନ୍ତି ଓ କଂକ୍ରିଟ ଡ୍ରେନ ଓ କଲଭର୍ଟ ନିର୍ମାଣ ପାଇଁ ନିବେଦନ କରିଛନ୍ତି ଗ୍ରାମବାସୀ। ଏ ନେଇ ପିଇଓ ରବୀନ୍ଦ୍ର ପୂଜାରୀଙ୍କୁ ପଚାରିବାରୁ ରାସ୍ତା ସମେତ ଦୁଇଟି କଲଭର୍ଟ ନିର୍ମାଣ ଓ ଜଙ୍ଗଲ ନିକଟରେ ପ୍ରଥମେ ମାଟି ଡ୍ରେନ ନିର୍ମାଣ କରାଯିବ। ଯାହାଫଳରେ ଆଉ ରାସ୍ତା ମଝିରେ ନାଳ ହେବନାହିଁ। ସେ ଗାଁ ପାଇଁ ରାସ୍ତା ସମସ୍ୟା ସବୁଦିନ ପାଇଁ ଦୂରହେବ ବୋଲି କହିଛନ୍ତି। ଏଡିଇଓ ସନ୍ତୋଷ କୁମାର ବେହେରା କହିଛନ୍ତି ବର୍ତ୍ତମାନ ମାଟି କାମ ଚାଲିଛି, ଆଗକୁ ମେଟାଲ, ମୋରମ ପଡ଼ିବ ଏବଂ ଆଉ ମାସେ ଭିତରେ କାମ ସମ୍ପୂର୍ଣ୍ଣ ହେବ।

# ରାତିରେ ବ୍ଲାଷ୍ଟିଂରେ ଥରୁଛି ଗାଁ, ହଜୁଛି ନିଦ





**ମୁନିଗୁଡ଼ା, ୩୧।୧୨(ସମିସ):** ମୁନିଗୁଡ଼ା ତହସିଲ ଅନ୍ତର୍ଗତ କନ୍ତରବାଲି(୧) କଳାପଥର କ୍ୱାରୀରେ ବେଆଇନ ପଥର ବ୍ଲାଷ୍ଟିଂ ଓ କାରବାର ହେଉଥିବା ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ନିକଟସ୍ଥ କନ୍ତରାବାଲି ଗ୍ରାମବାସୀ। ଉକ୍ତ ପଥର କ୍ୱାରୀ ବନ୍ଦ କରିବା ପାଇଁ ଅଣ୍ଟା ଭିଡିଛନ୍ତି ମୁନିଗୁଡ଼ା ବ୍ଲକ କୁମୁଡାବାଲି ପଞ୍ଚାୟତ କନ୍ତରାବାଲି ଗ୍ରାମବାସୀ। ଗ୍ରାମର ଅଧିବାସୀମାନେ ଗ୍ରାମ ନିକଟରେ ହେଉଥିବା ବେଆଇନ କଳା ମୁଗୁନି ପଥର ଉତ୍ତୋଳନ ବନ୍ଦ କରିବା ପାଇଁ ମୁନିଗୁଡ଼ା ଥାନା ଅଧିକାରୀ ଓ ତହସିଲଦାରଙ୍କୁ ଉକ୍ତ ଗ୍ରାମର ବିଭୀଷଣ ପିଡିକାକା, ଗୋବି ପିଡ଼ିକାକା, ତେଜେଶ୍ୱର୍ ମାଣ୍ଡିକା, ଇଟି ମୁଗୁଲି, ପୂର୍ବତନ ସମିତି ସଭ୍ୟ ହେମନ୍ତି କୁଲେଶିକା, ପୂର୍ବତନ ସରପଞ୍ଚ ପାର୍ବତୀ ଗାଡାକା, ୱାର୍ଡ ସଭ୍ୟ ଡମ୍ବୁରୁଧର ଗାଡାକା, ମଧୁସୂଦନ ମୁଗୁଲି, ଲଳିତା ମାଣ୍ଡିକା, କୈଳାସ

## ବେଆଇନ କଳାମୁଗୁନି ପଥର ଉତ୍ତୋଳନ ବନ୍ଦ କରିବାକୁ ଦାବି

ମୁଗୁଲୀ, ଲଳିତା ପିଡିକାକା ପ୍ରମୁଖ ଲିଖିତ ଅଭିଯୋଗ କରିବା ସହ ଦାବି କରିଛନ୍ତି। କନ୍ତରାବାଲି(୧)ରେ ଥିବା ମୁଗୁନି ପଥର ଖଣିରେ ବେଆଇନ୍ ଭାବରେ ବ୍ଲାଷ୍ଟିଙ୍ଗ୍ କରି ପଥର ଫୁଟାଉଥିବା ବେଳେ ଭାଇବ୍ରେଶନ ଦ୍ୱାରା ଗ୍ରାମରେ ଥିବା ଘର କାନ୍ଥ ଗୁଡ଼ିକରେ ଫାଟ ସୃଷ୍ଟି ହୋଇଯାଇଛି। ରାତି ଅଧିଆ ବ୍ଲାଷ୍ଟିଂ ଯୋଗୁଁ ବୟସ୍କଙ୍କ ଠାରୁ ଆରମ୍ଭ କରି ଛୋଟ ପିଲା ଶୋଇପାରୁନାହାନ୍ତି। ଧୂଳି ଧୁଆଁରେ ପୁରା ଗାଁ ଅନ୍ଧାର ହେଉଛି ବୋଲି ଅଭିଯୋଗ ପତ୍ରରେ ଲିଖିତ ରହିଛି। ଏ ନେଇ ବହୁବାର ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗପତ୍ର ପ୍ରଦାନ କରି ଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆନଯିବାରୁ ବାଧ୍ୟ ହୋଇ ଆଜି ଉକ୍ତ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ମାନେ ମୁନିଗୁଡ଼ା ଥାନା ଅଧିକାରୀ ଓ ତହସିଲଦାର ଏମ ଅନୁରାଧାଙ୍କୁ ସାକ୍ଷାତ ଆଲୋଚନା କରିବା ସହ ଅଭିଯୋଗପତ୍ର ଦେଇଛନ୍ତି। ବ୍ଲାଷ୍ଟିଂ ସ୍ଥାନ ଠାରୁ ଜନବସତି ମାତ୍ର ୩୦୦ ମିଟର ହୋଇଥିବା ବେଳେ ବଡ଼ ବଡ଼ ପଥର ଏବଂ ବ୍ଲାଷ୍ଟିଂ ଶବ୍ଦରେ ଘର ଭାଙ୍ଗିଯାଉଛି। ଯାହାଫଳରେ ଗ୍ରାମବାସୀଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହୋଇଛି। ତେଣୁ ଉକ୍ତ ଗ୍ରାମବାସୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ପ୍ରଶାସନ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କନ୍ତରାବାଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି।

## ଭିକାରୀ ନାହାକ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ

**ଅମ୍ବାଦଳା, ୩୧।୧୨(ସମିସ):** ବିଷମ କଟକ ନିର୍ବାଚନ ମଣ୍ଡଳୀ ବିଜେପି ଦଳର ଯୁବ ନେତା ଭିକାରୀ ନାହାକଙ୍କୁ ରାୟଗଡ଼ା ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ଦଳ ତରଫରୁ ମୋନନୀତ



କରାଯାଇଛି। ରାଜ୍ୟ ସଭାପତି ମନମୋହନ ମୋହନ ସାମଲଙ୍କ ଅନୁମୋଦନ କ୍ରମେ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ଶ୍ରୀ ନାହାକ ଏଥି ପୂର୍ବରୁ ଦୁଇ ଦୁଇ ଥର ଅମ୍ବାଦଳା ମଣ୍ଡଳ ସଭାପତି ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ତାଙ୍କର ଏହି ଦାୟିତ୍ୱ ଗ୍ରହଣ ପରେ ଅଞ୍ଚଳବାସୀ ଶ୍ରୀ ନାହାକଙ୍କୁ ସ୍ୱାଗତ କରିଛନ୍ତି।

# ପ୍ରଶାସନର ଦୃଷ୍ଟି ଆଢୁଆଳରେ ଦାଣ୍ଡିଆକୁଣ୍ଡ ଜଳପ୍ରପାତ

**ମାଲକାନଗିରି/କୋରୁକୋଣ୍ଡା, ୩୧।୧୨(ସମିସ):** ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତ ରେଙ୍ଗାମଗୁଡା ଗାଁ ନିକଟସ୍ଥ ପ୍ରାକୃତିକ ପରିବେଶ ଘେରା ଏକ ସୁନ୍ଦର ଜଳପ୍ରପାତ ଜିଲ୍ଲା ପ୍ରଶାସନ ତଥା ବ୍ଲକ ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରରୁ ଜୟପୁର ଯିବା ରାସ୍ତାରେ ଆପନମାଳା ଗାଁ ଠାରୁ ଶହେ ମିଟର ଦୂର ଗଲା ପରେ ଡାହାଣ ପଟେ ରେଙ୍ଗାମଗୁଡା ଗାଁକୁ ଯିବାକୁ ଏକ ମାଟି ରାସ୍ତା ରହିଛି। ସେଠାରୁ ପାଖାପାଖି ଏକ କିଲୋମିଟର ଗଲେ ଏକ ପାହାଡ ପାଖ ଦେଇ ଦାଣ୍ଡିଆକୁଣ୍ଡ ଜଳପ୍ରପାତ ପଡ଼ିଥାଏ। ଶୀତରତୁରେ ଏଠିକାର ପରିବେଶ ଦାରିଙ୍ଗବାଡି ଠାରୁ ମଧ୍ୟ ଅତି ମନଲୋଭା। ସବୁଜ ବଣ ପାହାଡରେ ପରିପୂର୍ଣ୍ଣ ମଧ୍ୟରେ ଅବହେଳିତ ଭାବେ ପଡ଼ିରହିଛି ଏହି ସୁରମ୍ୟ ଜଳପ୍ରପାତ। ଏହି ଜଳପ୍ରପାତର ଉନ୍ନତି ପାଇଁ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅନୁରୋଧ କରୁଛନ୍ତି। ହେଲେ ପ୍ରଶାସନ ଜାଣିଶୁଣି ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି। ଏହା ସହିତ ସୋମନାଥପୁର ପଞ୍ଚାୟତ ମଧ୍ୟରେ ଆହୁରି ଅନେକ ଐତିହ୍ୟ କିମ୍ବଦନ୍ତୀ ଭରପୁର ସ୍ଥାନ ରହିଛି। ଏଥିପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଗଲେ କିମ୍ବା ପର୍ଯ୍ୟଟନ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଲେ ଏଠାକୁ ଜିଲ୍ଲା ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକ ଆସି ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ସହ ଏଠାରେ ବଣଭୋଜି ଓ ପିକନିକର ମଜା ନେଇପାରିବେ। ଏହି ଅଞ୍ଚଳରେ ଥିବା ବିଭିନ୍ନ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ସ୍ଥାନ ଗୁଡିକକୁ ରାଜ୍ୟ



ପର୍ଯ୍ୟଟନ ବିଭାଗ ଏହି ସବୁ ଜଳପ୍ରପାତ ଏବଂ ପର୍ଯ୍ୟଟନ ସ୍ଥଳୀର ପୁନରୁଦ୍ଧାର ଓ ଉନ୍ନତିକରଣ କରିପାରିଲେ ଏହା ଲୋକଲୋଚନକୁ ଆସିବା ସହ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମିଥାନ୍ତା ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲାକୁ ପର୍ଯ୍ୟଟକ ମାନେ ଆସିଲେ ଏହି ସୁନ୍ଦର ସରସ ଜଳପ୍ରପାତକୁ ଉପଭୋଗ କରିବା ସହିତ ସ୍ଥାନୀୟ ଜନଜାତିଙ୍କ ଐତିହ୍ୟ ପରମ୍ପରା ସମ୍ପର୍କରେ ବହୁତ କିଛି ଜାଣିପାରନ୍ତେ। ଏହା ସହିତ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀକୁ ପର୍ଯ୍ୟଟକଙ୍କ ଆଗମନ ଦ୍ୱାରା ଜିଲ୍ଲାର ରାଜସ୍ୱରେ ଅଭିବୃଦ୍ଧି ଘଟିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଥିବା ପରିଲକ୍ଷିତ ହେଉଛି। ଜିଲ୍ଲାରେ ଅନେକ ଲୁକ୍କାୟିତ ପର୍ଯ୍ୟଟନ ସ୍ଥଳୀ ଲୋକଙ୍କ ଦୃଷ୍ଟି ଆଢୁଆଳରେ ରହିଯାଉଛି। ଜିଲ୍ଲା ପ୍ରଶାସନର ଅଣଦେଖା ଯୋଗୁଁ ଏହା ଲୋକଲୋଚନକୁ ଆସି ପାରୁନାହିଁ। ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଲେ ମାଲକାନଗିରି ଜିଲ୍ଲାର ବଣ୍ଡାଘାଟୀ, ଗୁରୁପ୍ରିୟା ସେତୁ ସହ ଲୁଚି ରହିଥିବା ଏହି ସବୁ ପର୍ଯ୍ୟଟନ ସ୍ଥଳୀ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ସୁନାମ ଅର୍ଜନ କରିବା ସହ ପର୍ଯ୍ୟଟକଙ୍କ ଆଗମନରେ ସହସ୍ରାଧିକ ରାଜସ୍ୱ ମଧ୍ୟ ଆସିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ଯଦି ଆମ ଅଞ୍ଚଳରେ ଏପରି କିଛି ପର୍ଯ୍ୟଟନ ସ୍ଥଳୀ ରହିଛି। ତାହେଲେ ଆଗାମୀ ଦିନରେ ନିଶ୍ଚିତ ଏହାର ଉନ୍ନତିକରଣ କରାଯିବା ନେଇ ପ୍ରୟାସ କରିବୁ ବୋଲି କହିଛନ୍ତି।

## ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ

**ମୁନିଗୁଡ଼ା, ୩୧।୧୨(ସମିସ):** ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ସୌଣ୍ଡିକ ଭବନ ପରିସରରେ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମଶତବାର୍ଷିକ ସମାରୋହ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଜିଲ୍ଲା ବିଜେପି ଉପସଭାପତି ଦୁଷ୍ମନ୍ତ ସିଂ ଦେଓ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଏସିଆନ ଏଜର ବିରୋ ଚିପ ଅକ୍ଷୟ କୁମାର ସାହୁ, ରାଜ୍ୟ ବିଜେପି ଓବିଶି ମୋର୍ଚ୍ଚା ଉପସଭାପତି



ରାମଚନ୍ଦ୍ର ବେହେରା, ସ୍ଥାନୀୟ ବରିଷ୍ଠ ଓକିଲ ବୃନ୍ଦାବନ ଗୌଡ଼, ବିଜେପି ବିଧାୟକ ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡୁରୁକା, ମୁନିଗୁଡ଼ା ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀନିବାସ ରାଓ ପ୍ରମୁଖ ମଞ୍ଚାଷିନ ରହିଥିଲେ। ଅତିଥି ମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିବା ବେଳେ ଭାରତ ମାତା ସଙ୍ଗୀତ ଗାନ କରାଯାଇଥିଲା। ବିଷମକଟକ ନିର୍ବାଚନ ମଣ୍ଡଳୀରୁ ସମାଜରେ ଖ୍ୟାତି ଅର୍ଜନ କରିଥିବା ପ୍ରତିଭାବାନ ପ୍ରତିଷ୍ଠିତ ବରିଷ୍ଠ ନାଗରିକ ତଥା ବୁଦ୍ଧିଜୀବୀ ମାନଙ୍କୁ ଉତ୍ତରୀୟ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁନିଗୁଡ଼ା ମଣ୍ଡଳ ସଭାପତି ସୁବାସ ଗୌଡ, ଯୁବ ମୋର୍ଚ୍ଚା ସଭାପତି ଟୁନା କରକରିଆଙ୍କ ସମେତ ବହୁ ବିଜେପି ବରିଷ୍ଠ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

● ତାଲାପଡ଼ିଲା ଘରେ କଳାକନା ବୁଲୁଛି

# ଗୋଟିଏ ରାତିରେ ଦୁଇଟି ଚୋରି




**ବିଷମ କଟକ, ୩୧।୧୨(ସମିସ):** ରାୟଗଡ଼ା ଜିଲ୍ଲା ବିଷମ କଟକ ସହରରେ ଗତକାଲି ରାତିରେ ଦୁଇଟି ଘର ତାଲା ଭାଙ୍ଗି କଳାକନା ବୁଲେଇ ଦେଲେ ଦୁର୍ବୃତ୍ତ। ଗୋଟିଏ ରାତିରେ ଦୁଇଟି ସ୍ଥାନରେ ଚୋରି ହୋଇଥିବା ଘଟଣା ବିଷମ କଟକ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛଇ। ଚୋର ମାନେ ଏତେ ସକ୍ରିୟ ଯେ ଘରେ ତାଲଶପଡ଼ିବା ମାତ୍ରେ କଳାକନା ବୁଲେଇ ଦେଉଛନ୍ତି ଏବଂ ସୁନା ଗହଣା ସହ ଲକ୍ଷଧିକ ଟଙ୍କା ଲୁଟି ନେଉଛନ୍ତି। ଖବରରୁ ପ୍ରକାଶ ଯେ ବିଷମ କଟକ ସହରର ସଦର ଡୁକୁମୁ ରୋଡ ଅଞ୍ଚଳର ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ଘରେ ଅନୁପସ୍ଥିତ ରହିଥିବା ବେଳେ ଗତକାଲି ରାତିରେ ଚୋର ମାନେ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ଘରେ ପଶିବା ସହ ଘର ମଧ୍ୟରେ ରହିଥିବା ସମସ୍ତ ବଖରା, ଆଲମାରିର ତାଲା ଭାଙ୍ଗି ଦେଇଛନ୍ତି। ଏହି ଘରର ଚାରିପଟେ ସିସି କ୍ୟାମେରା ଲାଗିଥିବାରୁ ଚୋର ମାନେ ଧରାପଡ଼ିଯିବା ଭୟରେ ସିସି କ୍ୟାମେରା ହାର୍ଡ ଡିସ୍କ ତାଡି ସାଥିରେ ନେଇ ଚାଲିଯାଇଛନ୍ତି। ଆଇନଜୀବୀ ଅନୁପସ୍ଥିତ ରହିଥିବାରୁ ଘରୁ କଣ କଣ ଚୋରି ହୋଇଛି, ତାର ସଠିକ୍ ତଥ୍ୟ ଜଣାପଡ଼ିନାହିଁ। ସେ ଆସିବା ପରେ ଘରୁ କଣ ଚୋରି ହୋଇଛି ତାହା ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି। ସେହିପରି ବିଷମ କଟକ ତେଲିସାହିରେ ଅବଦୁଦ୍ ହାକିମ୍‌ଙ୍କ ଡ୍ରେସ୍ ଗୋଦାମର ମଧ୍ୟ ତାଲା ଭାଙ୍ଗି ପ୍ରାୟ ଦୁଇଲକ୍ଷ ଟଙ୍କାର ଡ୍ରେସ୍ ବସ୍ତା ଚୋର ମାନେ ନେଇ ଚାଲିଯାଇଛନ୍ତି। ଆଜି ସକାଳେ ଘର ଗୁଡିକର ଚାବି ଖୋଲାଥିବା ପଡୋଶୀ ମାନେ ଦେଖି ଘର ମାଲିକକୁ ଖବର ଦେବା ପରେ ମାଲିକଙ୍କ ଠାରୁ ସୂଚନା ପାଇ ବିଷମ କଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢି ଚୋରି ହୋଇଥିବା ଘର ଗୁଡିକକୁ ଯାଇ ସରଜମିନ ତଦନ୍ତ କରିଛନ୍ତି। ଏହି ଚୋରି ସବୁ ଗତକାଲି ମଧ୍ୟରାତ୍ରିରେ ହୋଇଥିବା ସନ୍ଦେହ କରାଯାଉଛି। ତେବେ ମୋବାଇଲ ଟ୍ରାକିଂର ସହାୟତା ନେଇ ଚୋରକୁ ଯଥାଶୀଘ୍ର ଧରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ପାଢି କହିଛନ୍ତି।

# ମାଟି ସାମଗ୍ରୀର ଚାହିଦା କମୁଛି, ଜୀବିକା ହରାଇଲେଣି କୁମ୍ଭାର ପରିବାର

● ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
● ବିସ୍ଥାପିତ ୧୬ ପରିବାରକୁ ଅବହେଳା



କୋରୁକୋଣ୍ଡା, ୩୧।୧୨(ସମିସ)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତର୍ଲାକୋଟା ଗ୍ରାମ ପଞ୍ଚାୟତର କେନ୍ଦୁଗୁଡା ଗ୍ରାମର ୧୬ କୁମ୍ଭାର ପରିବାର ସେମାନଙ୍କର ଜୀବିକା ହରାଇଥିବା ବେଳେ କିପରି ସେମାନେ ନିଜର ପରିବାର ପ୍ରତିପୋଷଣ କରିବେ ସେନେଇ ଆଜି ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନଙ୍କୁ ଭେଟି ପ୍ରଦାନ କରିଛନ୍ତି। ତେବେ ଏହି ୧୬ ପରିବାରଙ୍କ ଅଭିଯୋଗ ଅନୁଯାୟୀ ପୂର୍ବେ ଏମାନେ ନିଜର ପେଷା ଅନୁଯାୟୀ ମାଟି ହାଣ୍ଡି, ଫୁଲକୁଣ୍ଡ, ଦୀପ ସମେତ ମାଟିରେ ନିର୍ମିତ ବିଭିନ୍ନ ଘରକରଣା ସାମଗ୍ରୀ ତିଆରି କରି ତାକୁ ବିକ୍ରି କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଆଜିକା ସମୟରେ ମାଟି ନିର୍ମିତ ସାମଗ୍ରୀର ଚାହିଦା ନଥିବାରୁ ସେମାନେ ନିଜର ଜୀବିକା ହରାଇଛନ୍ତି। ଫଳରେ ସେମାନଙ୍କର ପରିବାର ପ୍ରତିପୋଷଣ କରିବା ବହୁ କଷ୍ଟକର ହୋଇପଡ଼ିଛି। ତେଣୁ ସରକାର/ପ୍ରଶାସନ ପକ୍ଷରୁ ଯଦି ସେମାନଙ୍କୁ ଚାଷ କରିବା ନିମନ୍ତେ ଜମି ଓ ବସବାସ ନିମନ୍ତେ ଗୃହ ବାଡ଼ି ଆଦି ପ୍ରଦାନ କରାଯାଆନ୍ତା। ତେବେ ସେମାନଙ୍କର ପରିବାର ପ୍ରତିପୋଷଣ କରିବାରେ କୌଣସି ସମସ୍ୟା ହୋଇନଥାନ୍ତା ବୋଲି ଏହି କୁମ୍ଭାର ପରିବାର ମାନେ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ, ବହୁ ବର୍ଷ ପୂର୍ବେ ଏହି ପରିବାର ପୂର୍ବ ପିଢ଼ି ମାନେ କୋରାପୁଟ ଜିଲ୍ଲା କୋଲାବ ଡ୍ୟାମ ନିର୍ମାଣ ବେଳେ ବିସ୍ଥାପିତ ଭାବେ ଆସି ଏଠାରେ ବସବାସ କରୁଛନ୍ତି। ଏଣୁ ସେହି ପରିବାରଙ୍କ ପାଖରେ ନିଜସ୍ୱ ଜମି ଖଣ୍ଡିଏ ମଧ୍ୟ ନାହିଁ। ଏଣୁ ବର୍ତ୍ତମାନ କୁମ୍ଭାର କାର୍ଯ୍ୟ ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ବର୍ତ୍ତମାନ ପରିବାର ପ୍ରତିପୋଷଣ କରିବାରେ ବହୁ ଆସୁବିଧାର ସମୁଖୀନ ହେଉଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ ପଦ୍ମନାଭ ମାଡ଼କାମୀ, ଶିବ ଚାଲାଣ, ଧନୁର୍ଜୟ ଖିଲ, ଭଗବାନ ଖରା, ରାଜିନ୍ଦ୍ର ଖରା, ସୁବାସ ଖିଲ, ଦାମ ଖିଲ, ଅବି ଖରା, ଆନନ୍ଦ କୁମ୍ଭାର, କମଲୁ କୁମ୍ଭାର, ଡମ୍ବୁ ଖିଲ, ରଘୁନାଥ ଖରାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୫ ପ୍ରକଳ୍ପକୁ ମଞ୍ଜୁରୀ

ଝାରସୁଗୁଡ଼ା, ୩୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ର ଜିଲ୍ଲାସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ କୃଷି ଭିତ୍ତିକ ଶିଳ୍ପର ପ୍ରସାର ଓ ଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆଣିବା ଲକ୍ଷ୍ୟରେ ଅନୁଷ୍ଠିତ ବୈଠକରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିଭିନ୍ନ ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। କମିଟି ପକ୍ଷରୁ ମୋଟ ୫ଟି ନୂତନ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଏହାଦ୍ୱାରା ଜିଲ୍ଲାରେ କୃଷି ଉଦ୍ୟୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାର ସୁଯୋଗ ସୃଷ୍ଟି ହେବ। ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି କୃଷକମାନେ ଯେପରି ସରକାରୀ ଯୋଜନାର ସୁଫଳ ସହଜରେ ପାଇପାରିବେ ଏବଂ ପ୍ରତି ଯୋଜନାର ସଫଳ ରୂପାୟନ ପାଇଁ ସଜାଗ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ଜିଲ୍ଲା ବନଖଣ୍ଡ ଅଧିକାରୀ, ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ, ଆପିକଲ୍ର ଜିଲ୍ଲା ପ୍ରବନ୍ଧକ, ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

● ସଡ଼କ ସୁରକ୍ଷା କମିଟି ବୈଠକ

## ଦୁର୍ଘଟଣା ରୋକିବାକୁ ପ୍ରଶାସନର କଠୋର ଆଭିମୁଖ୍ୟ

ଝାରସୁଗୁଡ଼ା, ୩୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଜିଲ୍ଲାପାଳ କାର୍ଯ୍ୟାଳୟ ସ୍ଥିତ ଡିଏମ୍ଏଫ୍ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ କୌଣସି ବି ଶିଳ୍ପ ସଂସ୍ଥା ବା କମ୍ପାନୀ ରାସ୍ତାକଡରେ ବାଲି, ଗୋଡି କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଡମ୍ପ କରିପାରିବେ ନାହିଁ ବୋଲି କୁହାଯାଇଛି। ଏହାଦ୍ୱାରା ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣାର ଆଶଙ୍କା ରହୁଥିବାରୁ ଏହାକୁ କଡାକଡି ଭାବେ ବାରଣ କରାଯାଇଛି। କୋଇଲା ଏବଂ ଫ୍ଲାଏଆଶ୍ ପରିବହନ ସମୟରେ ଗାଡିକୁ ସମ୍ପୂର୍ଣ୍ଣ ଭାବେ ତାରପୋଲିନ୍ ଦ୍ୱାରା ଘୋଡାଇବା ବାଧ୍ୟତାମୂଳକ ବୋଲି ସମସ୍ତ ଟ୍ରକ୍ ମାଲିକ ସଂଘକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିୟମକୁ ଆସନ୍ତା ୧୦ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଟ୍ରକ୍ ମାଲିକ ସଂଘ ପ୍ରତିଶ୍ରୁତି ଦେଇଛନ୍ତି। ଆସନ୍ତା ଜାନୁଆରୀ ୧ ରୁ ୩୧ ପର୍ଯ୍ୟନ୍ତ ସମଗ୍ର ଜିଲ୍ଲାରେ ପାଳିତ ହେବାକୁ ଥିବା 'ଜାତୀୟ ସଡ଼କ ସୁରକ୍ଷା ମାସ' ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲ୍ଲାପାଳ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଏବଂ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କ ସମେତ ବିଭିନ୍ନ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

**ବନ୍ଧବାହାଲ ଧନୁଯାତ୍ରା ଚତୁର୍ଥ ଦିବସ**

## ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା: ପୁତନା, ଷଡ଼ମଲ୍ଲ ନିଧନ

ଇବଥର୍ମାଲ, ୩୧।୧୨(ସମିସ): ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଚତୁର୍ଥ ଦିନରେ ଉପନୀତ ହୋଇଛି। ଧନୁଯାତ୍ରା ସକାଶେ ବନ୍ଧବାହାଲରେ ଗହଳି ବଢ଼ିବାରେ ଲାଗିଛି। ଗୋପପୁର ପାଲଟିଥିବା ବନ୍ଧବାହାଲ ବସ୍ତିରେ ଘରେ ଘରେ ଆମ୍ବପତ୍ର ତୋରଣ ସହ ଦାଣ୍ଡଦୁଆରେ ଝୋଟିଚିତା, ପୂର୍ଣ୍ଣକୁମ୍ଭ ସ୍ଥାପନ କରାଯାଇଛି। ବନ୍ଧବାହାଲ ବସ୍ତିର ଝିଅମାନେ ଗୋପୀ ଗୋପାଳୁଣୀ ହୋଇଥିବା ବେଳେ ବାଳକ ମାନେ କୃଷ୍ଣ ବଳରାମଙ୍କ ସଖା ହୋଇଛନ୍ତି। ମଣ୍ଡପରେ ଗୌନ୍ତିଆ ସଞ୍ଜୟ ସିଂହ ସପତ୍ନିକ କର୍ତ୍ତାକାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ନରେନ୍ଦ୍ର ପୂଜାରୀ, ଟଙ୍କଧର ନେଟି, ମଧୁ ତରେଇ, ଦୁଃଖିଶ୍ୟାମ ନାଏକ ପ୍ରମୁଖ ପୂଜାପାଠରେ ସହଯୋଗ କରୁଛନ୍ତି। କୃଷ୍ଣ ବଳରାମଙ୍କ ବାଲ୍ୟଲୀଳା ଦର୍ଶକଙ୍କୁ ବାନ୍ଧି ରଖିଛି। ନନ୍ଦ ଭବନରେ ନନ୍ଦରାଣୀ ନନ୍ଦରାଜା ମେଲାଣି ନେବାପରେ ଶ୍ରୀକୃଷ୍ଣ ବଳରାମ ଗୋପାଳ ବାଳକଙ୍କ ଗହଣରେ ଗୋପଦାଣ୍ଡ ପରିକ୍ରମା କରିଥିଲେ। ଗୋପପୁର ବାସୀ କୃଷ୍ଣ ବଳରାମଙ୍କ ଗୋଡ ଧୋଇ ପୂଜାର୍ଚ୍ଚନା କରିଥିଲେ। କୃଷ୍ଣ ବଳରାମ ଗୋପ ମଣ୍ଡପରେ ପହଞ୍ଚି ଗୋପାଳ ମାନଙ୍କ ସହ ଖେଳୁଥିବା ସମୟରେ କୃଷ୍ଣ ମାଟି ଖାଉଥିବା ମାଁ ଯଶୋଦା ଦେଖି କୃଷ୍ଣଙ୍କ ପାଟି ଖୋଲି ମାଟି ବାହାର କରିବାକୁ ଯାଇ ପାଟି ଭିତରେ ବିଶ୍ୱ ବ୍ରହ୍ମାଣ୍ଡ ଦେଖି ଅଚେତ ହୋଇଥିଲେ। କୃଷ୍ଣ କଂସ ପ୍ରେରିତ ଷଡ଼ମଲ୍ଲଙ୍କୁ ମାରିବାର ଅଭିନୟ ଅଭିନିତ ହୋଇଛି। ମହାରାଜ କଂସ ଆଜି ବନ୍ଧବାହାଲ କଲୋନୀ ଫୋର୍ ବାଏ ଫୋର୍ କଲୋନୀ ଦିଗବିଜୟ ପାଇଁ ଯାଇ କଲୋନୀର ଅଳିଆ ଆବର୍ଜ୍ଜନା ଦେଖି ବିରକ୍ତି ପ୍ରକାଶ କରିଥିଲେ। ଅପରପକ୍ଷରେ କଲୋନୀବାସୀ ମହାରାଜଙ୍କୁ ରାଜକୀୟ ସ୍ୱାଗତ ସମ୍ବର୍ଦ୍ଧନା ଦେବାରୁ ମହାରାଜ ଖୁସି ହୋଇଯାଇଥିଲେ। ରାଜ ଦରବାର ପହଞ୍ଚିଲା ବେଳେ ଶିବ ଦର୍ଶନ ପଶ୍ଚାତ୍ କଂସ ଭୟଭୀତ ଓ ବିବ୍ରତ ହେବା ଦେଖାଯାଇଥିଲା। ଯୋଜନା ଅନୁଯାୟୀ ମହାରାଜ କଂସ କୃଷ୍ଣଙ୍କୁ ମାରିବା ପାଇଁ ପୁତନା ଓ ପରେ ଅଘା, ବକା, ଶକଟା, ତୃଣା ଆଦି ଷଡ଼ମଲ୍ଲ ଗୋପକୁ ପ୍ରେରଣ କରିବା ଓ କୃଷ୍ଣଙ୍କ ହାତରେ ସମସ୍ତଙ୍କ ମୃତ୍ୟୁ ହେବାର ଖବର ପାଇ କଂସ ଆହୁରି ଭୟଭୀତ ହେବାସହ ଧନଶ୍ରୀ ଓଷାର ପାତ୍ରମନ୍ତ୍ରୀ ତଥା ନାରଦଙ୍କ ସହ ଆଲୋଚନା କରିଛନ୍ତି। ମୁକ୍ତାକାଶ ରଙ୍ଗମଞ୍ଚରେ କଂସ ଓ ଜରାସନ୍ଧଙ୍କ ଯୁଦ୍ଧ, ଜରାସନ୍ଧଙ୍କୁ ପରାଜିତ କରି ତାଙ୍କ ଦୁଇ କନ୍ୟା ଅସ୍ତି ଓ ପ୍ରାପ୍ତିଙ୍କୁ ବିବାହ କରିବା ଆଦି ଦୃଶ୍ୟ ଅଭିନୀତ ହୋଇଥିଲା। ଆଜି ଥଣ୍ଡାର ପ୍ରକୋପ ସତ୍ତ୍ୱେ ଆସାମରୁ ଆସିଥିବା ବିହୁ ନୃତ୍ୟର ତାଳେ ତାଳେ ତଥା ଖଟଖଟିଆ ସାଂସ୍କୃତିକ କଳା ପରିଷଦ ସାଂସ୍କୃତିକ ଦଳର ନୃତ୍ୟ ଗୀତରେ ଦର୍ଶକ ଝୁମିଥିଲେ। ରାଜ ଅତିଥି ଭାବେ ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ସାହୁ, ବନ୍ଧବାହାଲ ସମିତି ସଭ୍ୟା ପଦ୍ମିନୀ ସିଂ କଂସଙ୍କ ଦରବାରରେ ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ସିଂହ ସଭାର ସଭାପତିତ୍ୱ କରିଥିଲେ। ଉମାକାନ୍ତ ପଣ୍ଡା ମଞ୍ଚ ସଞ୍ଚାଳନ କରିଥିବା ବେଳେ କମିଟି ସଦସ୍ୟ ମନୋଜ ପ୍ରଧାନ, ପ୍ରହଲ୍ଲାଦ ପ୍ରଧାନ, ଅଶୋକ ସାହୁ, ଭଗବାନ ଲାକ୍ରା ସହଯୋଗ କରିଥିଲେ।



## ଜିଲ୍ଲାପାଳଙ୍କ ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

● ସ୍ୱାସ୍ଥ୍ୟସେବାର ବ୍ୟାପକ ସମୀକ୍ଷା ଓ ସୁଧାର ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା, ୩୧।୧୨(ସମିସ): ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣ, ଆଇଏଏସ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିବା ସହ ଜିଲ୍ଲାର ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ଓ ରୋଗୀ ସେବା ବ୍ୟବସ୍ଥାର ବ୍ୟାପକ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ହସ୍ପିଟାଲରେ ପହଞ୍ଚି ପ୍ରଥମେ ସିଟି ସ୍କାନ ୟୁନିଟ୍ ଅନୁଧ୍ୟାନ କରିଥିଲେ। ପରେ ସେ ଆଇସିୟୁ ଏବଂ ଡାୟାଲିସିସ୍ ୟୁନିଟ୍ ପରିଦର୍ଶନ କରି କାର୍ଯ୍ୟରତ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏହା ସହିତ ଜିଲ୍ଲାପାଳ ଓଜି/ଏଲ୍ଆର୍ ଅପରେସନ ଥିଏଟର, ଜେନେରାଲ ଓଟି ଏବଂ ଇଣ୍ଟିଗ୍ରେଟେଡ୍ ପବ୍ଲିକ ହେଲଥ୍ ଲ୍ୟାବ୍‌ର କାର୍ଯ୍ୟକାରିତା ପରଖିଥିଲେ। ବିଶେଷ କରି ଲ୍ୟାବ୍ ରିପୋର୍ଟଗୁଡିକର ଡିଜିଟାଇଜେସନ ପ୍ରକ୍ରିୟା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚିକିତ୍ସା ସେବା ଯୋଗାଇବାରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରତିବନ୍ଧକ ବିଷୟରେ ମଧ୍ୟ ସେ ଆଲୋଚନା କରିଥିଲେ। ପରିଦର୍ଶନ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟସେବାକୁ ଅଧିକ ଲୋକାଭିମୁଖୀ କରିବା ପାଇଁ ଜିଲ୍ଲାପାଳ, ସାଧାରଣ ଜନତାଙ୍କ ସୁବିଧା ପାଇଁ ଓପିଡିରେ ଡାକ୍ତରମାନଙ୍କ ନାମ ଏବଂ ସେମାନଙ୍କ ଉପଲବ୍ଧତା ସମୟ ସ୍ପଷ୍ଟ ଭାବେ ପ୍ରଦର୍ଶନ କରାଯିବା ପାଇଁ ନିର୍ଦ୍ଦେଶାବଳୀ ଜାରି କରିବା ସହିତ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଅତ୍ୟାଧୁନିକ 'ଫାକୋ' ମେସିନ ଓ ଆନୁଷଙ୍ଗିକ ଯନ୍ତ୍ରପାତି ତୁରନ୍ତ କ୍ରୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଡିଜିଟାଲ୍ ଚିକିତ୍ସା ଯନ୍ତ୍ରପାତିର ସଠିକତା ବଜାୟ ରଖିବା ପାଇଁ ନିୟମିତ ବ୍ୟବଧାନରେ 'କାଲିବ୍ରେସନ' କରିବାକୁ ସେ ଗୁରୁତ୍ୱ ଦେଇଛନ୍ତି। ମଙ୍ଗଳ ବଜାର ସ୍ଥିତ ସାଟେଲାଇଟ୍ ହସ୍ପିଟାଲର ସୁପରିଚାଳନା ଓ ସେଠାରେ ସେବା ବୃଦ୍ଧି ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମୀକ୍ଷା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ହସ୍ପିଟାଲର ବରିଷ୍ଠ ପଦାଧିକାରୀ ଓ ବିଶେଷଜ୍ଞ ଡାକ୍ତରମାନେ ଉପସ୍ଥିତ ଥିଲେ।

● ଜିଲ୍ଲାସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ବୈଠକ

## ୧୪୩ କୋଟିରୁ ଅଧିକ ନିବେଶ ପ୍ରସ୍ତାବକୁ ମଞ୍ଜୁରୀ

ଝାରସୁଗୁଡ଼ା, ୩୧।୧୨(ସମିସ): ଜିଲ୍ଲାରେ ଶିଳ୍ପାୟନ ଓ ଆର୍ଥିକ ବିକାଶକୁ ଗତିଶୀଳ କରିବା ପାଇଁ ଜିଲ୍ଲାପାଳ କୁନାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଡିସେମ୍ବର ମାସ ପାଇଁ ୯୬ତମ ଜିଲ୍ଲା ସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆସିଥିବା ବିଭିନ୍ନ ନିବେଶ ପ୍ରସ୍ତାବ ଗୁଡିକର ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ପ୍ରଶାସନ ପକ୍ଷରୁ ମୋଟ ୫ଟି ପ୍ରମୁଖ ନିବେଶ ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ପ୍ରାୟ ୧୪୩.୭୨ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବା ଦ୍ୱାରା ଜିଲ୍ଲାର ପ୍ରାୟ ୮୩୩ ଜଣ ବ୍ୟକ୍ତିଙ୍କ ପାଇଁ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଅନୁମୋଦିତ ପ୍ରସ୍ତାବଗୁଡିକ ମଧ୍ୟରେ କେମିକାଲ୍ ଓ ପେଟ୍ରୋକେମିକାଲ୍, ରିଫ୍ରାକ୍ଟ୍ରି ବ୍ରିକ୍ସ, ପ୍ରିଷ୍ଟ୍ରେସଡ୍ କଙ୍କ୍ରିଟ୍ ସ୍ଲିପର୍ ଏବଂ ପଞ୍ଜିକୃତ ଯାନ ସ୍କ୍ରାପିଂ ସୁବିଧା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ସାମିଲ ରହିଛି। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ, ଇଡକୋ ସମ୍ବଲପୁରର ପ୍ରତିନିଧି, ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ, ଝାରସୁଗୁଡ଼ା ଓ କୋଲାବିରା ତହସିଲଦାର, ଜିଲ୍ଲା ବ୍ୟାଙ୍କ ପ୍ରବନ୍ଧକ, ଜିଏସଟି ବିଭାଗର ଯୁଗ୍ମ କମିଶନରଙ୍କ ପ୍ରତିନିଧି ଏବଂ ଦୀପା ଟିମ୍‌ର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

● ୩୩ ବର୍ଷରେ ଦେବଗଡ଼

## ଆଶାନୁରୂପ ବିକାଶରୁ ବହୁ ଦୂରରେ ଜିଲ୍ଲାବାସୀଙ୍କ ସ୍ୱପ୍ନ

ଦେବଗଡ଼, ୩୧।୧୨(ସମିସ): ଆଜି ଦେବଗଡ଼ ଜିଲ୍ଲାର ୩୩ ତମ ପ୍ରତିଷ୍ଠା ଦିବସ। ଜିଲ୍ଲା ଗଠନର ୩୨ ବର୍ଷ ଅତିକ୍ରାନ୍ତ ହେବା ପରେ ମଧ୍ୟ ଜିଲ୍ଲାବାସୀଙ୍କ ଜିଲ୍ଲା ଗଠନ ପରେ ବିକାଶର ସ୍ୱପ୍ନ ବହୁ ଦୂରରେ ଅଟକି ଥିବା ଭଳି ପରିଲକ୍ଷିତ ହୋଇଛି। ୩୨ ବର୍ଷ ପରେ କେବଳ ବିଭାଗୀୟ ସରକାରୀ କାର୍ଯ୍ୟାଳୟ କୋଠାକୁ ଛାଡି ଦେଲେ ନୂତନତ୍ୱ କିଛି ପରିଲକ୍ଷିତ ହୋଇପାରି ନାହିଁ। ସରକାରୀ ଯୋଜନାକୁ ଜିଲ୍ଲାବାସୀଙ୍କ ହାତ ପାହାନ୍ତାରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଦେବଗଡ଼ ଉପଖଣ୍ଡକୁ ୩ଟି ବ୍ଲକ, ୪ଟି ଥାନା ଓ ଗୋଟିଏ ତହସିଲକୁ ନେଇ ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାନ ଜନନାୟକ ବିଜୟାନନ୍ଦ ପଟ୍ଟନାୟକ ଦେବଗଡ଼କୁ ଏକ ଜିଲ୍ଲାରେ ପରିଣତ କରିଥିଲେ। ଜିଲ୍ଲାକୁ ବିକାଶର ଶୀର୍ଷରେ ପହଞ୍ଚାଇବା ଓ ଜିଲ୍ଲାବାସୀଙ୍କ ସ୍ୱପ୍ନକୁ ସାକାର କରିବା ଉଦ୍ଦେଶ୍ୟ ରହିଥିଲେ ହେଁ ଆଜି ସେହି ସ୍ୱପ୍ନ ମଉଳି ଯାଇଛି। ରାଜନୈତିକ ଉଦାସୀନତା, ପ୍ରଶାସନିକ ଅସ୍ଥିରତା ଓ ଜନ ସାଧାରଣଙ୍କ ପ୍ରତିକ୍ରିୟା ହୀନତା ଏଥିପାଇଁ ମୁଖ୍ୟତଃ ଦାୟୀ। ଏଥିଠିପାଇଁ ଦିଲ୍ଲୀ ସଂସଦରେ ଦେବଗଡ଼ ଲୋକସଭା ଆସନର ନାମ ଦୀର୍ଘ ବର୍ଷ ରହିବା ପରେ ତାହାକୁ କାଟି ସମ୍ବଲପୁର ଲୋକସଭା ଆସନ ଅଧୀନରେ ରଖାଯାଇଛି। ଶିଳ୍ପ ବିହୀନ ଜିଲ୍ଲା ହେବା କାରଣରୁ ଆଜି ମଧ୍ୟ ଜିଲ୍ଲାର ଗ୍ରାମାଞ୍ଚଳର ଯୁବକ ରୋଜଗାର ପାଇଁ ଅନ୍ୟ ଜିଲ୍ଲା କିମ୍ବା ରାଜ୍ୟ ଉପରେ ନିର୍ଭରଶୀଳ। ରାଜ୍ୟର ଅନ୍ୟତମ ଲାଭପ୍ରଦ ୟୁନିଟ ଭାବେ ରହିଥିବା ରାଜ୍ୟ ସଡକ ପରିବହନ ନିଗମ ବନ୍ଦ ହୋଇଛି। ଏହାର ପୁନଃରୁଦ୍ଧା ପାଇଁ ରାଜନୈତିକ ପ୍ରୟାସ ସମ୍ପୂର୍ଣ୍ଣ ନିଷ୍ଫଳ ହୋଇଛି। କୃଷି ଉପରେ ନିର୍ଭରଶୀଳ ଜିଲ୍ଲାବାସୀଙ୍କ କୃଷିର ବିକାଶ ପାଇଁ ନିର୍ଦ୍ଦିଷ୍ଟ କୌଣସି ଯୋଜନା ପ୍ରଣୟନ ନ ହେବା, ପ୍ରାକୃତିକ ପରିବେଶ ମଧ୍ୟରେ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ସୁଯୋଗ ଥିଲେ ମଧ୍ୟ କାର୍ଯ୍ୟକାରୀ ନ ହେବା, ଏଥିସହ ଗମନାଗମନ କ୍ଷେତ୍ରରେ ଜିଲ୍ଲା ମଧ୍ୟରେ ୪ଟି ଜାତୀୟ ରାଜପଥ ରହିଥିଲେ ମଧ୍ୟ ରେଳ ସଂଯୋଗ ନ ରହିବା ଆଦି ବିକାଶରେ ମୁଖ୍ୟ ପ୍ରତିବନ୍ଧକ ସାଜିଛି। ସେହିପରି ପ୍ରାଥମିକ ଶିକ୍ଷା ଠାରୁ ବୈଷୟିକ ଶିକ୍ଷା ହେଉ କି ଉଚ୍ଚଶିକ୍ଷା ଭିତ୍ତିଭୂମିର ଅଭାବ ଆଜି ମଧ୍ୟ ଦେଖିବାକୁ ମିଳୁଛି। ଜିଲ୍ଲା ଗଠନର ୩୨ ବର୍ଷ ମଧ୍ୟରେ ୩୩ ଜିଲ୍ଲାପାଳ ଓ ୫୧ ଏସପିଙ୍କ ତାଲିକା ସୂଚୀ ଅସ୍ଥିର ପ୍ରଶାସନର ସ୍ପଷ୍ଟଚିତ୍ର ଜିଲ୍ଲା ବିକାଶର ଅନ୍ୟତମ ବାଧକ ବୋଲି ମଧ୍ୟ ବିବେଚନା କରାଯାଏ। ତଥାପି ଶାନ୍ତିପ୍ରିୟ ଦେବଗଡ଼ ଜିଲ୍ଲାବାସୀ ସନ୍ତୁଷ୍ଟ ଥିବା ଏବଂ ରାଜନୈତିକ ନେତୃବୃନ୍ଦଙ୍କ ପ୍ରତିଶ୍ରୁତି ଓ ପ୍ରତାରଣା ମଧ୍ୟରେ ଜିଲ୍ଲା ୩୩ ବର୍ଷରେ ପଦାର୍ପଣ କରିଥିବା ବେଳେ ଜିଲ୍ଲାର ବିକାଶ ସହ ଯୁବକଙ୍କୁ ଶିକ୍ଷା ଓ ରୋଜଗାର ପାଇଁ ପୁଣି ଥରେ ନୂଆ ଆଶା ସହ ବର୍ଷ ଆରମ୍ଭ ହୋଇଛି।

## ଆଜିଠୁ 'ଦୁଲଦୁଲି-୨୦୨୬'

**ଜମିବ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସ୍ୱଦେଶୀ ଖାଦ୍ୟର ଆସର**

ଝାରସୁଗୁଡ଼ା, ୩୧।୧୨(ସମିସ): ଜିଲ୍ଲା ପ୍ରଶାସନ ଏବଂ ଓରମାସର ମିଳିତ ସହଯୋଗରେ ସ୍ଥାନୀୟ ବିଟିଏମ ପଡ଼ିଆରେ ଗୁରୁବାରଠାରୁ ୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ମହୋତ୍ସବ 'ଦୁଲଦୁଲି-୨୦୨୬' ଏବଂ 'ପଲ୍ଲିଶ୍ରୀ ମେଳା' ଆୟୋଜିତ ହେବାକୁ ଯାଉଛି। ଏହି ୫ ଦିନିଆ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପରିକ ଖାଦ୍ୟର ପ୍ରଦର୍ଶନୀ ଦେଖିବାକୁ ମିଳିବ। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ବର୍ଷ ପଲ୍ଲିଶ୍ରୀ ମେଳାରେ ମୋଟ ୨୦୦ଟି ଷ୍ଟଲ୍ ସ୍ଥାପନ କରାଯାଇଛି। ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଶିଳ୍ପୀମାନେ ଏଥିରେ ସାମିଲ ହେବେ। ଓଡ଼ିଶା ବ୍ୟତୀତ ଉତ୍ତର ପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ମଣିପୁର ଏବଂ ପଶ୍ଚିମବଙ୍ଗ ଭଳି ରାଜ୍ୟରୁ ମଧ୍ୟ କାରିଗରମାନେ ନିଜର ସ୍ୱତନ୍ତ୍ର ହସ୍ତକଳା ସହ ଅଂଶଗ୍ରହଣ କରିବେ। ଗ୍ରାହକମାନେ ଗ୍ରାମୀଣ କାରିଗରଙ୍କ ଦ୍ୱାରା ପ୍ରସ୍ତୁତ ଘରୋଇ ସାମଗ୍ରୀ ସିଧାସଳଖ କିଣିବାର ସୁଯୋଗ ପାଇବେ। ମେଳାର ଅନ୍ୟତମ ମୁଖ୍ୟ ଆକର୍ଷଣ ହେଉଛି 'ସ୍ୱଦେଶୀ ମେଳା' ଏବଂ ଲାଇଭ୍ ଡେମୋନ୍‌ଷ୍ଟ୍ରେସନ୍। ଏଠାରେ ୩୦ଟି ସ୍ୱଦେଶୀ ଖାଦ୍ୟ ଷ୍ଟଲ୍‌ରେ ଓଡ଼ିଆ ପରମ୍ପରାର ବିଭିନ୍ନ ପିଠା ଉପଲବ୍ଧ ହେବ। ଏଥିସହିତ ସମ୍ବଲପୁରୀ ହସ୍ତତନ୍ତ, ଟେରାକୋଟା, ଚାନ୍ଦୁଆ ଏବଂ ବାଉଁଶ କାମ କିପରି ପ୍ରସ୍ତୁତ କରାଯାଏ, ତାହାର ଜୀବନ୍ତ ପ୍ରଦର୍ଶନୀ ଶିଳ୍ପୀମାନଙ୍କ ଦ୍ୱାରା କରାଯିବ।

## ଦୁର୍ବୃତ୍ତ କାଟିନେଲେ ୨୪ ଶାଗୁଆନ ଗଛ

● ବନବିଭାଗ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପାଇଁ ତଦନ୍ତ ଆରମ୍ଭ

ଝାରସୁଗୁଡ଼ା, ୩୧।୧୨(ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଫରେଷ୍ଟରେଞ୍ଜ ଶିରିଆପାଲି ବନପାଳ ଅଧୀନସ୍ଥ ଗୁଡିଗାଁ ଗାଁରେ ଗତ ୨୮ ତାରିଖ ରାତି ପ୍ରାୟ ୯ ଟାରେ କେତେକ ଦୁର୍ବୃତ୍ତ ମାନେ ୨୪ଟି ସାଗୁଆନ ଗଛ ଓ ଗୋଟିଏ ଲିମ୍ବ ଗଛକୁ କାଟି ଦେଇଥିବା ନେଇ ଅଭିଯୋଗ ହୋଇଛି। ଗଛ କାଟୁଥିବା ସୂଚନା ପାଇଁ ବନ ସୁରକ୍ଷା ସମିତି ସଦସ୍ୟ ଓ ଗ୍ରାମବାସୀ ଘଟଣାସ୍ଥଳକୁ ପହଞ୍ଚିବା ବେଳେ ଦୁର୍ବୃତ୍ତ ମାନେ ଗଛ ଛାଡି ଫେରାର ହୋଇଯାଇଥିଲେ। ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେବା ସହ ରାତି ସାରା ଗଛକୁ ଜଗି ରହିଥିଲେ। ସୋମବାର ସକାଳୁ ଭାରପ୍ରାପ୍ତ ରେଞ୍ଜର



ସୁଦାମ ଜଗଦଲା ଓ ଫରେଷ୍ଟର ବୁଧୁରାମ ରୋହିଦାସ ସଦଳବଳେ ଘଟଣା ସ୍ଥଳକୁ ପହଞ୍ଚି ତଦନ୍ତ କରିବା ସହ କଟାଯାଇଥିବା ଗଛ ଗୁଡିକୁ ଜବତ କରିଛନ୍ତି। ଗୁଡିଗାଁ ଗାଁରେ ଗଛ କଟାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ଗାଁ ଜଙ୍ଗଲ ସୁରକ୍ଷା ସମିତିର ସଭାପତି ପଦ୍ମଲୋଚନ ପଟେଲ, କିଶୋର ଧୁରୁଆ, ରୋମାଞ୍ଚ ପଟେଲ, ସୁଶାନ୍ତ ପଟେଲ, ଧରଣୀଧର ପଟେଲ, ସରୋଜ ପଟେଲ ପ୍ରମୁଖ ଫରେଷ୍ଟ ରେଞ୍ଜର ଓ କୋଲାବିରା ଥାନାରେ ଲିଖିତ ଅଭିଯୋଗ ଜଣାଇଛନ୍ତି। ଏନେଇ ଫରେଷ୍ଟର ବୁଧୁରାମ ରୋହିଦାସ ବନସୁରକ୍ଷା ସମିତି ଓ ଗ୍ରାମବାସୀଙ୍କ ନିକଟରୁ ଅଭିଯୋଗ ପାଇବା ପରେ ଗଛ ସବୁ ଜବତ୍ କରାଯାଇଥିବା ନେଇ ସୂଚନା ଦେଇଛନ୍ତି। ବର୍ତ୍ତମାନ ଏହାର ତଦନ୍ତ ଚାଲୁ ରହିଛି। ଏହାସହ ଗଛ କାଟିଥିବା ବ୍ୟକ୍ତିଙ୍କ ବିଷୟରେ ସୂଚନା ମିଳି ସାରିଛି ଏବଂ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଶ୍ରୀ ରୋହିଦାସ ସୂଚନା ଦେଇଛନ୍ତି।












# ଭୁବନେଶ୍ୱର ସିଟି

## ଚିନ୍ତାଜନକ ସ୍ଥିତିରେ ଜିଲ୍ଲାର ସଡ଼କ ଦୁର୍ଘଟଣା

# ୧୧ ମାସରେ ଯାଇଛି ୩୩୮ ଜୀବନ

ଭୁବନେଶ୍ୱର, ୩୧।୧୨ (ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। କେବଳ ରାଜ୍ୟ ନୁହେଁ, ଖୋର୍ଦ୍ଧା ଜିଲ୍ଲା ବା ବିଶେଷକରି ରାଜଧାନୀ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ପରିବହନ ବିଭାଗ ଠାରୁ ଆରମ୍ଭ କରି ଟ୍ରାଫିକ ପୁଲିସ ପର୍ଯ୍ୟନ୍ତ ସବୁସ୍ତରରେ ଯାଞ୍ଚ କଡ଼ାକଡ଼ି ହେଉଥିଲେ ମଧ୍ୟ ସଡ଼କ ଦୁର୍ଘଟଣା ହାର କମିବାର ନାଁ ନେଉନାହିଁ। ସରକାରୀ ତଥ୍ୟ କହୁଛି, ସଡ଼କ ଦୁର୍ଘଟଣାରେ ପ୍ରତି ବର୍ଷ ଦେଶରେ ଦେଢ଼ ଲକ୍ଷ ଓ ରାଜ୍ୟରେ ପ୍ରାୟ ୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଉଛନ୍ତି। ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୪୮ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ଗତ ୧୧ ମାସ ମଧ୍ୟରେ ଭୁବନେଶ୍ୱରରେ ଯାଇଛି କେବଳ ୩୩୮ ଜଣଙ୍କ ଜୀବନ। ଏକ ଲକ୍ଷରୁ ଅଧିକ ଲୋକେ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟରେ ଦିନକୁ ହାରାହାରି ୧୬ ଜଣଙ୍କର ମୃତ୍ୟୁ ସଡ଼କ ଦୁର୍ଘଟଣା ଜନିତ।

ଖୋର୍ଦ୍ଧା ଜିଲ୍ଲାରେ ସଡ଼କ ଦୁର୍ଘଟଣା ମଧ୍ୟ ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ଅନେକ କଟକଣା ଓ ଧରପଗଡ଼ ସତ୍ତ୍ୱେ, ଦୁର୍ଘଟଣା ଓ ମୃତ୍ୟୁହାର କମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଗତବର୍ଷ ଜାନୁୟାରୀରୁ ନଭେମ୍ବର ମାସ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରେ ୧୧୬୬ ଦୁର୍ଘଟଣା ଘଟିଥିଲା। ଏଥିରେ ୩୩୪ ଜଣ ପ୍ରାଣ ହରାଇଥିବା ବେଳେ ୬୩୦ ଜଣ ଆହତ ହୋଇଥିଲେ। ଚଳିତବର୍ଷ ସେହି ସମୟସୀମା ମଧ୍ୟରେ ଦୁର୍ଘଟଣା ବୃଦ୍ଧି ପାଇବା ସହ ମୃତାହତ ମଧ୍ୟ ଗତବର୍ଷର ସଂଖ୍ୟାକୁ ଅତିକ୍ରମ କରିଛି। ଚଳିତବର୍ଷ ଜାନୁୟାରୀ ମାସରୁ ନଭେମ୍ବର ମାସ ଭିତରେ ୧୧୭୪ଟି ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାଗୁଡ଼ିକରେ ୬୫୦ ଜଣ ଆହତ ହୋଇଥିବା ବେଳେ ୩୩୮ଟି ମୂଲ୍ୟବାନ ଜୀବନ ଯାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ ୦.୬୮ ପ୍ରତିଶତ ଦୁର୍ଘଟଣା ବଢ଼ିଛି। ସେହିପରି ମୃତ୍ୟୁହାର ମଧ୍ୟ ୧.୧୯% ବୃଦ୍ଧି ପାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ଦୁର୍ଘଟଣା ମଧ୍ୟରୁ ସିଂହଭାଗ ରାଜଧାନୀରେ ଘଟିଛି।? ମଦ୍ୟପାନ କରି ଗାଡ଼ି ଚାଳନା, ଦ୍ରୁତଗତିରେ ଗାଡ଼ି ଚଳାଇବା, ଗାଡ଼ି ଚଳାଇବା ସମୟରେ ହେଲମେଟ୍ ଓ ସିଟ୍‌ବେଲ୍ଟ ବ୍ୟବହାର ନ କରିବା, ବିପରୀତ ଦିଗରେ ଗାଡ଼ି ଚଳାଇବା ଓ ଗାଡ଼ି ଚାଳନା ସମୟରେ ମୋବାଇଲ ଫୋନ୍ ବ୍ୟବହାର ଯୋଗୁଁ ଦୁର୍ଘଟଣା ହାରରେ ବୃଦ୍ଧି ଘଟୁଛି। ଦୁର୍ଘଟଣାପ୍ରବଣ ଅଞ୍ଚଳ ଚିହ୍ନଟ ସହ ପ୍ରତିକାର ବ୍ୟବସ୍ଥା କରାଯିବା ପରେ ବି ସ୍ଥିତିରେ ସୁଧାର ଆସିପାରି ନାହିଁ।

- କଟକଣା ସତ୍ତ୍ୱେ ବର୍ଷକରେ ୧୧୭୪ ଦୁର୍ଘଟଣା
- ଗତବର୍ଷ ତୁଳନାରେ ମୃତ୍ୟୁହାର ବଢ଼ିଛି ୧.୧୯ %

---

● ୩୭ତମ ସାଧାରଣ ବୈଠକରେ ନିଷ୍ପତ୍ତି

# ଦୁଇରୁ ହଟିବ ବକେୟା ଥିବା ଏଜେନ୍ସିଙ୍କ ହୋଡିଂ

ଭୁବନେଶ୍ୱର, ୩୧।୧୨(ସମିସ):ବିଏମ୍‌ସି ଅଞ୍ଚଳରେ ହୋଡିଂ ମାରିବା ପାଇଁ ଅନୁମତି ନେଇଥିବା ସଂସ୍ଥା ବକେୟା ରାଶି ପୈଠ କରି ନ ଥିଲେ ସମସ୍ତ ହୋଡିଂ କାଢ଼ାଯିବ। ଆସନ୍ତା ଜାନୁଆରୀ ୨ତାରିଖରୁ ଏହି ଅଭିଯାନ ଆରମ୍ଭ ହେବ। ସେହିପରି ପୂର୍ବରୁ ଜନପଥରେ ଲାଗିଥିବା ହୋଡିଂରୁ ଆୟ ଅର୍ଥ ସ୍ମାର୍ଟ ସିଟିକୁ ଯାଉଥିବା ବେଳେ ବର୍ତ୍ତମାନ ସେ ସବୁ ବିଏମ୍‌ସିକୁ ଆସିବ। ୫୦୦୦ ବର୍ଗଫୁଟରୁ ଅଧିକ ସ୍ଥାନରେ କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଏନ୍‌ଓସି ଅନୁମୋଦନ କରିବା ପୂର୍ବରୁ ତାହା ପ୍ଲାନିଂ ଷ୍ଟାଣ୍ଡିଂ କମିଟିକୁ ଅବଗତ କରିବାକୁ ପଡ଼ିବ ବୋଲି ବିଏମ୍‌ସି ୩୭ତମ ସାଧାରଣ ବୈଠକରେ ନିଷ୍ପତ୍ତି ହୋଇଛି। ଏହାସହ ନିୟମ ଉଲ୍ଲଙ୍ଘନ କରି ବହୁତଳ ଆପାର୍ଟମେଣ୍ଟ ନିର୍ମାଣ କଲେ, ସେମାନଙ୍କଠାରୁ ଜୋରିମାନା ଆଦାୟ ହେବ କିମ୍ବା କାର୍ଯ୍ୟ ବନ୍ଦ କରିଦିଆଯିବା ସହ ସମସ୍ତ ବ୍ୟବସାୟୀଙ୍କଠାରୁ ଯଥୋଚିତ ୟୁଜର୍ସ ଫି ଆଦାୟ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା।

ବୈଠକରେ କମିସନର ଚଞ୍ଚଳ ରାଣା, ବିଏମ୍‌ସିକୁ ଦେଶର ସ୍ୱଚ୍ଛ ସହର ତାଲିକାର ପ୍ରଥମ ତିନୋଟି ସ୍ଥାନ ମଧ୍ୟରେ ରଖିବା ପାଇଁ କର୍ପୋରେଟରମାନଙ୍କର ସହାୟତା କାମନା କରିବା ସହ ଟିଟିଏସ୍, ବାୟୋ ମାଇନିଂ, ଦୟା ୱେଷ୍ଟ ସହ ଅନେକ ବଡ଼ ବଡ଼ ପ୍ରକଳ୍ପ କାମ କରିବାକୁ ଲକ୍ଷ୍ୟ ରଖିଥିବା ବେଳେ ରାଜସ୍ୱ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜସ୍ୱ ବୃଦ୍ଧି ଯେଉଁ ପରିମାଣରେ ହେବ, ସେହି ପରିମାଣରେ ୫ମ ଅର୍ଥ କମିସନର ଅର୍ଥ ବରାଦ କରିବେ ବୋଲି କମିସନର ଗୃହକୁ ଅବଗତ କରାଇଥିଲେ। ଆବଶ୍ୟକ କର୍ମଚାରୀ ନଥିବାରୁ ଜଣେ ଜଣେ ୱାର୍ଡ ଅଫିସର ଏକାଧିକ ୱାର୍ଡରୁ ଟାକ୍ସ କଲେକ୍ସନ କରୁଛନ୍ତି। ଫଳରେ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି କର୍ପୋରେଟରମାନେ ଅଭିଯୋଗ କରିଥିବା ବେଳେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ପତ୍ର ଲେଖାଯିବ ବୋଲି କମିସନର ଗୃହକୁ ଅବଗତ କରାଇଥିଲେ। ବୈଠକରେ ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ କର୍ପୋରେଟର ଓ ଉପବିଭାଗୀୟ ଅଧିକାରୀମାନଙ୍କ ପକ୍ଷରୁ ଆସିଥିବା ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ହୋଇଥିଲା। ବୈଠକରେ ମୋଟ୍ ୧୫ଟି ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ମଞ୍ଜୁଲତା କହଁର, ସିଟି ଇଂଜିନିୟର ନୀରଦ ଚନ୍ଦ୍ର ରଥ, ସସ୍ମିତା ସାହୁ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରାଙ୍କ ସମେତ କର୍ପୋରେଟରମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ।

- ସ୍ମାର୍ଟ ସିଟି ବଦଳରେ ବିଏମ୍‌ସି ନେବ ଜନପଥ ହୋଡିଂ ଟାକ୍ସ
- ବିଏମ୍‌ସି ବ୍ୟତୀତ ଅନ୍ୟ ମାର୍କେଟରୁ ଆଦାୟ ହେବ ୟୁଜର୍ସ ଫି

---

## ମାନେକା ଗାନ୍ଧୀ ପ୍ରଦାନ କରିବେ ଗାନ୍ଧୀ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୩୧।୧୨(ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ରାଜକିଶୋର ନାୟକଙ୍କ ପୁଣ୍ୟତିଥି ଅବସରରେ ରାଜକିଶୋର ନାୟକ ସ୍ମାରକୀ ଗାନ୍ଧୀ ବକ୍ତୃତାମାଳା କାର୍ଯ୍ୟକ୍ରମରେ ଯୋଗଦେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ମାନେକା ଗାନ୍ଧୀ। ଆସନ୍ତା ୪ରେ ଓଡ଼ିଶା ଗସ୍ତରେ ଆସୁଛନ୍ତି ଶ୍ରୀମତୀ ଗାନ୍ଧୀ। ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ପ୍ରାଣୀ ସମ୍ପଦର ଆବଶ୍ୟକତା, ସୁରକ୍ଷା ଓ କଲ୍ୟାଣ କ୍ଷେତ୍ରରେ ଗାନ୍ଧୀଜୀଙ୍କ ମାର୍ଗ ଦର୍ଶନ ଏବଂ ସାମ୍ପ୍ରତିକ ପରିସ୍ଥିତିରେ ଏହାର ପ୍ରାସଙ୍ଗିକତା ଉପରେ ଶ୍ରୀମତୀ ଗାନ୍ଧୀ ବକ୍ତବ୍ୟ ରଖିବେ। ପ୍ରଫେସର ନିବେଦିତା ମହାନ୍ତି ଭିତ୍ତିଭାଷଣ ପ୍ରଦାନ କରିବେ।

## ସାମ୍ବାଦିକଙ୍କୁ ନବୀକରଣ ଅଧିସ୍ୱୀକୃତିପତ୍ର ପ୍ରଦାନ



ଭୁବନେଶ୍ୱର, ୩୧।୧୨(ସମିସ): ରାଜ୍ୟରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ସାମ୍ବାଦିକମାନଙ୍କୁ ୨୦୨୬ ବର୍ଷ ପାଇଁ ସେମାନଙ୍କର ନବୀକରଣ ଅଧିସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ବିଭାଗୀୟ କାର୍ଯ୍ୟାଳୟରେ ୨୦୨୬ ବର୍ଷ ପାଇଁ ସମ୍ପୃକ୍ତ ସାମ୍ବାଦିକମାନଙ୍କୁ ଏହି କାର୍ଡ ପ୍ରଦାନ କରିଛନ୍ତି। ରାଜ୍ୟର ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଭାଗବତ ତ୍ରିପାଠୀ, ଗୁରୁ କଲ୍ୟାଣ ମହାପାତ୍ର, ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସନତ ମିଶ୍ର ପ୍ରମୁଖ ସେମାନଙ୍କ ନବୀକରଣ ଅଧିସ୍ୱୀକୃତ ପତ୍ର ଗ୍ରହଣ କରିଛନ୍ତି।

## କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ 'ଶେଷ ସ୍ୱର୍ଶ'

ଭୁବନେଶ୍ୱର, ୩୧।୧୨(ସମିସ): ନୂଆବର୍ଷକୁ ସ୍ୱାଗତ କରିବା ଅବସରରେ କେଦାରନାଥ ଗବେଷଣା ପ୍ରତିଷ୍ଠାନ ପକ୍ଷରୁ କବିତା ଆସର 'ଶେଷ ସ୍ୱର୍ଶ' ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ରଘୁନାଥ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରରେ କବି ମମତା ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସାହିତ୍ୟ ସମାଜର ସଭାପତି କବି ସୂର୍ଯ୍ୟ ମିଶ୍ର ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କବି ରକ୍ଷକ ନାୟକ ଉପସ୍ଥିତ ରହିଥିଲେ। ବରିଷ୍ଠ କବି ଅଲେଖ ନନ୍ଦିଙ୍କ 'ଅଲେଖ ଲେଖା ସମାହାର' ଉନ୍ମୋଚିତ ହୋଇଥିଲା। ଏହି କବିତା ଆସରରେ କବି ସୂର୍ଯ୍ୟ ମିଶ୍ର, ଭାଗୀରଥି ହାସୁଆର, ମିନତି ମିଶ୍ର ପ୍ରମୁଖ କବିମାନେ କବିତା ପାଠ କରିଥିଲେ। ଡ. ଜେନାମଣି ସଞ୍ଜୀବ କୁମାର ଓ ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ଡ. ରମେଶ ଚନ୍ଦ୍ର ପାଣି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ଯୁଗ୍ମ ସମ୍ପାଦକ ଡ. ଦେବାଶିଷ ମହାପାତ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଶେଷରେ ପ୍ରତିଷ୍ଠାନ ପକ୍ଷରୁ ଡ଼. ଅରୁଣ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁକ୍ତିଲାଭ କଲା ୧୫ ମ୍ୟୁଜିକ୍ ଭିଡିଓ



ଭୁବନେଶ୍ୱର, ୩୧।୧୨(ସମିସ): ନୂଆବର୍ଷ ଉପଲକ୍ଷେ ଗୋଟିଏ ଦିନରେ ମୁକ୍ତିଲାଭ କରିଛି ୧୫ଟି ମ୍ୟୁଜିକ୍ ଭିଡିଓ। ନିର୍ଦ୍ଦେଶକ ବାବୁ ବାବୁ ୨୦୨୬ ନୂଆ ବର୍ଷ ଉପଲକ୍ଷେ ୧୫ଟି ମ୍ୟୁଜିକ୍ ଭିଡିଓ ନିର୍ଦ୍ଦେଶନା ଦେଇ ନିଜ ରେକର୍ଡ ନିଜେ ଭାଙ୍ଗିଛନ୍ତି। ବୁଧବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଣ୍ଠଶିଳ୍ପୀ ଲକ୍ଷ୍ମୀକାନ୍ତ ପାଲିତ, ସଂଳାପ ଲେଖକ ଡ. ରଜନୀ ରଞ୍ଜନ, ଅଭିନେତା ବବି ମିଶ୍ର, ନିର୍ଦ୍ଦେଶକ ବାବୁ ବାବୁ, ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ଜଲି ସ୍ୱାଇଁ, ଅଭିନେତା କୈଳାଶ ମହାପାତ୍ର, ପ୍ରଯୋଜକ ରାଘବ ସ୍ୱାଇଁ, ମିଡିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ଗୁଡ୍ଡୀ ସଂଯୋଜନା କାରିଥିଲେ।

## କଣ୍ଟାବାଡ଼ରେ ଶ୍ରମିକ ପାଠଶାଳା

ଭୁବନେଶ୍ୱର, ୩୧।୧୨(ସମିସ): ଶ୍ରମିକଙ୍କୁ ଶିକ୍ଷିତ କରାଇବା ଲକ୍ଷ୍ୟରେ ରେଡକ୍ରସ ଭବନଠାରେ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆକ୍ସନଏଡ୍ କର୍ଣ୍ଣାଟକ ପ୍ରୋଜେକ୍ଟ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ଭାବରେ ମହେନ୍ଦ୍ର ପରିଡ଼ା, ସାମାଜିକ କର୍ମୀ ସଦାଶିବ ସ୍ୱାଇଁ ମାନସ ରଞ୍ଜନ ପ୍ରଧାନ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଭାସ୍କର ଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସରସ୍ୱତୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।





































### ସୁକିନ୍ଦା ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ସିନିୟରରେ ୧୯୯୮, ଜୁନିୟରରେ ୨୦୦୮ ଚାମ୍ପିଅନ୍




ସୁକିନ୍ଦା,୩୧।୧୨(ସମିସ): ୧୮ତମ ସୁକିନ୍ଦା ପ୍ରିମିୟର ଲିଗ୍ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସର ସିନିୟର ଫାଇନାଲ ମ୍ୟାଚରେ ୧୯୯୨ ବ୍ୟାଚକୁ ହରାଇ ୧୯୯୮ ବ୍ୟାଚ ଚାମ୍ପିଅନ ହୋଇଛି। ୧୯୯୨ ବ୍ୟାଚ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ୱିକେଟ ହରାଇ ୧୦୫ ରନ୍ ସଂଗ୍ରହ କରିଥିଲା। ଜବାବରେ ୧୯୯୮ ବ୍ୟାଚ୍ ୧୦ଓଭରରେ ଦୁଇ ୱିକେଟ ହରାଇ ୧୦୬ରନ୍ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ପିନାକୀ ପଟ୍ଟନାୟକ ସର୍ବାଧିକ ୮୧ରନ୍ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ସେହିପରି ଜୁନିୟର ଫାଇନାଲ ମ୍ୟାଚରେ ୨୦୦୦ ବ୍ୟାଚକୁ ହରାଇ ୨୦୦୮ବ୍ୟାଚ ଚାମ୍ପିଅନ ବିବେଚିତ ହୋଇଛି। ୨୦୦୦ ବ୍ୟାଚ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ ହରାଇ ୧୦୦ରନ୍ ସଂଗ୍ରହ କରିଥିଲା। ଜବାବରେ ୨୦୦୮ ବ୍ୟାଚ ୧୩ ଓଭରରେ ୩ ୱିକେଟ ହରାଇ ୧୦୧ରନ୍ କରି ବିଜୟ ଲାଭ କରି ଚାମ୍ପିଅନ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ବେଷ୍ଟ ବ୍ୟାଟସମ୍ୟାନ ଭାବେ ସିନିୟର ଅଜୟ ସେଠୀ, ଜୁନିୟର ଏସ୍‌କେ ମୁର୍ଷଦ, ବେଷ୍ଟ ବୋଲର ହିଲ୍ଲୋଳ ବେହୁରା, ଦେବୀପ୍ରସାଦ ଜେନା, ବେଷ୍ଟ କ୍ୟାଚ୍ ସତ୍ୟଜିତ ବେହୁରା, ସତ୍ୟସନ୍ଧାନୀ ହରିଦତ୍ତ ଦାସ, ବେଷ୍ଟ ଅଲ୍ ରାଉଣ୍ଡର ପିନାକୀ ପଟ୍ଟନାୟକ, ଏମଡି କଲିମ୍, ବେଷ୍ଟ ଫିଲ୍ଡର ସୌକତ ଖାନ, ରୋହିତ ଆଚାର୍ଯ୍ୟଙ୍କୁ ଟ୍ରଫି ସହ ସମ୍ମାନିତ କରାଯାଇଛି। ସୁକିନ୍ଦା ଷ୍ଟାଡିୟମରେ ଗତ ୧୨ତାରିଖ ଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ସୁକିନ୍ଦା ଜଗନ୍ନାଥ ହାଇସ୍କୁଲର ୧୯୮୮ଠାରୁ ୨୦୦୮ ପର୍ଯ୍ୟନ୍ତ ୨୧ଟି ମ୍ୟାଟ୍ରିକ ବ୍ୟାଚ୍ ନିଜ ନିଜର ଟିମ୍ ଗଠନ କରି ଅଂଶଗ୍ରହଣ କରୁଛନ୍ତି। ପ୍ରତ୍ୟେକ ବର୍ଷର ଚାମ୍ପିୟାନ ଦଳ ପର ବର୍ଷ ଟୁର୍ଣ୍ଣାମେଣ୍ଟ ପରିଚାଳନା ଦାୟିତ୍ୱ ନିର୍ବାହ କରନ୍ତି। ଗତ ୧୭ବର୍ଷ ଧରି ଏହି ପରମ୍ପରାରେ ଟୁର୍ଣ୍ଣାମେଣ୍ଟ ଜାରୀ ରହିଛି। ଗତ ୨୦୨୪ର ଚମ୍ପିୟାନ ହୋଇଥିବା ୧୯୯୮ ବ୍ୟାଚ୍ ଚଳିତ ଟୁର୍ଣ୍ଣାମେଣ୍ଟର ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସୁକିନ୍ଦା ରାଜାସାହେବ ଭୁଦେବ ଭୂପତି ହରିଚନ୍ଦନ ମହାପାତ୍ର ମୁଖ୍ୟଅତିଥି ଓ ଥାନା ଅଧିକାରୀ ବିଲ୍ୱମଙ୍ଗଳ ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ କ୍ରୀଡ଼ା ସହ ଭାଇଚାରାକୁ ଦୃଢୀଭୂତ କରୁଥିବାରୁ ଅତିଥିମାନେ ଏହାର ଉଚ୍ଚ ପ୍ରଶଂସା କରିଥିଲେ।

### ଗୋଳେଇପୁର ମହୋତ୍ସବର ଷଷ୍ଠ ସନ୍ଧ୍ୟା

# ନୃତ୍ୟ ସଂଗୀତରେ ଦର୍ଶକ ବିଭୋର



ପାଣିକୋଇଲି,୩୧।୧୨(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ମହୋତ୍ସବର ଷଷ୍ଠ ସନ୍ଧ୍ୟା ନୃତ୍ୟଗୀତ ମଧ୍ୟରେ ଶେଷ ହୋଇଛି। ଷଷ୍ଠ ସନ୍ଧ୍ୟାରେ ଶିକ୍ଷାବିତ୍ ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇଙ୍କ ସଭାପତିତ୍ୱରେ ବରିଷ୍ଠ ସମ୍ବାଦିକ ସୁବାସ ଧଳଙ୍କ ସଂଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ତଥା ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସୁବାସ ନନ୍ଦ, ବ୍ୟାସନଗର ପୌରାଧକ୍ଷ ସୁବାସ ବଳ, ବ୍ୟାସନଗର ପୂର୍ବତନ ପୌରାଧକ୍ଷା ସବିତା ରାଉତ, ଶ୍ରମିକ ନେତା ବିଜୟ ବୋଇତାଇ ପ୍ରମୁଖ ଯୋଗଦାନ ସମସ୍ତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଦୀପ୍ତ ମହାନ୍ତି (ମଣ୍ଟୁ) ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମାଜସେବୀ ଦେବବ୍ରତ ମହାପାତ୍ର (ମୁନ୍ନା) ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଚିନ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଚନ୍ଦ୍ରକାନ୍ତ ଖଣ୍ଡାଇ, ସମାଧାନ ଦାଶ, ମାଗୁଣୀ ମଲ୍ଲିକ, ଗୁଡୁ ଦାଶ, ଅଜୟ ମିର୍ଦ୍ଧା, ପ୍ରଦୀପ ମହାପାତ୍ର, କୁଳମଣି ସ୍ୱାଇଁ, ସୋନୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ନୃତ୍ୟ ଓ ସଂଗୀତ ଓ ମେଲୋଡି ପରିବେଷଣ କରାଯାଇଥିଲା।

# ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ




ଯାଜପୁର/ଧର୍ମଶାଳା,୩୧।୧୨(ସମିସ): ଧର୍ମଶାଳା ବିଧାନସଭା ନିର୍ବାଚନ ମଣ୍ଡଳୀ ଉନ୍ନୟନ କମିଟି ବୈଠକ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅଞ୍ଚଳରେ ବିଭିନ୍ନ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ଯୋଗ ଦେଇଥିଲେ। ଯେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ସମସ୍ୟା ରହୁଛି, ସେ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରି ବରିଷ୍ଠ ଅଧିକାରୀମାନେ ମିଳିତ ପ୍ରୟାସ କଲେ ଯଥାଶୀଘ୍ର ଏହାର ସମାଧାନ ହୋଇପାରିବ ବୋଲି ବିଧାୟକ ଶ୍ରୀ ସାହୁ କହିଥିଲେ। ବିଶେଷ କରି ରାସ୍ତା ଆଲୋକୀକରଣ, ଗ୍ରାମାଞ୍ଚଳରେ ଉନ୍ନତ ବିଦ୍ୟୁତ ସେବା, ଯୋଗାଯୋଗ ସୁବିଧା, ସେତୁ ପ୍ରକଳ୍ପ ଉପରେ ବିଧାୟକ ଗୁରୁତ୍ୱ ଦେଇ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଜାରକାରେ ନୂତନ ପୁଲିସ ବିଟହାଉସ ନିର୍ମାଣ ନେଇ ମଧ ବୈଠକରେ ଆଲୋଚନା ହୋଇଥିଲା। ଗତକାଲି ଅପରାହ୍ନରୁ ଆରମ୍ଭ ହୋଇଥିବା ଏହି ବୈଠକ ରାତି ୩ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ବୈଠକରେ କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ଲଘୁ ଜଳସେଚନ, ଉଠା ଜଳସେଚନ, ପ୍ରାଣୀ ଚିକିତ୍ସା, ଦକ୍ଷତା ବିକାଶ, ବିଦ୍ୟୁତ, କ୍ରୀଡା, ଜଙ୍ଗଲ, ଖଣି, ମାଇନର ମିନେରାଲ, ପରିବହନ, ରାସ୍ତା ଓ କୋଠାବାଡ଼ି, ଗ୍ରାମ୍ୟ ଉନ୍ନୟନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ମୁଖ୍ୟ ଉନ୍ନୟନ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସରଞ୍ଜନ ଦେହୁରୀ, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଅର୍ଚ୍ଚିତା ଦାସ ଏବଂ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିଡିଓଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବିଞ୍ଝାରପୁର,୩୧।୧୨(ସମିସ): ବିଞ୍ଝାରପୁର ପଞ୍ଚାୟତ ସମିତ କାର୍ଯ୍ୟାଳୟ ପକ୍ଷରୁ ବର୍ଷର ଶେଷ ଦିବସରେ ବିଡିଓ ହିତାଂଶୁ ଶେଖର ସାମଲଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାକୁ ବ୍ଲକ ଅଧକ୍ଷା ରଞ୍ଜିତା କୁମାରୀ ଦାସ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ରୂପେ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ, ସମ୍ମାନିତ ଅତିଥି ରୁପେ କୋଷାଧକ୍ଷ ଅଶୋକ ସେଠୀ, ସାମାଜିକ କର୍ମୀ କୈଳାସ ସେଠୀ, ସହକାରୀଯନ୍ତ୍ରୀ ଅନନ୍ତ ଚରଣ ସେଠୀ, ସାମାଜିକ ସୁରକ୍ଷାଧିକାରୀ ଶୁଭ୍ରାଂଶୁ ସୃଷ୍ଟି ପ୍ରମୁଖ ଦେଇ ବିଦାୟୀ ପ୍ରତିଭା ବିଡିଓ ହିତାଂଶୁ ଶେଖର ସାମଲଙ୍କ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୁବୋଧ ସାମଲ, ଅଭୟ ବିଶ୍ୱାଳଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।




# ଯାଜପୁର-ବିଞ୍ଝାରପୁର ରାସ୍ତା ଓସାରିଆ ପାଇଁ ଦାବି

ଯାଜପୁର,୩୧।୧୨(ସମିସ): ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ମନ୍ଦିରଠୁ ବିଞ୍ଝାରପୁର ମୁଖ୍ୟ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଦୈନନ୍ଦିନ ଶହ ଶହ ଗାଡ଼ି ଚଳାଚଳ ହେଉଥିଲେ ମଧ ଏହି ରାସ୍ତା କାମ ଆଗେଇ ପାରୁନି। ପୂର୍ବ ସରକାର ସମୟରେ ବ୍ୟକ୍ତିଗତ ଜାଗାକୁ ସରକାର ଅଧିଗ୍ରହଣ କରି ରାସ୍ତା ସମ୍ପ୍ରସାରଣ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଏବେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ପ୍ରଶାସନ ଏହି କାର୍ଯ୍ୟକୁ ବନ୍ଦ କରିଛନ୍ତି। ବିରଜା ମନ୍ଦିରକୁ ଲାଗି ରହିଥିବା ଦୋକାନ ଗୁଡିକ ଆଜି ପର୍ଯ୍ୟନ୍ତ ରାସ୍ତା ଉପରେ ରହିଛନ୍ତି। ଫଳରେ



ଏହି ରାସ୍ତାରେ ଯାଉଥିବା ଗାଡି ଗୁଡିକ ଯାତାୟାତରେ ନାନା ସମସ୍ୟା ସୃଷ୍ଟି କରୁଛନ୍ତି। ମାତ୍ର ୩୦୦ରୁ ୪୦୦ ସହ ମିଟର ଜମିରେ ଥିବା ଦୋକାନ ଘର ପାଇଁ ରାସ୍ତା ସଂକୁଚିତ ରହିଥିବାରୁ ବିଭିନ୍ନ ସମୟରେ ଲୋକେ ଘଣ୍ଟା ଘଣ୍ଟା ଅପେକ୍ଷା କରି ରହିଥିବା ଦେଖିବାକୁ ମିଳୁଛି। ଯାହା ଫଳରେ ଛାତ୍ରଛାତ୍ରୀ ସ୍କୁଲ, କଲେଜ, ଜିଲ୍ଲାପାଳ କାର୍ଯ୍ୟାଳୟ, କୋର୍ଟ, ଭୁବନେଶ୍ୱର, କଟକ ଏବଂ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଯିବା ଆସିବା ବେଳେ ନାନା ସମସ୍ୟା ଭୋଗୁଛନ୍ତି ରୋଗୀ ଓ ଯାତ୍ରୀ। ସେହିପରି ଆମ୍ବୁଲାନ୍ସ କିମ୍ବା ନିଆଁ ଲାଗିଲେ ଦମକଳ ଗାଡି ପହଞ୍ଚିପାରୁନି। ହଜାର ହଜାର ଲୋକେ ନିର୍ଭର କରୁଥିବା ଏହି ରାସ୍ତା ଏବେ ଯାଜପୁର ଓ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ ପାଇଁ ଲାଇଫ୍‌ଲାଇନ ହୋଇଥି ବେଳେ ଏହାକୁ ସବୁଦିନିଆ ରାସ୍ତାରେ ପରିଣତ କରିବାକୁ ଦାବି ହେଉଛି। ଏ ସଂପର୍କରେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରାଯାଉଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଯୋଗୁଁ ସମସ୍ୟା ବଢ଼ିବାରେ ଲାଗିଛି। ତେଣୁ ତୁରନ୍ତ ଏହି ରାସ୍ତାକୁ ଓସାରିଆ କରିବା ପାଇଁ ସରକାର ଓ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବୀ ହେଉଛି।

# ଟାଟାପାୱାର ବିରୋଧରେ କଂଗ୍ରେସର ଦାବିପତ୍ର



ଧର୍ମଶାଳା,୩୧।୧୨(ସମିସ): ପ୍ରଦେଶ କଂଗ୍ରେସ କମିଟିର ନିଷ୍ପତିକ୍ରମେ ଧର୍ମଶାଳା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା କିଷାନ ପଣ୍ଡାଙ୍କ ନେତୃତ୍ୱରେ ଟାଟାପାୱାରର ଶୋଷଣ ବିରୋଧରେ ଧର୍ମଶାଳା ଉପବିଭାଗୀୟ ଅଧିକାରୀଙ୍କ ଜରିଆରେ ବାଲେଶ୍ୱର ଟାଟାପାୱାରର ସଭାପତିଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କମିଟିର ନିଷ୍ପତିକ୍ରମେ ଟାଟାପାୱାରର ଅତିରିକ୍ତ ଦେୟ ଆଦାୟକୁ ପ୍ରତିବାଦ କରିବା ସହିତ ଗ୍ରାହକମାନଙ୍କର ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେମାନଙ୍କ ଉପରେ ଲଦି ଦେଉଥିବା ଆର୍ଥିକ ବୋଝକୁ ଯଥାଶୀଘ୍ର ପ୍ରତ୍ୟାହାର କରିବାକୁ ଅନୁରୋଧ କରାଯାଇଛି। ତତ୍‌ସହିତ ଅତିରିକ୍ତ ଦେୟ ଆଦାୟ ବନ୍ଦ କରିବା, ସ୍ମାର୍ଟ ମିଟର ପାଇଁ ଆଦାୟ କରାଯାଉଥିବା ଅର୍ଥ ବନ୍ଦ କରିବା, ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ମାଗଣାରେ ଯୋଗାଇଦେବା କୃଷିଭିତ୍ତିକ ଶିଳ୍ପ, କୁଟୀର ଶିଳ୍ପ ଓ ଶୀତଳଭଣ୍ଡାରକୁ ବିନା ମୂଲ୍ୟରେ ବିଦ୍ୟୁତ୍ ଯୋଗାଇ ଦେବା, ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଦାବି ରଖିଛନ୍ତି। ନଚେତ୍ ସାରା ରାଜ୍ୟ ତଥା ଧର୍ମଶାଳାର ସମସ୍ତ ବିଦ୍ୟୁତ୍ ବିଭାଗ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସୂଚନା ମିଳିଛି। ଏହି ଦାବିପତ୍ର ଦେବା ସମୟରେ କଂଗ୍ରେସ ଦଳ ପକ୍ଷରୁ ବରିଷ୍ଠ ନେତା ବସନ୍ତ ପରିଡା, ପ୍ରଫୁଲ୍ଲ କୁମାର ରାଏ, ପୂର୍ଣ୍ଣଚନ୍ଦ୍ର ତରେଇ, ନରୋତ୍ତମ ନାୟକ, ଉଗ୍ରେସନ ମହାନ୍ତି, ଗଗନ ବିହାରୀ ରାଉତ, ସଞ୍ଜୟ କୁମାର ରାଉତ, ସେକ୍ ଏକବାଲ ଓ ସୁଜିତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।










# ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ବରୀ,୩୧।୧୨(ସମିସ): କୃପାସିନ୍ଧୁ ବିଦ୍ୟାଭବନ ୨୦୧୦ ମସିହା ମାଟ୍ରିକ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କର ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱଜିତ ବାରିକ, ଜ୍ୟୋତିରଞ୍ଜନ ଓଝା, ସତ୍ୟବ୍ରତ ଦାଶ, ଦିଲ୍ଲିପ ଦାଶ, ସତ୍ୟ ରଞ୍ଜନ ଦାସ, ମଧୁସୂଦନ ଦାସ, ସୌମେନ୍ଦ୍ର ଜେନା, ପ୍ରଦୀପ ଜେନା, ରାଜେଶ ଦାଶ, ମୁକେଶ କର, ମନସା କର, ଶୁଭ୍ରଜିତ ରାଣା, ସୋମନାଥ ବାରିକ, ପ୍ରଶାନ୍ତ ମଲ୍ଲିକ, ସୁଧାଂଶୁ ଦଳାଇ, ଦୀପକ ବେହେରା ଓ ବିକ୍ରମ କେଶରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସାମୂହିକ ଆଲୋଚନା, ସ୍ମୃତିଚାରଣ ଓ ଫଟୋ ସେସନ୍ ମାଧ୍ୟମରେ କାର୍ଯ୍ୟକ୍ରମଟି ଉତ୍ସବମୟ ପରିବେଶରେ ସମ୍ପନ୍ନ ହୋଇଥିଲା।

# ଜୟ ଜଗନ୍ନାଥ ଯୁଥ କ୍ଲବ୍ କ୍ରିକେଟ୍

କୟାଁଗୋଲା/ଦଶରଥପୁର,୩୧।୧୨(ସମିସ): ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତ ଚାଉଳିଆ ଖେଳପଡିଆରେ ଜୟ ଜଗନ୍ନାଥ ଯୁଥ କ୍ଲବ ପକ୍ଷରୁ ୯ମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର, କେନ୍ଦ୍ରାପଡ଼ା, ଭଦ୍ରକ ଏବଂ ଜିଲ୍ଲାର ୮ଟି ଦଳ ଭାଗ ନେଇଥିବା ବେଳେ ଯାଜପୁର ଜିଲ୍ଲାର ବାରିକୂଳ ଏବଂ କେନ୍ଦ୍ରାପଡ଼ା ଫାଇନାଲକୁ ଉନ୍ନୀତ ହୋଇଥିଲା। ଟସ୍ ଜିଣି ନିର୍ଦ୍ଧାରିତ ୧୦ ଓଭରରେ କେନ୍ଦ୍ରାପଡ଼ା ୪ ୱିକେଟ ହରାଇ ୧୦୩ ରନ ସଂଗ୍ରହ କରିଥିବା ବେଳେ ଜବାବରେ ବାରିକୂଳ ୯.୩ ବଲରେ ୬ ୱିକେଟ ହରାଇ ୧୦୪ ରନ ସଂଗ୍ରହ କରି ବିଜୟ ହାସଲ କରିନେଇଥିଲା। ସ୍ଥାନୀୟ ସରପଞ୍ଚ ଗାଲେଖ ଚନ୍ଦ୍ର ବେଉରିଆ, ଶିକ୍ଷକ ହିମାଂଶୁ ଶେଖର ସାମଲ, ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ଅଶ୍ୱନୀ ନାୟକ ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।







# ମତୁଆଲା ରାଜଧାନୀ; ନାକେଦମ୍ ପୁଲିସ

- ପୁଲିସ ବଳୟରେ ପୂରା ସହର
- ଧରାପଡ଼ିଲେ ଶହେ ମଦ୍ୟପ ଚାଳକ
- ସିପି ଓ ଡିସିପିଙ୍କ ଫୁଟ୍ ପାଟ୍ରୋଲିଂ



ଭୁବନେଶ୍ୱର, ୩୧।୧୨ (ସମିସ): ନବବର୍ଷର ଆଗମନରେ ମତୁଆଲା ହୋଇଛନ୍ତି ଯୁବଗୋଷ୍ଠୀ। କୋଉଠି ଭୋଜିଭାତର ଆସର ଜମାଇଛନ୍ତି ତ କିଏ ବାର୍, ପବ୍ ଓ କ୍ଲବରେ ଯାଇ ସେଲିବ୍ରେସନ୍ କରିଛନ୍ତି। ବିଭିନ୍ନ ଅଞ୍ଚଳରେ ବାଣ ଫୁଟାଇ ଲୋକେ ନୂଆବର୍ଷ ପାଳନ କରିଥିଲେ। ସେହିଭଳି ବସ୍ତିଠାରୁ ଆରମ୍ଭ କରି ରାଜଧାନୀ ରାସ୍ତାକଡ଼ରେ ତଥା ବିଭିନ୍ନ ହୋଟେଲ୍ ଓ ରେସ୍ତୋରାଁରେ ନୂଆବର୍ଷ ପାଳନ କରାଯାଇଛି।

ହେଲେ ଜିରୋ ନାଇଟରେ ଜିରୋ ଟଲରେନ୍ସ ନୀତି ଆପଣାଇଥିଲା କମିସନରେଟ ପୁଲିସ। ବିଭିନ୍ନ ଛକରେ ନାକାବନ୍ଦୀ କରିବା ସହ ସହର ସାରା ପୁଲିସ ଛାଉଣୀ କରାଯାଇଥିଲା। ରାଜଧାନୀର ୨୪ଟି ଛକରେ କମିସନରେଟ ପୁଲିସ ପକ୍ଷରୁ ନାକା ଲଗାଯାଇଥିଲା। ନାକାବନ୍ଦୀ ସହିତ ଆଇନଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିବା ଲାଗି ୫ ଜଣ ଅତିରିକ୍ତ ଡିସିପି, ୮ ଏସିପି, ୩୦ ଜଣ ଇନ୍ସପେକ୍ଟର, ୯୬ ଜଣ ଏସ୍ଆଇ/ଏଏସ୍ଆଇ ଓ ୫୮ ଜଣ ମହିଳା କନେଷ୍ଟବଳଙ୍କୁ ନିୟୋଜିତ କରାଯାଇଥିଲା। ୪ଟି କୁଇକ୍ ରେସପନ୍ସ ଟିମ୍ ମଧ୍ୟ ମୁତୟନ ହୋଇଥିଲେ। ଏହାରି ଭିତରେ ଧରାପଡ଼ିଥିଲେ ଅମାନିଆ ଚାଳକ। କିଏ ମଦ୍ୟପାନ କରି ଗାଡ଼ି ଚଳାଉଥିଲା ତ ଆଉ କେହି ପୁଲିସକୁ ଦେଖି ବିପରୀତ ଦିଗରେ ପଳାଉଥିଲା। ବିଭିନ୍ନ ଛକରୁ ପ୍ରାୟ ୧୦୦ରୁ ଅଧିକ ମଦ୍ୟପ ଚାଳକଙ୍କୁ ଧରିଥିଲା ପୁଲିସ। ଗାଡ଼ିକୁ ଜବତ କରିବା ସହ ସେମାନଙ୍କୁ ସୁରକ୍ଷିତ ଭାବେ ଘରକୁ ପଠାଇଥିଲା। ଗାଡ଼ି ଗୁଡ଼ିକୁ ପିଆର୍ ପ୍ରୋସିକ୍ୟୁସନ୍ ରିପୋର୍ଟ ଦିଆଯିବା ସହ କେତେକ କ୍ଷେତ୍ରରେ କେସ୍ ରୁଜୁ କରାଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

ସେପଟେ ମହିଳାମାନେ କିପରି ସୁରକ୍ଷିତ ଭାବେ ଜିରୋ ନାଇଟ୍ ସେଲିବ୍ରେସନ୍ କରିବେ ସେଥିପାଇଁ ବାର୍, ପବ୍ ଓ କ୍ଲବ୍ ନିକଟରେ ହର୍ ଟିମକୁ ମୁତୟନ ହୋଇଛନ୍ତି। ପୁଲିସ କମିସନର ଡଃ ସୁରେଶ ଦେବଦତ୍ତ ସିଂ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ବସ୍ତିରେ ପାଦଚଲା ପାଟ୍ରୋଲିଂ କରିଥିଲେ। ଶାନ୍ତିପଲ୍ଲୀ ବସ୍ତି ସମେତ ବିଭିନ୍ନ ସ୍ଥାନରେ ଏହି ଫୁଟ୍ ପାଟ୍ରୋଲିଂ କରିଥିଲେ। ଏଥିସହିତ ଧଉଳି, ଖଣ୍ଡଗିରି, ଉଦୟଗିରି ଓ ଶ୍ରୀ ଲିଙ୍ଗରାଜ ମନ୍ଦିର ଅଞ୍ଚଳର ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ପୁଲିସ ଟିମ୍ ନିୟୋଜିତ ହୋଇଥିଲେ।










## ନନ୍ଦନକାନନ ଖବର

### ଆସିଲା ଉଦ୍ଧାର ଗାଡ଼ଭାଲୁ

ନନ୍ଦନକାନନ, ୩୧।୧୨(ସମିସ): ନନ୍ଦନକାନ ପ୍ରାଣୀ ଉଦ୍ୟାନକୁ ଭୁବନେଶ୍ୱର ସିଟି ଫରେଷ୍ଟ ବିଭିଜନ ଦ୍ୱାରା ଏକ ଗାଡ଼ଭାଲୁ ଉଦ୍ଧାର ହୋଇ ନନ୍ଦନକାନନକୁ ଅଣାଯାଇଛି। ଗାଡ଼ଭାଲୁଟି ଅଣ୍ଡିରା ହୋଇଥିବା ବେଳେ ଆନୁମାନିକ ବୟସ ୩ ବର୍ଷ ହେବ। ସିଟି ଫରେଷ୍ଟ ଡିଭିଜନ କର୍ମଚାରୀମାନେ ଉଦ୍ଧାର ଗାଡ଼ ଭାଲୁଟିକୁ ଆଣି ନନ୍ଦନକାନନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଗାଡ଼ ଭାଲୁଟିର ସ୍ୱାସ୍ଥ୍ୟ ପରୀକ୍ଷା କରି ପ୍ରାଣୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରଖା ଯାଇଛି। ନନ୍ଦନକାନନର ଗାଡ଼ ଭାଲୁ ସଂଖ୍ୟା ମୋଟ ୫କୁ ବୃଦ୍ଧି ହୋଇଛି।

### ଶେଷଦିନରେ ଆସିଲେ ୨୩ ହଜାର ପର୍ଯ୍ୟଟକ

ନନ୍ଦନକାନନ, ୩୧।୧୨(ସମିସ): ପର୍ଯ୍ୟଟନ ଋତୁ ସାଙ୍ଗକୁ ୨୦୨୫ର ଶେଷଦିନରେ ନନ୍ଦନକାନନକୁ ଛୁଟି ଆସିଥିଲେ ହଜାର ହଜାର ପର୍ଯ୍ୟଟକ। ମିଳିଥିବା ସୂଚନା ଅନୁସାରେ ବୁଧବାର ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବୁଲିବାକୁ ୨୩, ୦୮୦ ଜଣ ପର୍ଯ୍ୟଟକ ଓ ରାଜ୍ୟ ଉଦ୍ଭିଦ ଉଦ୍ୟାନରେ ୧୧୪୩ ଜଣ ପର୍ଯ୍ୟଟକ ଟିକଟ କାଟିଥିଲେ। ୨୦୨୫ବର୍ଷରେ ନନ୍ଦନକାନନକୁ ମୋଟ ୪୦ଲକ୍ଷ ୨୦ହଜାର ୫୩୯ଜଣ ପର୍ଯ୍ୟଟକ ଆସିଛନ୍ତି। ୨୦୨୪ବର୍ଷରେ ମୋଟ ୩୭ଲକ୍ଷ ୯୯ହଜାର ୪୫୨ଜଣ ପର୍ଯ୍ୟଟକ ଆସିଥିବା ବେଳେ, ବର୍ଷ ୨୦୨୪ଅପେକ୍ଷା ବର୍ଷ ୨୦୨୫ରେ ୨ଲକ୍ଷ୨୧ହଜାର୮୭ଜଣ ପର୍ଯ୍ୟଟକ ଅଧିକ ଆସିଥିବା ନେଇ ଉପ ନିର୍ଦ୍ଦେଶକ ସନଥ କୁମାର ନାରାୟଣ ସୂଚନା ଦେଇଛନ୍ତି।






# ଶିମିଳିପାଳ ପ୍ରବେଶ ମନା; ପର୍ଯ୍ୟଟକ ନିରାଶ

ବାରିପଦା, ୩୧।୧୨(ସମିସ): ଶିମିଳିପାଳ ଜାତୀୟ ଉଦ୍ୟାନ ଭ୍ରମଣ ନିମନ୍ତେ ବାରିପଦାର ପିଠାବଟା ଗେଟ ପଟୁ ୨୫ଟି ଓ ଯଶିପୁରର କାଳିଆଣି ପଟୁ ୩୫ଟି ପର୍ଯ୍ୟଟକଙ୍କ ନିଜସ୍ୱ/ଭଡ଼ା ଯାନ ଛଡ଼ାଯିବାର ଅନୁମତି ବନବିଭାଗ ପକ୍ଷରୁ ଦିଆଯାଇଛି। ଏଥିପାଇଁ ପର୍ଯ୍ୟଟକ ପୂର୍ବରୁ ଅନଲାଇନ୍ ସ୍ଲଟ ମାଧ୍ୟମରେ ବୁକିଙ୍ଗ କରିବାକୁ ପଡୁଛି। ଅନ୍ୟଥା ଅନ୍ୟମାନଙ୍କୁ ଭିତରକୁ ଛଡା ଯାଉନାହିଁ। ବଡ଼ଦିନ ପାଖରୁ ଜାନୁଆରୀ ୭ତାରିଖ ପର୍ଯ୍ୟନ୍ତ ସମସ୍ତ ସ୍ଲଟ ବୁକ୍ ଥିବାରୁ ବହୁ ପର୍ଯ୍ୟଟକ ନିରାଶ ହେବା ସହିତ ଅନେକ ଉଭୟ ଗେଟ୍ ପାଖରେ ପହଞ୍ଚି ନିରାଶରେ ଫେରୁଛନ୍ତି। ଶାମାଖୁଣ୍ଟା ବ୍ଲକ ଅଧୀନ କୁଚିଲାଘାଟି ପଞ୍ଚାୟତ ସରପଞ୍ଚ ମମତା ସିଂଙ୍କ କହିବା ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ସଦରମହାକୁମା ବାରିପଦା ହୋଇଥିବା ବେଳେ ବିଶେଷ କରି ପଶ୍ଚିମବଙ୍ଗ ଓ ଅନ୍ୟ ଅଞ୍ଚଳର ସିଂହଭାଗ ପର୍ଯ୍ୟଟକ ବାରିପଦା ହୋଇ ପିଠାବଟା ରାସ୍ତାରେ ଶିମିଳିପାଳକୁ ପ୍ରବେଶ କରିଥାନ୍ତି। ତେଣୁ ବନବିଭାଗ ଭିଡ଼ ବା ସ୍ୱତନ୍ତ୍ର ଦିନମାନଙ୍କ ଏହି ନିଷ୍ପତ୍ତି ଉପରେ ପୁନର୍ବିଚାର କରି ଆଉ କିଛି ଅଧିକ ଗାଡ଼ି ଛାଡ଼ିଲେ ପର୍ଯ୍ୟଟକଙ୍କୁ ନିରାଶ ହେବାକୁ ପଡ଼ନ୍ତା ନାହିଁ।




ଭଦ୍ରକର ପ୍ରଶାନ୍ତ କୁମାର ଭୂୟାଁ ଓ ଯାଜପୁରରୁ ଚିନ୍ତାମଣି ପରିଡ଼ା ସେମାନଙ୍କ ପରିବାର ଓ ବନ୍ଧୁବାନ୍ଧବଙ୍କ ସହ ଶିମିଳିପାଳ ବୁଲିବାକୁ ଆସିଥିଲେ। କିନ୍ତୁ ଏଠାରେ ଅନ୍‌ଲାଇନ୍ ବୁକିଂ ସମ୍ବନ୍ଧରେ ଅବଗତ ନ ଥିବାରୁ ତାଙ୍କୁ ନିରାଶ ହୋଇ ଫେରିବାକୁ ପଡ଼ିଛି। ସେମାନଙ୍କ କହିବା ଅନୁଯାୟୀ ତାଙ୍କପରି ଅନେକ ପର୍ଯ୍ୟଟକ ଆସୁଛନ୍ତି, ଯେଉଁମାନେ ଏ ସମ୍ବନ୍ଧରେ ଅବଗତ ନ ଥିବାରୁ ଫେରି ଯାଉଛନ୍ତି, ତେଣୁ ବନବିଭାଗ କିଛି ଅଫଲାଇନ୍ ଟିକଟର ବ୍ୟବସ୍ଥା ସହିତ ସ୍ୱତନ୍ତ୍ର ଦିନମାନଙ୍କରେ ଅଧିକ ଗାଡ଼ି ପ୍ରବେଶ ଅନୁମତି ଦେଲେ ପର୍ଯ୍ୟଟକ ଉପକୃତ ହେବା ସାଙ୍ଗକୁ ପରୋକ୍ଷରେ ଜିଲ୍ଲାର ଅର୍ଥନୈତିକ ଅଭିବୃଦ୍ଧି ସହ ସ୍ଥାନୀୟ ଅଞ୍ଚଳର ଯୁବକଯୁବତୀ ବ୍ୟବସାୟୀ ପରୋକ୍ଷରେ ଲାଭବାନ ହୁଅନ୍ତେ।

ସୂଚନାଯୋଗ୍ୟ, ଶିମିଳିପାଳ ଅଭୟାରଣ୍ୟରେ ପ୍ରାଣୀ, ପକ୍ଷୀ ଓ ସରୀସୃପଙ୍କ ପାଇଁ ଆବଶ୍ୟକୀୟ ବାତାବରଣ, ସନ୍ତୁଳିତ ପରିବେଶ, ଭୌଗଳିକ ସ୍ଥିତିର ଭିନ୍ନତାରେ ପର୍ଯ୍ୟାପ୍ତ ସବୁଜିମା ବୃକ୍ଷରାଜି ରହିଛି। ଯେଉଁଥିପାଇଁ ଏହା ଭାରତର ବାଘ, ଏସୀୟ ହାତୀ ଓ ଗୟଳ ପରି ତିନି ପ୍ରଜାତି ପ୍ରାଣୀର ବୃହତ୍ତ ବାସସ୍ଥଳୀ ହୋଇପାରିଛି। ଫଳରେ ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ମାତ୍ର ସେହି ଅନୁଯାୟୀ ବିକଳ୍ପ ବ୍ୟବସ୍ଥା କରାଯାଉନଥିବାରୁ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୩୧।୧୨(ସମିସ): ବେଆଇନ ଭାବେ ବାଲି ଚୋରା ଚାଲାଣ ବେଳେ ବାଦାମପାହାଡ଼ ଥାନା ପୁଲିସ ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଥିବାବେଳେ ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିଲା। ପାଟ୍ରୋଲିଂବେଳେ ଜାତୀୟ ରାଜପଥ ୨୨୦ର ଦଲକି ଛକ ଅଞ୍ଚଳରେ ଚଢ଼ଉ କରି ଏହି ଟ୍ରାକ୍ଟର ଜବତ କରିଥିବା ଜଣାପଡ଼ିଛି। କାହ୍ନୁ ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ପୁଲିସ ଚଢ଼ଉ କରିଥିଲା। ଟ୍ରାକ୍ଟର ଅଟକାଇ ପଚରାଉଚରା ପରେ କୌଣସି ବୈଧ କାଗଜପତ୍ର ନଥିବା ବେଳେ ବେଆଇନ ଭାବେ ବାଲି ଚୋରା ଚାଲାଣ ହେଉଥିବା ଜାଣି ଗାଡ଼ିକୁ ଜବତ କରାଯାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଖେଜୁରୀପଡ଼ା ଗ୍ରାମର ରଣ ପିଙ୍ଗୁଆ ଟ୍ରାକ୍ଟର ଚାଳକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ଟ୍ରାକ୍ଟର ଜବତ କରି ତଦନ୍ତ ଜାରି ରହିଛି।

## ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଚୋରି

ରାଇରଙ୍ଗପୁର/କରଞ୍ଜିଆ, ୩୧।୧୨(ସମିସ): ଯାମୁକେଶ୍ୱର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରୁ ଚୋରି ହୋଇଛି। ଏ ନେଇ ରାଜସ୍ୱ ନିରୀକ୍ଷକ ରୀନା ମହାଳି ଯଶିପୁର ଥାନାରେ ଅଭିଯୋଗ କରିଛନ୍ତି। ରାତିରେ ଦୁର୍ବୃତ୍ତମାନେ ଫାଟକ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ସମଗ୍ରୀ ଚୋରି କରିଥିବା ଜଣାପଡ଼ିଛି। ଏ ନେଇ ଜଣାପଡ଼ିବା ପରେ ସକାଳୁ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଜଙ୍ଗଲରୁ ୩ବର୍ଷର ଶିଶୁ ଉଦ୍ଧାର

- ପାଣି ପିଇବାକୁ ଆସି ହୋଇଥିଲା ବାଟବଣା

ମୋରଡ଼ା, ୩୧।୧୨(ସମିସ): ଏକ ତିନି ବର୍ଷର ଶିଶୁକୁ ଜଙ୍ଗଲରୁ ଉଦ୍ଧାର କରି ପୁଲିସକୁ ହସ୍ତାନ୍ତର କରିଛନ୍ତି ଗ୍ରାମବାସୀ। ଗାଁଅମର୍ଦା ଫାଣ୍ଡି ଅନ୍ତର୍ଗତ ଢିଲାଜଗତପୁର ଗ୍ରାମ ନିକଟରେ ଥିବା ଜଙ୍ଗଲରେ ମଙ୍ଗଳବାର ସନ୍ଧ୍ୟାରେ ନାବାଳିକାଟି ଜଙ୍ଗଲରେ ଏକୁଟିଆ କାନ୍ଦୁଥିବା ଥିବା ଦେଖି ସ୍ଥାନୀୟ ଲୋକେ ଉଦ୍ଧାର କରି ଖାଇବାକୁ ଦେବା ସହିତ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଶିଶୁଟିକୁ ଆଣିବା ପରେ ତା'ର ଘର ବସ୍ତା ଥାନା ଅଧୀନ କରଞ୍ଜିଆ ଗ୍ରାମର ବୋଲି ଚିହ୍ନଟ କରାଯାଇଛି। ଶିଶୁଟି ତା' ମା' ସହିତ ଆସିଥିବାବେଳେ ଜଙ୍ଗଲରେ ତା'ର ମା' ଶୋଇପଡ଼ିଥିଲା। ଏହି ସମୟରେ ଶିଶୁଟିକୁ ଶୋଷ ଲାଗିବାରୁ ପାଣି ପିଇବାକୁ ଅନ୍ୟଆଡ଼େ ଚାଲିଯାଇ ବାଟବଣା ହୋଇଯାଇଥିଲା ବୋଲି ଫାଣ୍ଡି ଅଧିକାରୀ ସୂଚନା ଦେଇଛନ୍ତି।

## ମେଗା କ୍ରେଡିଟ୍ ଆଉଟରିଚ କାର୍ଯ୍ୟକ୍ରମ

ବାରିପଦା, ୩୧।୧୨(ସମିସ): ମୟୂରଭଞ୍ଜରେ ପ୍ରଥମଥର ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ବାରିପଦା ଅଞ୍ଚଳ ଓ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ମିଳିତ ପ୍ରୟାସରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମେଗା କ୍ରେଡିଟ ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସତ୍ୟବତୀ ସାହୁ (ମହାପ୍ରବନ୍ଧକ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ), ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡ଼ା, ନାବାର୍ଡର ଉନ୍ନୟନ ପରିଚାଳକ ସ୍ମାରକ ମହାନ୍ତି ଓ ଏଲଡିଏମ ସୂର୍ଯ୍ୟନାରାୟଣ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ କବିତା ଜ୍ୟୋତିଷୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଯଶିପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିରଜା କର ନିମନ୍ତ୍ରିତ ଅତିଥିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଏହି କ୍ରେଡିଟ ଆଉଟରିଚ୍ ପ୍ରୋଗ୍ରାମର ଆଭିମୁଖ୍ୟ ହେଉଛି ସମାବେଶୀ ଉନ୍ନତି, ଆର୍ଥିକ ସଶକ୍ତୀକରଣ ଓ ସାମାଜିକ-ଆର୍ଥିକ ବିକାଶ ପ୍ରତି ତାହାର ଦୃଢ ସଂକଳ୍ପକୁ ସୁନିଶ୍ଚିତ କରିବା, ଏହି ପ୍ରୋଗ୍ରାମ ମାଧ୍ୟମରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଦ୍ୱାରା ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀ ଓ କୃଷି ବିଭାଗର କିଷାନ କ୍ରେଡିଟ କାର୍ଡ ହିତାଧିକାରୀଙ୍କୁ ୨୦୧ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ସ୍ୱରୂପ ଚେକ ପ୍ରଦାନ କରାଯାଇଥିବାବେଳେ ଶ୍ରେଷ୍ଠ ବ୍ୟାଙ୍କମିତ୍ରଙ୍କୁ ଯୋଗ୍ୟତା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପୂରଣ ହେଉନି ଡାକ୍ତରଙ୍କ ଦାବି, ୫ରୁ ତୀବ୍ର ହେବ ଆନ୍ଦୋଳନ

ରାଇରଙ୍ଗପୁର, ୩୧।୧୨(ସମିସ): ଡାକ୍ତରମାନେ ବିଭିନ୍ନ ସମସ୍ୟା ନେଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିବା ବେଳେ ରାଜ୍ୟ ସରକାର ସେ ଦିଗରେ ଧ୍ୟାନ ଦେଉନଥିବା ଡାକ୍ତରମାନେ କହିଛନ୍ତି। ତେଣୁ ଆଗକୁ ଆନ୍ଦୋଳନ ତୀବ୍ର କରିବାକୁ ଡାକ୍ତରମାନେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନ ପରିପ୍ରେକ୍ଷୀରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଗତ ଶୁକ୍ରବାର ଠାରୁ ଡାକ୍ତରମାନେ ସମୂହ ପ୍ରତିବାଦ ଆରମ୍ଭ କରିଛନ୍ତି। ଏହାପରେ ବି ରାଜ୍ୟ ସରକାର ଦାବି ପୂରଣ ନେଇ ପଦକ୍ଷେପ ନନେବାରୁ ଓମ୍‌ସା ସଂଘର ରାଇରଙ୍ଗପୁର ଶାଖା ପକ୍ଷରୁ ଚେତାବନୀ ଦିଆଯାଇଛି। ଗତ ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଘଣ୍ଟାଏ ଓପିଡି ସେବା ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି। ଜାନୁଆରୀ ୫ତାରିଖରୁ ତାହାକୁ ବୃଦ୍ଧି କରି ସକାଳ ୯ ରୁ ୧୧ ପର୍ଯ୍ୟନ୍ତ ଦୁଇ ଘଣ୍ଟା ଓପିଡି ସେବା ବନ୍ଦ କରି ପ୍ରତିବାଦ ପ୍ରଦର୍ଶନ କରିବେ। ଏହାସହିତ ସ୍ୱାସ୍ଥ୍ୟ ବିଭାଗ ଅଧୀନ ସମସ୍ତ କାର୍ଯ୍ୟକ୍ରମରେ ଅସହଯୋଗ କରିବେ ବୋଲି କହିଛନ୍ତି। ରାଜ୍ୟ ସରକାର ଡାକ୍ତରଙ୍କ ଦାବି ଉପରେ ଆଲୋଚନା ଆରମ୍ଭ କରିନାହାନ୍ତି। ଜାନୁଆରୀ ୫ ସୁଦ୍ଧା ଦାବି ବାବଦରେ ଆଲୋଚନା ନ କରିଲେ ଦୈନିକ ଏକ ଘଣ୍ଟା ପରିବର୍ତ୍ତେ ୨ ଘଣ୍ଟା ଓପିଡି ସେବା ବନ୍ଦ ରଖାଯିବ। ପ୍ରତି ପରବର୍ତ୍ତୀ ସପ୍ତାହ ଗୁଡ଼ିକରେ ଏକ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ସମୟସୀମା ବୃଦ୍ଧି ପାଇବ। ଏହାସହିତ ସ୍ୱାସ୍ଥ୍ୟ ବିଭାଗର କୌଣସି ବୈଠକ, ତାଲିମ କାର୍ଯ୍ୟକ୍ରମ, କନ୍‌ଫରେନ୍ସ ଆଦିରେ ଯୋଗ ନଦେଇ ରାଜ୍ୟ ସରକାରଙ୍କୁ ଅସହଯୋଗ କରିବେ। ଏହାସହିତ ରାଜ୍ୟ ସରକାରଙ୍କ କୌଣସି ଫାଇଲରେ ଡାକ୍ତରମାନେ ଦସ୍ତଖତ ମଧ୍ୟ କରିବେ ନାହିଁ ବୋଲି କହିଛନ୍ତି। ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର କରି ଚରମ ପଦକ୍ଷେପ ଗ୍ରହଣ କରିବେ ବୋଲି ଓମ୍‌ସା ଶାଖା ସମ୍ପାଦକ ଡା ସୌମେଶ କୁମାର ମହାନ୍ତ କହିଛନ୍ତି। ଓମ୍‌ସା ଡାକରାକ୍ରମେ ଦାବି ପୂରଣ ନେଇ ଡାକ୍ତରମାନେ ପ୍ରତିବାଦ କରିଥିବାରୁ ରୋଗୀ ସେବା ପ୍ରଭାବିତ ହୋଇଛି। ଉକ୍ତ ଆନ୍ଦୋଳନରେ ଶତାଧିକ ଡାକ୍ତର ସାମିଲ ହୋଇଛନ୍ତି। କିନ୍ତୁ ରାଜ୍ୟ ସରକାର ସେମାନଙ୍କୁ ସୁରକ୍ଷା, ସେବା ଓ ମର୍ଯ୍ୟାଦା ପ୍ରଦାନ କରିବାରେ ନିରବଦ୍ରଷ୍ଟା ସାଜିଛନ୍ତି। ଉକ୍ତ ଧର୍ମଘଟ ତୀବ୍ରତର ହେଲେ ରୋଗୀ ସେବା ବ୍ୟାଘାତ ହେବ। ଡାକ୍ତରଙ୍କ ୧୮ ଦଫା ଦାବି ମଧ୍ୟରେ କେନ୍ଦ୍ରୀୟ ହାରରେ ଡାକ୍ତର ଓ ଦନ୍ତ ଚିକିତ୍ସକ ମାନଙ୍କୁ ଡିଏସିପି ବିନା ସର୍ତ୍ତାବଳିରେ ଲାଗୁ କରିବା, କ୍ୟାଡର ପୁନର୍ବିନ୍ୟାଶ, ପେ' ଷ୍ଟ୍ରକଚର ଓ ଡିଏସିପିରେ ଲେଭଲ ୧୫ ବାଦ କରିବା, କେବିକେ ଅଞ୍ଚଳରେ ୫ ବର୍ଷରୁ ଉର୍ଦ୍ଧ୍ୱର କାର୍ଯ୍ୟରତ ଡାକ୍ତରଙ୍କ ଉପକୂଳ ବର୍ତି ଜିଲ୍ଲାକୁ ବଦଳି, ଡାକ୍ତର ଦୂର କରିବା ପାଇଁ ବିଶେଷଜ୍ଞ ଓ ଡିପ୍ଲୋମା ଧାରୀ ବୃଦ୍ଧି, ଡାକ୍ତରଙ୍କୁ ପ୍ରଶାସନିକ ଭତ୍ତା ଓ ଦନ୍ତ ଚିକିତ୍ସକଙ୍କୁ ବିଶେଷଜ୍ଞ ଭତ୍ତା ପ୍ରଦାନ, ପୋଷ୍ଟ ମୋର୍ଟମ ଭତ୍ତା ବୃଦ୍ଧି, ତୁରନ୍ତ ଖାଲି ଡାକ୍ତରୀ ପଦବୀ ପୂରଣ କରିବା, ପ୍ରତିବର୍ଷ ବିଭାଗୀୟ ପଦୋନ୍ନତି, କାର୍ଯ୍ୟରତ ଡାକ୍ତରଙ୍କୁ କଡା ସୁରକ୍ଷା, ସ୍ୱାସ୍ଥ୍ୟ ବୀମା ପ୍ରଦାନ ଆଦି ଦାବି ରହିଛି।




- ଏଣିକି ଘଣ୍ଟାଏ ବଦଳରେ ଦୁଇ ଘଣ୍ଟା ବନ୍ଦ ହେବ ଓପିଡି ସେବା
- ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକ୍ରମରେ କରିବେ ଅସହଯୋଗ
- ପ୍ରଭାବିତ ହେବ ରୋଗୀ ସେବା








# ଭୁବନେଶ୍ୱର ସିଟି

## ବଦଳିଛି ଉପହାର ସଂଜ୍ଞା

# ନୂଆବର୍ଷ ପାଇଁ ବୋହିନେଲେ ଗଛ

ଭୁବନେଶ୍ୱର, ୩୧।୧୨(ସମିସ): ରାତି ପାହିଲେ ନୂଆବର୍ଷ। ସେଥିପାଇଁ ଚଳଚଞ୍ଚଳ ରାଜଧାନୀ। କେଉଁଠି ଫୁଲର ସମ୍ଭାର ତ ଆଉ କେଉଁଠି ମେଳିଛି ସାଜସଜ୍ଜା ଉପକରଣ ଜମିଛି ଆସର। ସେହିଭଳି ନିଜ ସାଙ୍ଗସାଥୀ ବା ପ୍ରିୟଜନଙ୍କୁ କିଏ କଣ ଉପହାର ଦେବ ସେଥିପାଇଁ ଆଜିଠୁ ପ୍ରସ୍ତୁତିରେ ଲାଗିଛନ୍ତି। ଏହାରି ଭିତରେ ନୂଆବର୍ଷ ଉପହାର ତାଲିକାରେ ସାମିଲ ହୋଇଛି ଗଛ। ବର୍ତ୍ତମାନ ସମୟରେ ଲୋକ ବୁକେ ଅପେକ୍ଷା ପରସ୍ପରକୁ ଗଛ ଦେବାକୁ ପସନ୍ଦ କରୁଥିବା ଦେଖିବାକୁ ମିଳୁଛି।

### ରାଜଧାନୀର ବିଭିନ୍ନ ନର୍ସରୀରେ ଲୋକଙ୍କ ଭିଡ଼

ରାଜଧାନୀରେ ଗୋଟିଏ ଗୋଟିଏ ନର୍ସରୀରୁ ଦେଢ଼ ହଜାରରୁ ଦୁଇ ହଜାର ପର୍ଯ୍ୟନ୍ତ ଗଛବିକ୍ରି ହୋଇଥିବା ପରିଲକ୍ଷିତ ହୋଇଛି। ଏହିଭଳି ଭୁବନେଶ୍ୱର ଏବଂ ଏହାର ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ଥିବା ଶତାଧିକ ନର୍ସରୀରୁ ଲକ୍ଷାଧିକ ସଂଖ୍ୟାରେ ଗଛ ବିକ୍ରି ହୋଇଛି। ସେଥିମଧ୍ୟରେ ଅଧିକାଂଶ ଅମ୍ଳଜାନ ପ୍ରଦାନକାରୀ ଗଛ ରହିଛି। ଆଜିକାଲି ପରିବେଶକୁ ନେଇ ସବୁ ଚିନ୍ତିତ। ସେଥିପାଇଁ ଅଧିକାଂଶ ଲୋକେ ଘର ଭିତରେ ଓ ବାହାରେ ଅଧିକ ପରିମାଣରେ ଅମ୍ଳଜାନ ପ୍ରଦାନକାରୀ ଗଛ ଲଗାଉଛନ୍ତି।

ସେହିପରିପେକ୍ଷୀରେ ପରିବେଶ ପ୍ରତି ସଚେତନା ଦୃଷ୍ଟିରେ ଏବେ ଉପହାରର ସଂଜ୍ଞା ବଦଳିଛି। ସେଥିପାଇଁ ନୂଆ ବର୍ଷ ପୂର୍ବ ଦିନରୁ ହିଁ ରାଜଧାନୀର ବିଭିନ୍ନ ନର୍ସରୀରେ ଭିଡ ଦେଖିବାକୁ ମିଳୁଛି। ଅଧିକାଂଶ ଲୋକ ଇନଡୋର ପ୍ଲାଣ୍ଟ ହିଁ ଉପହାରର ପାଇଁ ବାଛୁଛନ୍ତି। ବିଭିନ୍ନ ସ୍ଥାନରେ ନୂଆବର୍ଷ ପାଳନକୁ ନେଇ ସଭା ଓ କାର୍ଯ୍ୟକ୍ରମ ଥିବାରୁ ଦୁଇଦିନ ଆଗରୁ ହିଁ ଲୋକେ ଉପହାର ଦେବା ପାଇଁ



ଏହି ଗଛ ପାଇଁ ଅର୍ଡର କରିଛନ୍ତି ବୋଲି ନର୍ସରୀରେ ଥିବା କର୍ମଚାରୀ କହିଛନ୍ତି। ରାମ ମନ୍ଦିର ଛକ, ଏକ ନମ୍ବର ହାଟ, ଖଣ୍ଡଗିରି ଛକ, ଫାୟାର ଷ୍ଟେସନ, ପାତ୍ରପଡ଼ା ଆଦି ବିଭିନ୍ନ ସ୍ଥାନରେ ଥିବା ନର୍ସରୀରେ ଭିଡ଼ ପରିଲକ୍ଷିତ ହୋଇଥିଲା। ବିକ୍ରି ହୋଇଥିବା ଗଛ ମଧ୍ୟରେ ପାଥୋସ୍, ଏରିକା ପାମ, ସ୍ନେକ୍ ପ୍ଲାଣ୍ଟ, ସ୍ପାଇଡର୍ ପ୍ଲାଣ୍ଟ, ପିସ୍ ଲିଲି, ଏଲୋବେରା, ଗାରବେନା ଡେଜି, ୱିପିଙ୍ଗ ଫିଗ୍, ଏଲିଫ୍ୟାଣ୍ଟ ବଶ ଏବଂ ଲକି ବାମ୍ବୋ ଭଳି ଅକ୍ସିଜେନ ଟ୍ରି ରହିଛି। ଏସବୁ ଗଛର ମୂଲ୍ୟ ୫୦ ଟଙ୍କାରୁ ଆରମ୍ଭ ହୋଇ ହଜାରେ ଓ ୧୫ ଶହ ପର୍ଯ୍ୟନ୍ତ ରହିଛି। ବିଭିନ୍ନ କର୍ପୋରେଟ ଅଫିସ, କାର୍ଯ୍ୟାଳୟ ଏବଂ ବନ୍ଧୁଙ୍କ ପାଇଁ ଲୋକ ଏହି ଗଛ ସବୁ ଉପହାର ଦେବା ପାଇଁ କିଣିଛନ୍ତି। ଆଉ କିଛି ବାଡିରେ ଲଗାଯାଉଥିବା ଦୀର୍ଘସ୍ଥାୟୀ ଗଛକୁ ବିଭିନ୍ନ ସ୍ଥାନରେ ରୋପଣ କରିବା ପାଇଁ କିଣିଛନ୍ତି। ବୁଧବାର ସକାଳ ସୁଦ୍ଧା ପାଖାପାଖି ୨ ହଜାରୁ ଅଧିକ ଗଛ ବିକ୍ରି ସରିଲାଣି ବୋଲି ରାମ ମନ୍ଦିର ନିକଟରେ ଥିବା ରାମଜି ପ୍ଲାଣ୍ଟ ସପ୍‌ର କର୍ମଚାରୀ କହିଥିଲେ। ଏହା ବ୍ୟତୀତ ଆହୁରି ଗ୍ରାହକ କାଲି ପାଇଁ ସେହି ପ୍ଲାଣ୍ଟଗୁଡ଼ିକର ବରାଦ ଦେଇଛନ୍ତି

### ଫୁଲ ନୁହେଁ; ଗଛ ଦିଅ

ଇଂରାଜୀ ନୂଆ ବର୍ଷରେ ଫୁଲ ନୁହେଁ ଗଛ ଟିଏ ଉପହାର ଦେବା ସହ ଗଛ ଟିଏ ଲଗାଇବାକୁ ବାର୍ତ୍ତା ଦେଇଛନ୍ତି ଗ୍ରୀନଆର୍ମି ପ୍ରତିଷ୍ଠାତା ଡ. ଦିଲ୍ଲୀପ ଶ୍ରୀଚନ୍ଦନ। ଏକ ପ୍ରେସ ଇସ୍ତାହାର ମାଧ୍ୟମରେ ଅନୁରୋଧ କରି ସେ କହିଛନ୍ତି ଯେ ବର୍ତ୍ତମାନ ପରିବେଶ ସମ୍ପୂର୍ଣ୍ଣ ଭାବେ ପ୍ରଦୂଷିତ ହୋଇ ସାରିଲାଣି। ଯାହାର ପ୍ରଭାବ ଆମେ ସମସ୍ତେ ଉପଲବ୍ଧି କରୁଛେ। ବିଶେଷଭାବେ ବାୟୁ ପ୍ରଦୂଷଣର ମାତ୍ରା ଏପରି ସ୍ଥାନରେ ପହଞ୍ଚିଲାଣି ଯେ ସକାଳର ସୂର୍ଯ୍ୟଙ୍କୁ ମଧ୍ୟ ଠିକ ଭାବେ ଦେଖି ପାରୁନାହାନ୍ତି। ବାୟୁ ମଣ୍ଡଳରେ ଥିବା ଧୂଳିକଣାର ମାତ୍ରା ଏପରି ବଢ଼ି ଯାଇଛି। ଫଳରେ ଥଣ୍ଡା ଜର ଆଦି ଲୋକମାନଙ୍କୁ ଆକ୍ରାନ୍ତ କଲାଣି। ଏପରି ସ୍ଥଳେ ଜଣେ ଦାୟିତ୍ୱବାନ ନାଗରିକ ଭାବେ ନୂଆବର୍ଷରେ ଗଛ ଟିଏ ଲଗାଇବା ସହ ଉପହାରରେ ଗଛ ଦେଇ ପରିବେଶ ସୁରକ୍ଷାରେ ଅଂଶୀଦାର ହେବାକୁ ସେ ନିବେଦନ କରିଛନ୍ତି।

ବୋଲି ସେ କହିଛନ୍ତି। ଅନ୍ୟପଟେ ଉପହାରରେ ଗଛ ଦେବା ଚିନ୍ତାଧାରାକୁ ସ୍ୱାଗତ ଜଣାଇ ଅନେକ ସାମାଜିକ ଅନୁଷ୍ଠାନ ଗଛ ଉପହାର ଦେବା ସହ ଗଛ ଲଗାଇବାକୁ ବାର୍ତ୍ତା ଦେଉଥିବା ଦେଖିବାକୁ ମିଳୁଛି।

## ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩୧।୧୨(ସମିସ): ଉତ୍କଳ ସମ୍ମିଳନୀର ୧୨୩ ତମ ପ୍ରତିଷ୍ଠା ଦିବସ ସମାରୋହ ବୁଧବାର ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ କାର୍ଯ୍ୟାଳୟର ମଧୁସୂଦନ କକ୍ଷରେ ଅନୁଷ୍ଠିତ ହୋଇଛି। ଶତାୟୁ ପୁରୁଷ ଉତ୍କଳ ସମ୍ମିଳନୀର ଉପଦେଷ୍ଟା ପଦ୍ମ ଚରଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହରେ ମୁଖ୍ୟବକ୍ତା ଭାବେ ଲେଖକ ତଥା କୃଷି ବୈଜ୍ଞାନିକ ନଟବର ଖୁଣ୍ଟିଆ ଉପସ୍ଥିତ ଥିଲେ। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭା ପରିଚାଳନା କରିଥିଲେ। ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୋଷାଧକ୍ଷା ସୌଦାମିନୀ ସାମନ୍ତରାୟ, ଭୁବନେଶ୍ୱର ଶାଖା ସଭାପତି ସୁବ୍ରତ ମହାପାତ୍ର, ବାସନ୍ତି ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।






## ମଦନ ମୋହନ ମାର୍କେଟ ପକ୍ଷରୁ ପୂଜା ଉତ୍ସବ

ଭୁବନେଶ୍ୱର, ୩୧।୧୨(ସମିସ): ଭଗବାନପୁରସ୍ଥିତ ମଦନ ମୋହନ ମାର୍କେଟ ବଣିକ ସଂଘ ପକ୍ଷରୁ ୩ୟ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ପୂଜାରେ ଶ୍ରୀରାମ ଚନ୍ଦ୍ରଙ୍କ ସହିତ ଗଣେଶ, ଜଗନ୍ନାଥ, ବାବା ଭୋଲେ ନାଥଙ୍କ ବିଗ୍ରହ ଏବଂ ବୀର ହନୁମାନଙ୍କ ବାଲୁକା ବିଗ୍ରହଗୁଡ଼ିକୁ କମିଟି ପକ୍ଷରୁ ପୂଜା ଅର୍ଚ୍ଚନା କରାଯାଇଥିଲା। ଏହି ଉତ୍ସବରେ ଅତିଥି ଭାବେ ସୁରେଶ କୁମାର ରାଉତରାୟ, ସ୍ଥାନୀୟ କର୍ପୋରେଟର ରଶ୍ମି ରଞ୍ଜନ ପାଟସାଣୀ, ରୋଟାରୀ ଆନ୍ ଅଶୋକ ସାମଲ ଯୋଗ ଦେଇ ବଣିକ ସଂଘର କର୍ମ କର୍ତ୍ତା ମାନଙ୍କୁ



ଉତ୍ସାହିତ କରିଥିଲେ। ଏହିପରି ସଂଧ୍ୟାରେ କପିଳେଶ୍ୱର ଦିବ୍ୟାଙ୍ଗ ଭଜନ ଗ୍ରୁପ୍ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଗୁରୁବାର ସନ୍ଧ୍ୟାରେ କମିଟି ପକ୍ଷରୁ ଭକ୍ତଙ୍କ ପାଇଁ ପ୍ରାସାଦ ସେବନର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ରାଜଧାନୀ ରାସ୍ତାଘାଟରେ କୁହୁଡ଼ିର ଚାଦର

## ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସହ ଦୁଇ ଶିକ୍ଷା ସଂସ୍ଥାନର ବୁଝାମଣାପତ୍ର ସ୍ୱାକ୍ଷର



ଭୁବନେଶ୍ୱର, ୩୧।୧୨(ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ଭୁବନେଶ୍ୱରର ସହ ଦିବାକର ପଟ୍ଟନାୟକ ଅଗ୍ରଗ୍ରାମୀ ଶିକ୍ଷା ପ୍ରତିଷ୍ଠାନ ବ୍ରହ୍ମପୁର ଏବଂ ଦେବସଂଘ ବୃତ୍ତିଗତ ଅଧ୍ୟୟନ ଓ ଶିକ୍ଷା ଗବେଷଣା ସଂସ୍ଥାନ ଦେଓଘର, ଝାଡ଼ଖଣ୍ଡ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଏହି ଅବସରରେ ଆଞ୍ଚଳିକ ନିରନ୍ତର ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ। ଏମଓୟୁ କମିଟି ଅଧ୍ୟକ୍ଷ ପ୍ରଫେସର ହୃଷିକେଶ ସେନାପତି, ଡିପିଆଇଏଏସଇ ଅଧ୍ୟକ୍ଷ ପ୍ରଫେସର ମନୋଜ ପ୍ରଧାନ ଏବଂ ଡିଆଇପିଏସଇଆର ଅଧ୍ୟକ୍ଷ ପ୍ରଫେସର ରଜନୀଶ ପାଣ୍ଡେ ଉପସ୍ଥିତ ଥିଲେ।






## ଲୋକସମ୍ପର୍କ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୩୧।୧୨(ସମିସ): ସୂଚନା ଓ ଲୋକସମ୍ପର୍କ ବିଭାଗର ଫିଲ୍ମ ଲାଇବ୍ରେରିଆନ୍ ସତ୍ୟନାରାୟଣ ମିଶ୍ର ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ ଶ୍ୟାମସୁନ୍ଦର ସେଠୀଙ୍କୁ ଆଜି ବିଭାଗର କର୍ମଚାରୀ କଲ୍ୟାଣ ସମିତି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବିଭାଗୀୟ ଉପନିର୍ଦ୍ଦେଶକ ଅଶ୍ୱିନୀ କୁମାର ଭୋଇ, ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ବେହୁରିଆଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ସୂଚନା ଅଧିକାରୀ ବିନାୟକ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପ୍ଲେ ସ୍କୁଲର ବାର୍ଷିକ ଉତ୍ସବ

ଭୁବନେଶ୍ୱର, ୩୧।୧୨(ସମିସ): ରସୁଲଗଡ଼ସ୍ଥିତ ସାଇ ବଚପନ୍ ପାରାଡାଇଜ ପ୍ଲେ ସ୍କୁଲର ଦ୍ୱାଦଶ ବାର୍ଷିକ ଉତ୍ସବ ଜୟଦେବ ଭବନଠାରେ ପାଳିତ ହୋଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଅରବିନ୍ଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଦିଲୀପ ଶ୍ରୀଚନ୍ଦନ, ଡ. ପ୍ରତିଭା ମିଶ୍ର, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ମୁଖ୍ୟବକ୍ତା ଭାବେ ପ୍ରଫେସର ଡ. କୁମରବର ଦାସ ଯୋଗ ଦେଇଥିଲେ। ଶିଶୁମାନଙ୍କର ପ୍ରାରମ୍ଭିକ ଶିକ୍ଷା ହିଁ ଭବିଷ୍ୟତର ଭିତ୍ତି ଓ ପ୍ଲେ ସ୍କୁଲ୍ ଶିଶୁମାନଙ୍କର ମାନସିକ, ଶାରୀରିକ ଓ ସାମାଜିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣରେ କୁନି କୁନି ପିଲାଙ୍କ ଦ୍ୱାରା ଅପରେସନ ସିନ୍ଦୂର ପରିବେଷଣ କରାଯାଇଥିଲା। ଏହି ଅବସରରେ ପ୍ରଧାନ ଶିକ୍ଷୟତ୍ରୀ ବିଜୟାଶ୍ରୀ ସିଂ ସ୍କୁଲର ବାର୍ଷିକ ରିପୋର୍ଟ ପଢ଼ିଥିଲେ।

## ଓୟୁଏଟି ଶିକ୍ଷକ ସଂଘର ୪୯ତମ ବାର୍ଷିକ ସାଧାରଣ ସଭା




ଭୁବନେଶ୍ୱର, ୩୧।୧୨(ସମିସ): ଓଡ଼ିଶା ବିଶ୍ୱବିଦ୍ୟାଳୟ କୃଷି ଓ ପ୍ରଯୁକ୍ତିବିଦ୍ୟା (ଓୟୁଏଟି) ଶିକ୍ଷକ ସଂଘ (ୟୁଟିଏ)ର ୪୯ତମ ବାର୍ଷିକ ସାଧାରଣସଭା କୃଷିମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗ ଦେଇ ଶିକ୍ଷକ ସଂଘର ସକ୍ରିୟ ଭୂମିକାକୁ ପ୍ରଶଂସା କରିଛନ୍ତି। ଅନ୍ୟତମ ଅତିଥି ସିଏସ୍ଆଇଆର୍-ଆଇଏମ୍ଏମ୍‌ର ବୈଜ୍ଞାନିକ ତଥା ବିଭାଗମୁଖ୍ୟ ପ୍ରଫେସର ଦେବୀ ପ୍ରସାଦ ଦାସ ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ଇଲେକ୍ଟ୍ରୋନିକ୍ସ କ୍ଷେତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରି ଓୟୁଏଟି ସହ ସଂସ୍ଥାଗତ ସହଯୋଗର ପ୍ରସ୍ତାବ ଦେଇଛନ୍ତି। ସଂଘର ସାଧାରଣ ସମ୍ପାଦକ ଡ଼. ରଞ୍ଜନ କର ବାର୍ଷିକ ରିପୋର୍ଟ ଉପସ୍ଥାପନ କରିଥିବାବେଳେ ଅବସରପ୍ରାପ୍ତ ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ସଭାପତି ଡ଼. ଅଜିତ ନାୟକ ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।










## ଦେବଦାସୀ ଅନ୍ତଃରାଷ୍ଟ୍ରୀୟ ନୃତ୍ୟ ସମାରୋହ



ଭୁବନେଶ୍ୱର, ୩୧।୧୨(ସମିସ): ଦେବଦାସୀ ନୃତ୍ୟ ମନ୍ଦିର ଦ୍ୱାରା ଆୟୋଜିତ ଦୁଇ ଦିନିଆ ଦେବଦାସୀ ଅନ୍ତରାଷ୍ଟ୍ରୀୟ ନୃତ୍ୟ ସମାରୋହ ଓ ନବୀନ କଳାକାରରେ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ସନ୍ଧ୍ୟା ଭଞ୍ଜ କଳାମଣ୍ଡପଠାରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ କାନାଡ଼ାର ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ମିଶ୍ର, କେରଳର ମୋହିନୀ ନାଟ୍ୟମ ନୃତ୍ୟ ଶିଳ୍ପୀ ସୌମ୍ୟ ବାଳଗୋପାଳ, ୱାଇ ଆଶାକୁମାରୀ, ଆସାମର ସତ୍ରୀୟ ନୃତ୍ୟଶିଳ୍ପୀ ଭାବନନ୍ଦ ବରୟନ, ଭୁବନେଶ୍ୱରର ତାନବି ତେଜସ୍ୱିନୀ, ଆମେରିକାର ଓଡ଼ିଶୀ ନୃତ୍ୟଶିଳ୍ପୀ ଦେବାଂଶୀ ନିକିତା ଚୌଧୁରୀ ପ୍ରମୁଖ ନୃତ୍ୟ ପରିବେଷଣ କରଥିଲେ। ସନ୍ଧ୍ୟାରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବିଧାୟକ ଡ. ଅରୁଣ ସାହୁ, ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ସାଂସଦ ପ୍ରସନ୍ନ ପାଟଶାଣୀ, ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ଗଦାଧର ମହାପାତ୍ର, ପ୍ରସନ୍ନ ବିଷୋୟୀ ଉପସ୍ଥିତ ଥିଲେ। ସକାଳର ଅଧିବେଶନକୁ ଓଡ଼ିଶୀ ସଙ୍ଗୀତ ଗୁରୁ ନିମାକାନ୍ତ ରାଉତରାୟ, ଓଡିଶୀ ଗୁରୁ ବ୍ରଜ କିଶୋର ମଲ୍ଲିକ, ଜ୍ୟୋତି ରାଉତ, ପ୍ରମୁଖ ଉଦଘାଟନ କରିଥିଲେ। ଓଡ଼ିଶୀ ଗୁରୁ ଦେବମିତା ସାହୁ ଓ ନାୟିକା ନୀଳପଦ୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୩ରେ ଜାନକୀ ବଲ୍ଲଭଙ୍କ ଜନ୍ମ ଶତବାର୍ଷିକ ଉତ୍ସବ



ଭୁବନେଶ୍ୱର, ୩୧।୧୨(ସମିସ): ଜାନକୀ ବଲ୍ଲଭ ଜନ୍ମ ଶତବାର୍ଷିକୀ କମିଟି ପକ୍ଷରୁ ଆସନ୍ତା ୩ ତାରିଖରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହାଇସ୍କୁଲ୍ ପଡ଼ିଆରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୧୦୦ ତମ ଜୟନ୍ତୀ ସମାରୋହର ଉଦ୍‌ଘାଟନ ହେବାକୁ ଯାଉଛି। ଏ ନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଶତବାର୍ଷିକ କମିଟିର ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ କହିଛନ୍ତି। ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୀବନୀ ତଥା ଓଡ଼ିଶାର ବିକାଶ ସମ୍ପର୍କିତ ଏକ କ୍ଷୁଦ୍ର ଚଳଚ୍ଚିତ୍ର, ଫଟୋ ଚିତ୍ର ପଦର୍ଶନୀ ସହିତ ଏକ ସଂକ୍ଷିପ୍ତ ପୁସ୍ତକ ଉନ୍ମୋଚନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକ, ସିପିଆଇ ନେତା ଡି ରାଜା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିରାପ୍ପାମୋଇଲି ଓ କଂଗ୍ରେସ ନେତା ରଣଦୀପ ସୁର୍ଜେୱାଲା ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ଶତବାର୍ଷିକୀ କମିଟି ପକ୍ଷରୁ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଞ୍ଜୟ ପଟ୍ଟନାୟକ, ଜାନକୀ ବଲ୍ଲଭ ପଟ୍ଟନାୟକ(କନିଷ୍ଠ), ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ପ୍ରଶାନ୍ତ ଶତପଥି, ରଜନୀ କୁମାର ମହାନ୍ତି, ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




# ରୋଟାରୀ କ୍ଲବ୍ ଅଫ୍ ବାରିପଦା ମୟୂର୍ ପକ୍ଷରୁ କମ୍ବଳ ବଣ୍ଟନ



ବାରିପଦା,୩୧।୧୨(ସମିସ): ଶୀତ ଋତୁରେ ଗରିବ ଓ ଅସହାୟ ଲୋକଙ୍କୁ ସହାୟତା ଯୋଗାଇବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ୍ ଅଫ୍ ବାରିପଦା ମୟୂର୍ ପକ୍ଷରୁ ବାରିପଦାର ଦେବେନ୍ଦ୍ରପୁର ଗାଁରେ ଏକ ନିଃଶୁଳ୍କ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ୨୦ ଜଣ ଗରିବ ଓ ଦୁର୍ବଳ ବର୍ଗର ଲୋକଙ୍କୁ କମ୍ବଳ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଇଂ ସୁବ୍ରତ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱୟଂ କମ୍ବଳ ବଣ୍ଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ରୋଟାରୀ କ୍ଲବ୍ର ମାନବିକ ସେବାମୂଳକ କାର୍ଯ୍ୟକଳାପକୁ ଉଚ୍ଚ ପ୍ରଶଂସା କରି ସମାଜର ସମସ୍ତ ବର୍ଗକୁ ଏପରି ସେବାମୂଳକ କାର୍ଯ୍ୟରେ ଯୋଗଦେବା ପାଇଁ ଆହ୍ୱାନ ଜଣାଇଥିଲେ। କ୍ଲବ୍ର ପରାମର୍ଶଦାତା ରୋଟାରିୟନ ନିରୋଜ କୁମାର ପଣ୍ଡା, ସଭାପତି ରୋଟାରିୟନ ଡା ଜଗବନ୍ଧୁ ମିଶ୍ର, ସଚିବ ରୋଟାରିୟନ ଇଂ ସୌମ୍ୟରଞ୍ଜନ ମିଶ୍ର, ରୋଟାରିୟନ ଡା. ଏମ୍ ହିମାବିନ୍ଦୁ ଓ ରୋଟାରିୟନ ଡ. ଜୟଶ୍ରୀ ନନ୍ଦ ଓ ଅନ୍ୟାନ୍ୟ ସଦସ୍ୟ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନରେ ସକ୍ରିୟ ଭାବେ ସହଯୋଗ କରିଥିଲେ। ଶୀତ ଋତୁରେ ଆବଶ୍ୟକମନ୍ଦ ଲୋକଙ୍କୁ ସହାୟତା ଦେବା ମାଧ୍ୟମରେ 'ସର୍ଭିସ୍ ଏବଂ ସେଲ୍ଫ' ଭବିଷ୍ୟତରେ ମଧ୍ୟ ଏପରି ଜନହିତକର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ଜଣାଇଛି।

# ମୁକୁଳା ପଡ଼ିଛି ବିଦ୍ୟୁତ ଟ୍ରାନ୍ସଫର୍ମର



କୁଆମରା,୩୧।୧୨(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ବିଦ୍ୟୁତ ଷ୍ଟକଚର ଅଧୀନରେ ଥିବା ସିକିଡିଆ ଓ ବାଲିଗଡିଆଠାରେ ସ୍ଥାପନ ହୋଇଛି ବିଦ୍ୟୁତ ଟ୍ରାସଫର୍ମର। ତେବେ ଟାଟା ପାୱାର ଶକ୍ତି ହାତକୁ ନେବାର ତିନି ବର୍ଷ ପରେ ବି ଟ୍ରାସଫର୍ମର ଚାରି ପାଖରେ ସୁରକ୍ଷା ବାଡ ନାହିଁ। ଏପରିକି ଅନେକ ସ୍ଥାନରେ ମୁକୁଳା ପଡ଼ିଛି। ଯାହା ଅନେକ ସମୟରେ ବିପଦକୁ ଆମନ୍ତ୍ରଣ କରୁଛି। ରାସ୍ତା ପାଶ୍ୱର୍ ରେ ଏହି ଟ୍ରାସଫର୍ମର ଗୁଡ଼ିକ ରହିଛି। ଟ୍ରାସଫର୍ମର ଭିତରୁ ଆସିଥିବା ତାର ଗୁଡିକ ମାଟି ଉପରୁ ମାତ୍ର ଦୁଇ ତିନି ଫୁଟ ଉଚ୍ଚ ରେ ରହିଥିବା ଯୋଗୁଁ କେତେବେଳେ କେଉଁ ବିପଦ ଆସିବ ତାହା କହିହେବ ନାହିଁ। ବୁଲା ଗୋରୁ ଗାଇ ପ୍ରାୟତଃ ଚୋରାବୁଲା କରୁଥିବା ବେଳେ ସେଠାରେ ଲାଗିଯିବାର ସମ୍ଭାବନା ରହିଛି। ତତ୍ସହିତ ଛୋଟ ଛୋଟ ପିଲା ମାନେ ମଧ୍ୟ ଖେଳା ବୁଲା କରୁଛନ୍ତି। ତେବେ ବିଭାଗୀୟ ଦାୟିତ୍ୱ ହୀନତାକୁ ସାଧାରଣ ରେ ନିନ୍ଦା କରାଯାଇଥିବା ବେଳେ ଏହାର ଚାରି ପାଖ ସୁରକ୍ଷା ବାଡ ବସାଇବାର ଦାବି ହେଉଛି।

# ଖୁଣ୍ଟା ଓ ପଶୁଦା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ

କୁଆମରା ୩୧।୧୨(ସମିସ):



ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ଓ ପଶୁଦା ଲ୍ୟାମ୍ପସରେ ଧାନ ମଣ୍ଡି ଉଦଘାଟିତ ହୋଇଯାଇଛି। ଖୁଣ୍ଟା ଲ୍ୟାମ୍ପସର ସଭାପତି ସୁକେଶ୍ୱର ମଢେଇ ମଣ୍ଡି କୁ ଉଦଘାଟନ କରିଥିଲେ। ନିର୍ଦ୍ଦେଶକ ସର୍ବେଶ୍ୱର ବେହେରା, ପ୍ରଦୀପ ଉପାଧ୍ୟାୟ, ଚାଷୀ ସଭ୍ୟ କମଳାକାନ୍ତ ମହାକୁଡ, ବିଶ୍ୱଜିତ ତରେଇ, ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲ୍ୟାମ୍ପସର ଏମ୍ ଡି ରଶ୍ମିତା ବେହେରାଙ୍କ ତତ୍ତ୍ୱାବଧାନରେ କର୍ମଚାରୀ ତାପସ ବେହେରା, ଶ୍ରୀତମ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ଚଳିତ ବର୍ଷ ୧୩୪୦ ଜଣ ଚାଷୀ ଙ୍କ ଠାରୁ ୫୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଏମଡି ସୂଚନା ଦେଇଛନ୍ତି। ତେବେ ଖୁଣ୍ଟା ଠାରେ ସୋମ, ମଙ୍ଗଳ, ବୁଧ ଓ ରାଣୀବନ୍ଧ ଠାରେ ଶୁକ୍ର ଓ ଶନିବାର ଦିନ ଧାନ କିଣାଯିବାର ଚାଷୀ ଙ୍କୁ ପରାମର୍ଶ ଦିଆ ଯାଇଛି। ସେହିପରି ପଶୁଦା ଲ୍ୟାମ୍ପସରେ ଚଳିତ ଖରିଫ ଋତୁରେ ଚାଷ ହୋଇଥିବା ୫୪୭ ଚାଷୀ ଙ୍କ ଠାରୁ ୨୫ ହଜାର କ୍ୱିଣ୍ଟାଲ ଧାନ କିଣା ଯିବାର ଲକ୍ଷ୍ୟ ରହିଛି ବୋଲି ଏମ୍ ଡି ନିର୍ମଳ ଚନ୍ଦ୍ର ସେନ ସୂଚନା ଦେଇଛନ୍ତି। ସପ୍ତାହର ମଙ୍ଗଳବାର ଓ ଶୁକ୍ରବାର ଧାନ କିଣାଯିବ ବୋଲି କୁହାଯାଇଛି। ତେବେ ଆଜି ଉଦଘାଟନ ଉତ୍ସବରେ ଲ୍ୟାମ୍ପସର ସଭାପତି ମୁନୀ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମଣ୍ଡି କୁ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା ନିର୍ଦ୍ଦେଶକ ନିର୍ମଳ ସେନ, ସଭ୍ୟ ଜୟନ୍ତ କୁମାର ବାରିକ, ପଞ୍ଚାନନ ବାରିକ, ସୁଶାନ୍ତ କୁମାର ପଣ୍ଡା, ଚାଷୀ କମିଟିର ସଭ୍ୟ ଗଜେନ୍ଦ୍ର ଫନ୍ଦୁକାର, ରଜତ କଟୁଆଳ, ଆର ଏମ୍ ସିର କରୁଣାକର ନାୟକ, କର୍ମଚାରୀ ସଞ୍ଜୟ କୁମାର ବେନ୍ତାଳ, ରବୀନ୍ଦ୍ର ପ୍ରଧାନ, ଅଭିନବ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଜି ୩ ଚାଷୀଙ୍କ ଠାରୁ ୨୧୦ କ୍ୱିଣ୍ଟାଲ ଧାନ କିଣାଯାଇ ଶୁଭାରମ୍ଭ ହୋଇଛି।

# ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ



ବାରିପଦା,୩୧।୧୨(ସମିସ): ଭଞ୍ଜପୁରସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ସପ୍ତରଙ୍ଗ-୨୦୨୫ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶୃଙ୍ଖଳିତ ଭାବେ ଅଧ୍ୟୟନ କରିବା ଏବଂ ଆଗାମୀ ଜୀବନରେ ବଡ଼ ମଣିଷ ହେବା ସହିତ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବାକୁ ପ୍ରେରଣା ଦେଇଥିଲେ। ମୟୂରଭଞ୍ଜର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି ଦୁଃଖବନ୍ଧୁ ନାୟକ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପଦେଷ୍ଟା ପ୍ରଫେସର ତୁଷାର କାନ୍ତି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବାରିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରାଜେଶ କୁମାର ଷଡ଼ଙ୍ଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମହାବିଦ୍ୟାଳୟର ସୁନାମ ପାଇଁ ତଥା ନିଜର ଉନ୍ନତି ନିମନ୍ତେ ନିରନ୍ତର ପ୍ରୟାସ ଜାରି ରଖିବାକୁ ପରାମର୍ଶ ଦେଇଥିଲେ। ସଭା ପ୍ରାରମ୍ଭରେ ଇଂରାଜୀ ଅଧ୍ୟାପକ ସଂଜୀବ କୁମାର ଅତିଥିମାନଙ୍କୁ ମଞ୍ଚକୁ ଅମନ୍ତ୍ରଣ କରିଥିବା ବେଳେ ଅଧ୍ୟକ୍ଷ ଡ଼ଃ ପ୍ରବୋଧ କୁମାର ଦେ ପରିଚୟ ପ୍ରଦାନ କରିଥିଲେ। ନାଟ୍ୟ ପରିଷଦର ଉପସଭାପତି ପ୍ରଶାନ୍ତ କୁମାର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଚଳିତ ବର୍ଷ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଇଂରାଜୀ ବିଭାଗର ଛାତ୍ରୀ ସୁଶ୍ରୀ ଅନୁଷ୍କା ପାତ୍ର ବିଶ୍ୱବିଦ୍ୟାଳୟସ୍ତରରେ ସର୍ବାଧିକ ନମ୍ବର ରଖି ଶ୍ରେଷ୍ଠ ସ୍ନାତକ ଓ ବିଭିନ୍ନ ସାଂସ୍କୃତିକ ଓ ଶୈକ୍ଷିକ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ସାର୍ଟିଫିକେଟ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ସୁଶ୍ରୀ ସୌମ୍ୟା ଦାସ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀବୃନ୍ଦ ସହାୟତା କରିଥିଲେ।

# ଜାମଡ଼ିହା ଲ୍ୟାମ୍ପସରେ ଧାନମଣ୍ଡି ଉଦ୍‌ଘାଟିତ

ପିଙ୍ଗୁ,୩୧।୧୨(ସମିସ): ଜାମଡ଼ିହା ଲ୍ୟାମ୍ପସ୍ ପକ୍ଷରୁ ଜାମଡ଼ିହା ପିପିସି ପ୍ରାଙ୍ଗଣରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ ଅବସରରେ ସ୍ଥାନୀୟ ସରପଞ୍ଚ ସବିତା ସିଂ, ପରିଚାଳନା ପରିଷଦର ସଭାପତି ପ୍ରସନ୍ନ କୁମାର ବିଶ୍ୱାଳ, ପରିଚାଳନା ପରିଷଦର ସଭ୍ୟ, ପରିଚାଳନା ନିର୍ଦ୍ଦେଶକ ଧାନକ୍ରୟ କମିଟିର ସଦସ୍ୟ ଉପସ୍ଥିତ ଥିଲେ। ଚାଷୀଙ୍କୁ ଏଫଏକ୍ୟୁ ମାନର ଧାନ ଦେବାକୁ ପରାମର୍ଶ ଦେଇଥିଲେ। ଏହି ଧାନମଣ୍ଡି ଉଦ୍‌ଘାଟନ ଦ୍ୱାରା ପଞ୍ଜିକୃତ ଚାଷୀ ନିଜ ଉତ୍ପାଦିତ ଧାନକୁ ୩୧୦୦ ଟଙ୍କା ସରକାରୀ ଦରରେ ବିକ୍ରୟ କରିପାରିବେ। ଜାମଡ଼ିହା ଲ୍ୟାମ୍ପସ୍ର ୯ଟି ପଞ୍ଚାୟତରୁ ୧୭୦୦ ଜଣ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଥିବା ଲ୍ୟାମ୍ପସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଜାମଡ଼ିହା ଅଧୀନରେ ନୁଦଡ଼ିହା ପିପିସି, ଜାମଡ଼ିହା ପିପିସି ଓ ଗୌଡ଼ଗାଁ ପିପିସିରେ ଧାନ କ୍ରୟ କରାଯିବ ବୋଲି ସ୍ଥିର କରାଯାଇଛି।



# ଜାତୀୟ ଯୋଗାସନ ପ୍ରତିଯୋଗିତାରେ ନିହାରଙ୍କ କୃତିତ୍ୱ

ବାରିପଦା,୩୧।୧୨(ସମିସ): ରାଞ୍ଚିଠାରେ ଅନୁଷ୍ଠିତ ୫୦ ତମ ଜାତୀୟ ଯୋଗ ସ୍ପୋର୍ଟସ ଚାମ୍ପିଅନସିପରେ ମୟୂରଭଞ୍ଜର ନିହାର ରଞ୍ଜନ ସାହୁ ୮ରୁ ୧୦ ବର୍ଷ ବାଳକ ବିଭାଗରେ ୨ୟ ସ୍ଥାନ ଅଧିକାର କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପ୍ରକାଶ ଥାଉକି କଟକ ଠାରେ ଅନୁଷ୍ଠିତ ୩୧ ତମ ରାଜ୍ୟ ସ୍ତରୀୟ ଯୋଗ ପ୍ରତିଯୋଗିତାରେ ବାରିପଦାର ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟରର ପ୍ରସାଦ ବାରିକ, ନିହାର ରଞ୍ଜନ ସାହୁ, କ୍ରିଷ୍ଣା ଦାସ, କ୍ରିଷ୍ଣା ନାୟକ ବାଳକ ବିଭାଗରେ ଏବଂ ବାଳିକା ବିଭାଗ ରେ ଜିଜ୍ଞାସା ମହାନ୍ତ କୃତିତ୍ୱ ହାସଲ କରି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ ବୋଲି ଅନୁଷ୍ଠାନର ପ୍ରତିଷ୍ଠାତା ଜ୍ୟୋତିରଞ୍ଜନ ଦାସ ଜଣାଇଛନ୍ତି ଓ ସେମାନଙ୍କ ମଧ୍ୟରୁ ବାରିପଦାର ୩ନଂ ୱାର୍ଡ ସ୍ଥିତ ମାଇନିଂ କଲୋନୀ ନିବାସୀ ପ୍ରବୀର କୁମାର ସାହୁ ଓ ସସ୍ମିତା ସାହୁଙ୍କ ପୁତ୍ର ନିହାର ଜାତୀୟ ସ୍ତରରେ ଏହି କୃତିତ୍ୱ ହାସଲ କରିଛନ୍ତି। ନିହାର ବର୍ତ୍ତମାନ ଭଞ୍ଜପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ୫ମ ଶ୍ରେଣୀର ଛାତ୍ର।



# ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ଉଦଳା ୩୧।୧୨(ସମିସ)**:ଉଦଳା ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ଓ ବନ୍ଧୁମିଳନ ସମାରୋହ ଭୀମତାଳି ପଞ୍ଚାୟତ ଅନ୍ତର୍ଗତ ପରିଡା ଜଗନ୍ନାଥ ଭିଲ୍ଲାଠାରେ କାର୍ଯ୍ୟକାରୀ ସଭାପତି ଡ. ସଚ୍ଚିଦାନନ୍ଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଓ କପ୍ତିପଦା ଉପଖଣ୍ଡର ସର୍ବାଙ୍ଗୀନ ବିକାଶ ନିମନ୍ତେ ରେଳ ସଂଯୋଗ, ଦେବକୁଣ୍ଡ, ସମୀବୃକ୍ଷ, ଜୟବନ୍ଧ, ବାଘାଯତୀନ ପ୍ରତିମୂର୍ତ୍ତି ଓ ଧରଣୀଧର ଭୂୟାଁଙ୍କ ପ୍ରତିମୂର୍ତ୍ତି ଓ ବିଭିନ୍ନ ସଂଘ ତଥା ମନ୍ଦିରର ବିକାଶ ଦିଗରେ ନେଇଥିବା ବିଭିନ୍ନ ପଦକ୍ଷେପ ଓ ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟର ବିକାଶ ଦିଗରେ ଦେଇଥିବା ଅନୁଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା ଯୋଗଦେଇ ଏନଏସି ରାସ୍ତା, ନାଳ ଓ ଆଲୋକୀ ବ୍ୟବସ୍ଥା ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ନାଗରିକ ସଂଘ ଗୃହର ପୂର୍ଣ୍ଣାଙ୍ଗ ଦିଗରେ ଦୃଷ୍ଟି ଦେବାକୁ ମତ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦିଲ୍ଲୀପ ଦୀକ୍ଷିତ ଯୋଗ ଦେଇଥିଲେ। ଉପସଭାପତି ସଚ୍ଚିଦାନନ୍ଦ ପରିଡା ଏନଏସିକୁ ପଲିଥିନ୍‌ମୁକ୍ତ ଓ ବରିଷ୍ଠ ନାଗରିକଙ୍କ କାର୍ଯ୍ୟାଳୟର ପୂର୍ଣ୍ଣାଙ୍ଗ କରିବା ପାଇଁ ମତ ପ୍ରଦାନ କରିଥିଲେ। ସଦସ୍ୟ ନରେନ୍ଦ୍ର ଜେନା ଭାଗବତ ଟୁଙ୍ଗୀ ଓ ସଂଘ ସଦସ୍ୟଙ୍କ ଭୂମିକା ସମ୍ପର୍କରେ ସୂଚନା ଦେଇଥିଲେ।

ପୁରାତନ ସଦସ୍ୟ ପ୍ରଭାତ ପରିଡା ସାଇବର କ୍ରାଇମ୍ ସଚେତନତା, ଓଡିଆ ମାଧ୍ୟମ ବିଦ୍ୟାଳୟ ପ୍ରତି ଗୁରୁତ୍ୱ, ଏନଏସିର ବିକାଶ, ରେଳ ସଂଯୋଗ ଉପରେ ପ୍ରାଧାନ୍ୟ ଦିଆଯବାକୁ କହିଥିଲେ। ଶ୍ରୀମତୀ ଶାନ୍ତିଲତା ପଣ୍ଡା (୧୦୬)ଙ୍କୁ ଉଦଳାର ଶତାୟୁ ମହିଳା ଭାବେ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ସହସମ୍ପାଦକ ଅଶୋକ ମହାନ୍ତି, କାଶୀନାଥ ଦାସ, ନରେନ୍ଦ୍ର ରାଉତ ଯୋଗଦେଇ ସଂଘ ବିକାଶର ଦିଗ ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ପ୍ରାକ୍ତନ ସଭାପତି ଜୟଚନ୍ଦ୍ର ପତ୍ରୀ ଓ ଅନ୍ୟାନ୍ୟ ସଦସ୍ୟଙ୍କ ବିୟୋଗରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିବାବେଳେ ସହସମ୍ପାଦକ ଅଶୋକ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।



# ୩ଲକ୍ଷ ଟଙ୍କାର ସାଇବର ଠକେଇ

ବାରିପଦା,୩୧।୧୨(ସମିସ): ସାଇବର ଅପରାଧୀ ମାନେ ମୋବାଇଲ ଆପ୍ଲିକେସନ ଜରିଆରେ ବ୍ୟାଙ୍କ ଆକାଉଣ୍ଟରୁ ୩ ଲକ୍ଷ ୪୫ହଜାର ଟଙ୍କା ଠକି ନେଇଛନ୍ତି। ଏନେଇ ଠକେଇ ଶିକାର ବଡ଼ସାହି ଥାନା ଅନ୍ତର୍ଗତ ଖାନୁଆ ଅଞ୍ଚଳର ପଲାଶବଣି ଗ୍ରାମର ଗଣେଶ୍ୱର ପାଣ୍ଡେ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରିଛନ୍ତି। ସେ ମୋବାଇଲରେ ୟନୋ ଏସବିଆଇ ଆପ୍ଲିକେସନ ଡାଉନଲୋଡ କରିଥିଲେ। ଏହାର କିଛି ସମୟ ପରେ ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ ଆସିଥିଲା। ନିଜକୁ ୟନୋ କର୍ମଚାରୀ କହି ପିନ, କାର୍ଡ ନମ୍ବର ଆଦି ତଥ୍ୟ ନେଇଥିଲେ। ଏହାପରେ ଏକ ଲିଙ୍କ କ୍ଲିକ କରିବାକୁ କହିଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଲିଙ୍କ କ୍ଲିକ କରିବାରୁ କ୍ଷଣିକ ମଧ୍ୟରେ ବ୍ୟାଙ୍କ ଆକାଉଣ୍ଟରୁ ୩,୪୫,୦୦୦ଟଙ୍କା ଗାୟବ ହୋଇ ଯାଇଥିଲା। ଠକେଇ ନେଇ ଜାଣିବା ପରେ ତୁରନ୍ତ ବ୍ୟାଙ୍କକୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

# ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଉଦଳା,୩୧।୧୨(ସମିସ): ଇନ୍ଦିରାଗାନ୍ଧୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶଶୀଭୂଷଣ ପାଣିଗ୍ରହୀଙ୍କ ଅଧ୍ୟକ୍ଷତାରେ ବାର୍ଷିକ କ୍ରୀଡ଼ା ଉତ୍ସବ ପାଳିତ ହୋଇଯାଇଛି। ସର୍ବ ପ୍ରଥମେ ଉଦଳା ୱାର୍ଡ ନଂ ୧ସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଏବଂ ଛାତ୍ରୀମାନେ ଉପସ୍ଥିତ ହୋଇ ପୂଜାର୍ଚ୍ଚନା ପୂର୍ବକ ଏକ ମଶାଲଯାତ୍ରାରେ ବାହାରିଥିଲେ। ସେଠାରେ ବସନ୍ତ କୁମାର ପରିଡା ମହାବିଦ୍ୟାଳୟର ପରିଚାଳନା କମିଟିର ପ୍ରଥମ ସଂପାଦକ ତଥା ଉଦଳାର ଜଣେ ବରିଷ୍ଠ ବ୍ୟକ୍ତି ନିମନ୍ତ୍ରିତ ଅତିଥି ରୂପେ ପତାକା ଉତ୍ତୋଳନ କରି ଛାତ୍ରୀମାନଙ୍କୁ କ୍ରୀଡାର ବିଶେଷତ୍ୱ ବିଷୟରେ ଅବଗତ କରାଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ପରିଚୟ ପ୍ରଦାନ କରୁଥିଲେ। ମୁଖ୍ୟ ଅତିଥି ରୂପେ ଉପସ୍ଥିତ ଥିବା ଉଦଳା ବିଜ୍ଞାପିତ ପରିଷଦର ଅଧ୍ୟକ୍ଷ ପ୍ରମିଳା ପଣ୍ଡା ପାଠ ସହିତ କ୍ରୀଡା ମଧ୍ୟ ଜଣେ ଛାତ୍ରୀଙ୍କୁ ଦେଶ ବିଦେଶରେ ସମ୍ମାନୀତ କରି ପାରିବ ବୋଲି ଛାତ୍ରୀର ମହତ୍ୱ ଛାତ୍ରୀଙ୍କ ଜୀବନରେ ରହିଛି ଏବଂ ପାଠ ସହିତ କ୍ରୀଡ଼ାକୁ ଧ୍ୟାନ ଦେବା ଉଚିତ ବୋଲି ନିଜର ବକ୍ତ୍ୟବ ରଖିଥିଲେ। ଏହି ସଭାରେ ସମସ୍ତ କୃତୀ ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି କ୍ରୀଡା ଉତ୍ସବକୁ କ୍ରୀଡ଼ା ଶିକ୍ଷୟିତ୍ରୀ ଗୁଞ୍ଜନା ଭୂୟାଁ ପରିଚାଳନା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ଦାସବାବୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବାସୁଲୀ ଡିଗ୍ରୀ ମହାବିଦ୍ୟାଳୟରେ ବାର୍ଷିକୋତ୍ସବ

ମହୁଲଡିହା,୩୧।୧୨(ସମିସ): ଠାକୁରମୁଣ୍ଡା ବ୍ଲକ୍ର ମା' ବାସୁଲୀ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟକ୍ଷ ଅଜୟ ବିଜୟ ନନ୍ଦ ଶର୍ମାଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ପଦ୍ମ ଚରଣ ହାଇବୁରୁ ଯୋଗଦେଇ ସତ୍‌ଶିକ୍ଷା, ଗୁରୁଜନଙ୍କୁ ସମ୍ମାନ, ସାନକୁ ଆଦର କରିବା ବିଦ୍ୟାର୍ଥୀଙ୍କୁ ମାର୍ଜିତ କରିବା ସହିତ ସମାଜରେ ଜଣେ ଭଲମଣିଷ ଗଢ଼ିତୋଳିବାର ସହାୟକ ହୋଇଥାଏ ବୋଲି କହିଥିଲେ। ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଶରତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ଅଶୋକ ସାହୁ ଯୋଗଦେଇ ଶିକ୍ଷାକୁ ଗୁରୁତ୍ୱ ଦେଇ ଛାତ୍ର ଛାତ୍ରୀ ନିରନ୍ତର ସାଧନ କଲେ ନିଶ୍ଚିତ ସଫଳତା ମିଳିବ ଓ ଜୀବନରେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ହେବ। କେବଳ ପାଠ ପଢି ସଫଳତା ପାଇବାକୁ ହେଲେ କଳା ସଂସ୍କୃତି ଓ ପରମ୍ପରାକୁ ମଧ୍ୟ ସମ୍ମାନ ଦେବା ଉଚିତ୍ ବୋଲି କହିଛନ୍ତି। ଛାତ୍ର ଛାତ୍ରୀ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ କ୍ରୀଡା ଓ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଓ କପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସାଂସ୍କୃତିକ ବିଭାଗରେ ଦେବଦତ୍ତ ପଲେଇ ଓ ଅନୁପମା ମହାନ୍ତ ଚାମ୍ପିଅନ ହୋଇଥିବା ବେଳେ କ୍ରୀଡ଼ା ବିଭାଗରେ ବିକ୍ରମ ହାଇବୁରୁ ଓ ଚାନ୍ଦିନୀ ସାମାଡ ଚାମ୍ପିଅନ ହୋଇଥିଲେ। ଅଧ୍ୟାପକ ଅନିଲ କୁମାର ପ୍ରଧାନ, ଅଧ୍ୟାପକ ଡଃ ମନୋରଞ୍ଜନ ଦ୍ୱିବେଦୀ,ଅଧ୍ୟାପକ ଗୋବର୍ଦ୍ଧନ ମହାନ୍ତ, ଅଧ୍ୟାପକ ଡଃ ପ୍ରକାଶ କୁମାର ତ୍ରିପାଠୀ, ଅଧ୍ୟାପକ ଡଃ ମାନସ କୁମାର ଜେନା ଓ କର୍ମଚାରୀ ଅଜୟ କୁମାର ନାୟକ କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।ଶେଷରେ ଅଧ୍ୟାପକ ଜୟନ୍ତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ରାଇରଙ୍ଗପୁର,୩୧।୧୨(ସମିସ):



ରାଇରଙ୍ଗପୁର ମହୁଲଡ଼ିହା ସ୍ଥିତ ଏସ୍ଏସ୍ଡି ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ଖେଳ ପଡ଼ିଆରେ ଆୟୋଜିତ ତିନି ଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ରାଇରଙ୍ଗପୁର ପୌରପାଳିକା ନଗରପାଳ ଅଭିଷେକ ପଟ୍ଟନାୟକ, ରାଇରଙ୍ଗପୁର ବ୍ଲକ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ହେମ୍ବ୍ରମ, ଜିଲ୍ଲା ପରିଷଦ ସଦସ୍ୟ ସଚ୍ଚିଦାନନ୍ଦ ମହାନ୍ତି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଲୋକନାଥ ମିଶ୍ର, ରାଇରଙ୍ଗପୁର ଜିଲ୍ଲା କୃଷି ଅଧିକାରୀ ରଶ୍ମିତା ମହାପାତ୍ର, ବହଳଦା ଜିଲ୍ଲା କୃଷି ଅଧିକାରୀ ଶ୍ରଦ୍ଧା ହୋତା, ସହକାରୀ ନିର୍ବାହୀ ଯନ୍ତ୍ରୀ ତରଣୀକାନ୍ତ ଦାସ, ବ୍ଲକ କୃଷି ଅଧିକାରୀ ଅଭିଜିତ ପ୍ରଧାନ, ସହକାରୀ କୃଷି ଅଧିକାରୀ ଧରିତ୍ରୀ ଟୁଡୁ ପ୍ରମୁଖ ଯୋଗେ ଥିଲେ। ପ୍ରଦୀପ ପ୍ରଜ୍?ଳନ କରି ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଅତିଥି ମାନେ ମେଳା ଷ୍ଟଲ ଗୁଡ଼ିକ ବୁଲି ଦେଖିଥିଲେ। ଡିସେମ୍ବର ୨୯ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଉକ୍ତ କୃଷି ଯନ୍ତ୍ରପାତି ମେଳା ଅନୁଷ୍ଠିତ ହୋଇଛି। ଉନ୍ନତ ଚାଷ କାର୍ଯ୍ୟ ନିମନ୍ତେ ଅତ୍ୟାଧୁନିକ କୃଷି ଯନ୍ତ୍ରପାତିର ଆବଶ୍ୟକତା ରହିଛି। ଯାହାର ଉକ୍ତ ମେଳା ଜରିଆ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ସରକାରୀ ଆର୍ଥିକ ସହାୟତା, କୃଷି ଓ ଆନୁସାଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିଭାଗ ପ୍ରଚାର ଓ ପ୍ରସାର, ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ କୃଷି ଯନ୍ତ୍ରପାତି ପାଇଁ ଋଣର ସୁଯୋଗ, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀ ମାନେ ଚାଷ କ୍ଷେତ୍ରରେ କିପରି ଉନ୍ନତି କରିପାରିବେ ସେନେଇ ଅତିଥି ମାନେ ମତପ୍ରକାଶ କରିଥିଲେ। ଅମଳ ତଥା ଅମଳ ବୃଦ୍ଧି ନିମନ୍ତେ ଉନ୍ନତ ଯାନ୍ତ୍ରିକକରଣ ବ୍ୟବସ୍ଥା ତଥା ଏଥିରେ ଚାଷୀ ମାନଙ୍କ ଭୂମିକା ସଂପର୍କରେ ଆଲୋଚନା କରିଥିଲେ। କୃଷିରେ ଉନ୍ନତ ଯାନ୍ତ୍ରିକୀକରଣ ଯୋଗୁ ଆଜିର ସମୟରେ ଉତ୍ପାଦନ ବଢିବା ଓ ଅମୃତ ଦେଶର ଖାଦ୍ୟ ବ୍ୟବସ୍ଥାକୁ ସୁଦୃଢ କରିବାକୁ ସହାୟକ ହେବ ବୋଲି ଚାଷୀ ମାନଙ୍କୁ ବିଭିନ୍ନ ଦିଗରୁ ଉଦାହରଣ ଦେଇ ବୁଝାଇଥିଲେ। ଚାଷୀ ମାନେ କିପରି ଏହାର ସୁବିଧା ନେଇପାରିବେ ସେ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅଗ୍ରଣୀ କୃଷକ ମାନଙ୍କୁ ପୁରସ୍କାର ଓ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଥିଲା। ଷ୍ଟଲ ଦୋକାନୀ ଓ ଡିଲର ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଭିଏଡବ୍ଲୁ ରାଜ କୁମାର ମହାନ୍ତ, ଏଓ ନିଶିକାନ୍ତ ଧଳ, ଉତ୍ତମ କୁମାର ଗିରି, ମଳୟ କୁମାର ଗିରି, ଅନୀଲ କୁମାର ବିନ୍ଧାଣି, ସୁବାସ ଚନ୍ଦ୍ର ପାତ୍ର, ବୁଦ୍ଧଦେବ ଧଳ, ଦିଲ୍ଲୀପ କୁମାର ଦତ୍ତ, ପରମେଶ୍ୱର ମାଝୀ, ସୁଗୁଧା ମାଝୀ, ଶୈଳେଶ ପ୍ରଧାନ, ଅନିପା ସୋରେନ ସମେତ କୃଷକ ସାଥି ମାନେ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଟମକା ରେଞ୍ଜ ଅଞ୍ଚଳରେ ବୁଲୁଛି ଗୋଠଛଡ଼ା ହାତୀ

**ଦାନଗଦି,୩୧।୧୨(ସମିସ):** ଦାନଗଦି ବ୍ଲକ ଟମକା ରେଞ୍ଜ ଅଧୀନର ବିଭିନ୍ନ ସ୍ଥାନରେ ଗୋଟିଏ ଦନ୍ତା ହାତୀ ଦୁଇଦିନ ହେଲା ଗୋଠ ଛାଡ଼ି ପଳାଇଆସି ଘୁରି ବୁଲୁଛି। ଢେଙ୍କାନାଳ ଜିଲ୍ଲାରୁ ହାତୀଟି ହାତୀ ପଲରୁ ଖସି ପଳାଇ ଆସିଥିବା ଅନୁମାନ କରାଯାଉଛି। ତେବେ କାହାର କିଛି କ୍ଷୟ କ୍ଷତି କରି ନଥିବା ଜଣାପଡିଛି।



ଖବର ପାଇ ବନବିଭାଗ ଅଧିକାରୀ ଓ କର୍ମଚାରୀମାନେ ହାତୀଟିର ଗତିବିଧିକୁ ନଜର ରଖିଛନ୍ତି। ଦୁଇଦିନ ହେଲା ହାତିଟି ଦାନଗଦୀ ବ୍ଲକର ବାଙ୍ଗରକୋଟା, ଓସ୍ତପାଳ, ଗୋବର୍ଦ୍ଧନପୁର, ଶାଳିଜଙ୍ଗା ପଞ୍ଚାୟତ ଦେଇ ଟମକା ଡୁବୁରୀ ରାଜରାସ୍ତାରେ ବୁଲୁଛି। ଟମକା ଫରେଷ୍ଟର ମାଣିକମୁଣ୍ଡା, ଶୁଭେନ୍ଦୁ ପାଢ଼ୀଙ୍କ ସହିତ ସମସ୍ତ କର୍ମଚାରୀମାନେ ହାତୀଟିର ପିଛା କରୁଛନ୍ତି। ହାତୀକୁ ଦେଖିବା ପାଇଁ ଶତାଧିକ ଜନସାଧାରଣ ଭିଡ଼ ଜମାଇଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ହାତିଟି ଆଜି ସନ୍ଧ୍ୟାରେ ଦୁର୍ଗାପୁର ନିକଟରେ ବୁଲୁଥିବା ଟମକା ବନାଞ୍ଚଳ ଅଧିକାରୀ ମାଣିକ ମୁଣ୍ଡା କହିଛନ୍ତି।

## ଅମଳ ଧାନକୁ ଉଜାଡ଼ି ଦେଲା ହାତୀ

**ବଡ଼ଚଣା,୩୧।୧୨(ସମିସ):** ବଡ଼ଚଣା ବ୍ଲକ ତଥା ଚଣ୍ଡିତଳ ପଞ୍ଚାୟତ ଅନ୍ତର୍ଗତ ଚାଉଳଥଳି ଗ୍ରାମର ଭାଗଚାଷୀ ରାଧାନାଥ ବେହେରା ବହୁ କଷ୍ଟରେ ଅମଳ କରି ନିଜ ଖଳାରେ ରଖିଥିବା ଧାନ ବସ୍ତା ସବୁକୁ ଗତକାଲି ରାତିରେ ଏକ ହାତୀ ତାଙ୍କ ଖଳା ଭିତରେ ପଶି ନଷ୍ଟ କରିଦେଇଛି। ତେବେ ବିଳମ୍ବିତ ରାତିରେ ବଣୁଆ ହାତୀର ଏହି ଉପଦ୍ରବ ଦେଖି ରାଧାନାଥ ଭୟଭୀତ ହୋଇ ବାହାରକୁ ଆସି ପାରିନଥିଲା। ହାତୀଟି ଧାନବସ୍ତା ସବୁକୁ ଏଣେତେଣେ ଫୋପାଡ଼ି ଛୁ' ମାରିଥିଲା। ସୂଚନା ମୁତାବକ ରାଧାନାଥଙ୍କର ଆଦୌ ଜମିବାଡ଼ି ନାହିଁ। ସେ ଅନ୍ୟ



ଲୋକଙ୍କ ବିଲକୁ ଭାଗରେ ଆଣି ବହୁ କଷ୍ଟରେ ଧାନ ଚାଷ କରି ପରିବାର ଚଳାଇଥାଏ। ତେବେ ହାତୀ ତାଙ୍କ ଧାନସବୁକୁ ନଷ୍ଟ କରି ଦେଇଥିବାରୁ ରାଧାନାଥ ଏବେ ଦୁଃଖରେ ଭାଙ୍ଗି ପଡିଛି। ଭାଗଚାଷୀ ଶ୍ରୀ ବେହେରାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରାଯାଇଛି।

# ବାଲି ଘାଟ ସଂଯୋଗ ରାସ୍ତାକୁ ବନ୍ଦ କଲା ପ୍ରଶାସନ

**ଧର୍ମଶାଳା,୩୧।୧୨(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ କେଲୁଅ ନଦୀର ନୂଆସାହି ଏବଂ ଗୋପନଗର ଗ୍ରାମ ନିକଟରେ ବେଆଇନ୍ ଘାଟରୁ ବାଲିଚାଲାଣ ପାଇଁ କରାଯାଇଥିବା ରାସ୍ତାକୁ କାଏମା ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତିରେ ଆଜି ଖୋଳାଯାଇ ରାସ୍ତାକୁ ବନ୍ଦ କରିଦିଆଯାଇଛି। ସୋମବାର ଅପରାହ୍ନ ସମୟରେ ଏହି ରାସ୍ତାଟିକୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜେସିବି ଲଗାଇ ଖୋଲୁଥିବା ବେଳେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। କିଛି ବାଲି ଚାଲାଣକାରୀମାନେ ସେଠାରେ ପହଞ୍ଚି ଗଣ୍ଡଗୋଳ କରିବା ସହ ଖୋଲୁଥିବା ଜେସିବିକୁ ଟେକାପଥର ମାଡ଼ କରି କାର୍ଯ୍ୟ ବନ୍ଦ କରିଥିଲେ। ଆଜି କାଏମା ରାଜସ୍ୱ



ନିରୀକ୍ଷକ ମାନସ ବେଜଙ୍କ ଉପସ୍ଥିତିରେ ସ୍ଥାନୀୟ ଯୁବକଙ୍କ ସହଯୋଗରେ ଜେସିବି ମେସିନ ସାହାଯ୍ୟରେ ରାସ୍ତାକୁ ଖୋଳି ଦିଆଯାଇଛି। ଫଳରେ ଉକ୍ତ ରାସ୍ତା ଦେଇ ଘାଟରୁ ଆଉ ବାଲିଚାଲାଣ ହୋଇପାରିବ ନାହିଁ। ଗତକାଲି ସ୍ଥାନୀୟ ଅଞ୍ଚଳର କେତେକ ଯୁବକ ଜେସିବି ଲଗାଇ ରାସ୍ତାକୁ ବାଲି ଘାଟକୁ ସଂଯୋଗ କରୁଥିବା ରାସ୍ତାକୁ ଖୋଳିବାକୁ ଚେଷ୍ଟା କରୁଥିବା ବେଳେ ବାଲି ଚାଲାଣକାରୀମାନେ ସେଠାରେ ପହଞ୍ଚି ହୋହଲ୍ଲା କରିଥିଲେ। ତେବେ ଏହା ଏକ ବେଆଇନ ବାଲିଘାଟ ହୋଇଥିବା ବେଳେ ଅଭିଯୋଗ ପାଇ ରାଜସ୍ୱନିରୀକ୍ଷକ ଆଜି ତଦନ୍ତ କରି ଉକ୍ତ ବାଲିଘାଟକୁ ବନ୍ଦ କରିବା ପାଇଁ ରାସ୍ତାକୁ ଖୋଳିଦେଇଛନ୍ତି ବୋଲି କହିଛନ୍ତି।

## ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ

**ବରୀ,୩୧।୧୨(ସମିସ):** ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବାଲ୍ୟ ବିବାହମୁକ୍ତ ଭାରତ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ନିରୋଦ କୁମାର ଜେନା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଆଲୋଚନାଚକ୍ରରେ ବକ୍ତା ଭାବରେ ଓଡ଼ିଆ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପ୍ରଗତି ଦାସ, ଅଧ୍ୟାପିକା ଶୃତି ପଟ୍ଟନାଏକ୍, ଅର୍ଥନୀତି ବିଭାଗର ଅଧ୍ୟାପିକା ରଶ୍ମିତା ସାହୁ, ଶିକ୍ଷା ବିଭାଗର ଅଧ୍ୟାପିକା ଶୁଭଶ୍ରୀ ଦାସ, ସଂସ୍କୃତ ବିଭାଗର ଅଧ୍ୟାପିକା ଭକ୍ତିଲତା ସୁତାର ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଗଣ, ଅନୁଷ୍ଠାନର ମୁଖ୍ୟ କିରାଣୀ ସରୋଜକାନ୍ତ ଜେନା ଓ କର୍ମଚାରୀ ସୁରେଶ ଚନ୍ଦ୍ର ରଥ, ପଦ୍ମନ ଜେନା ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ପ୍ରଦୀପ କୁମାର ମୁଦୁଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଂହପୁରରେ ଏପିପିଏଲ୍ କପ୍

**ସିଂହପୁର,୩୧।୧୨(ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାର ନିକଟ ପଡ଼ିଆରେ ଏପିପିଏଲ୍ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫିଉଚର୍ ଇଲେଭେନ୍, ଇଲାଇଟି ସିଂହପୁର ସୁପର, ଚନ୍ଦନପୁର ଚନ୍ଦନେଶ୍ୱର ଟିମ୍, ଚୋଟୁ ଇଲେଭେନ କ୍ରିକେଟ ଟିମ୍ ଅଂଶଗ୍ରହଣ କରିଛନ୍ତି। ସାମ୍ବାଦିକ ଅନିରୁଦ୍ଧ ବେଉରିଆ ଖେଳକୁ ଉଦ୍‌ଘାଟନ କରିଥିଲେ। ଜାନୁଆରୀ ୧ ତାରିଖ ଖେଳ ଉଦଯାପିତ ହେବ ବୋଲି ଆୟୋଜକ ଟିମ୍ ପକ୍ଷରୁ ସୂଚନା ଦିଆଯାଇଛି।

● ଯାଜପୁର ରୋଡ୍ - ଧାମରା ରେଳପଥ

## ରେଳବିଭାଗ ନିଜ ଦାୟିତ୍ୱରେ କରିବାକୁ ଦାବି

**ଯାଜପୁର,୩୧।୧୨(ସମିସ):** ଯାଜପୁର ରୋଡ୍ ଧାମରା ରେଳପଥ ସଂଗ୍ରାମ ପରିଷଦ ପକ୍ଷରୁ ଏହି ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବାରୁ ଯାଜପୁର ରୋଡ୍, ଯାଜପୁର ଟାଉନ, ଦଶରଥପୁର ଏବଂ ଭଦ୍ରକ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଉଲ୍ଲାସ ଖେଳିଯାଇଛି। ପୂର୍ବତନ ରାଜ୍ୟସଭା ସାଂସଦ ତଥା ସଂଗ୍ରାମ ପରିଷଦର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ସନ୍ତୋଷ କୁମାର ନନ୍ଦ, ମନୋଜ କୁମାର ରାଉତ, ମାଗୁଣି ଜେନା, ପଦ୍ମାକର ଗୁରୁ, ହୃଷୀକେଶ ପତି, ତପନ ମହାରଣ୍ୟ, ଡ. ରାଜକିଶୋର ପଣ୍ଡା, ଭାସ୍କର ମହାନ୍ତି, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ଆଇନଜୀବୀ ଗୋଲକ ଚନ୍ଦ୍ର ପଣ୍ଡା, ଆଇନଜୀବୀ ଗୋବିନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ କଂଗ୍ରେସ ନେତା ନାରାୟଣ ସାମନ୍ତ, ବିଭୂତି ମହାପାତ୍ର, ଆରତୀ ଦେଓ, ଆରତୀ ସ୍ୱାଇଁ, ଚନ୍ଦ୍ରଶେଖର ସାହୁ, ଭରତ ପରିଡ଼ା, ଦେବେନ୍ଦ୍ର ପଣ୍ଡା, ଶ୍ୟାମସୁନ୍ଦର କର, କନକଲତା ମଲ୍ଲିକ, ଆଲୋକ ବେହେରା, ଉତ୍କଳ ପାଣିଗ୍ରାହୀ, କନକଲତା ରାଉତ, କଳ୍ପନା ପଣ୍ଡା, ଦୁର୍ଯ୍ୟୋଧନ ବେହେରା, ସ୍ୱପ୍ନା ବେହେରା, ଆଦିତ୍ୟ ମହାନ୍ତି, ଦିଲ୍ଲୀପ ଦାଶ, ସଂଗ୍ରାମ ସାହାଣୀ, ମିହିର ମିଶ୍ର, ଜିତେନ୍ଦ୍ର ପଣ୍ଡା, ସଂଗ୍ରାମ ଜେନା, ପ୍ରମିଳା ସାହୁ ପ୍ରମୁଖ ସଂଗ୍ରାମ ପରିଷଦର ସମସ୍ତ ସଭ୍ୟସଭ୍ୟା ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି। ଉକ୍ତ ରେଳ ପ୍ରକଳ୍ପକୁ ପିପିପି ମୋଡ୍‌ରେ ବଦଳରେ ରେଳବିଭାଗ ନିଜସ୍ୱ ଦାୟିତ୍ୱରେ ସ୍ୱତନ୍ତ୍ର ମାନ୍ୟତା ଦେଇ ତୁରନ୍ତ କାର୍ଯ୍ୟାରମ୍ଭ କରାଯିବା ପାଇଁ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, ଓଡିଶାର ମୁଖ୍ୟମନ୍ତ୍ରୀଙ୍କୁ ଡ. ଖୁଣ୍ଟିଆ ଅନୁରୋଧ କରିଛନ୍ତି।

## ଅଟୋ ସହ ୪ଗୋରୁ ଜବତ

**ପାଣିକୋଇଲି,୩୧।୧୨(ସମିସ):** ପାଣିକୋଇଲି ଥାନା ଅର୍ନ୍ତଗତ ହାଟସାହି ବଡବରୁହାଁ ରାସ୍ତାର ଗ୍ୟାସ ଡିଷ୍ଟ୍ରିବ୍ୟୁଟର ନିକଟରେ ଏକ ଅଟୋରେ ପାଲ ଘୋଡାଯାଇ ବେଆଇନ ଗୋ ଚାଲାଣ ହେଉଥିବା ବେଳେ ସ୍ଥାନୀୟ ଲୋକମାନେ ଏହାକୁ ଅଟକାଇ ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳୁ ଚାଳକ ଓ ବେପାରୀ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳେ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବବ୍ରତ ମହାନ୍ତି ପହଞ୍ଚି ଅଟୋକୁ ଥାନାକୁ ଆଣିଥିଲେ। ଅଟୋ ମଧ୍ୟରେ ୪ଟି ଗୋରୁଙ୍କୁ ଜବତ କରାଯାଇ ତଦନ୍ତ ଚାଲୁରହିଛି।

## ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ସୁକିନ୍ଦା,୩୧।୧୨(ସମିସ):** ସୁକିନ୍ଦା ହାତୀବାରି ରାସ୍ତାର ଖରଡ଼ି ଛକ ନିକଟରେ ଏକ ଅଜଣା ଗାଡ଼ି ଦୁର୍ଘଟଣାରେ ବାଇକଉ ଆରୋହିର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବରଡ଼ି ଗ୍ରାମର ଦିଲ୍ଲୀପ କୁମାର ଧୀରଙ୍କ ପୁଅ ରାକେଶରୋସନ ଧିର(୨୬) ଓରଫ (ଶିକୁ) ବୁଧବାର ଅପରାହ୍ନରେ ଖରଡ଼ି ଛକରେ ଥିବା ନିଜ ମୋବାଇଲ ଦୋକାନକୁ ଯାଉଥିବା ସମୟରେ ଏକ ଦ୍ରୁତଗାମୀ ବାଇକ୍ ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଏହି ଦୁର୍ଘଟଣାରେ ରାକେଶ ଚେତାଶୂନ୍ୟ ଅବସ୍ଥାରେ ରାସ୍ତାରେ ପଡ଼ିରହିଥିଲା। ସୂଚନା ପାଇ ସୁକିନ୍ଦା ପୁଲିସ ଶିକୁକୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିକୁକୁ ମୃତ ଘୋଷଣା କରିଥିଲେ। ଆସନ୍ତାକାଲି ମୃତଦେହ ବ୍ୟବଚ୍ଛେଦ କରାଯିବ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ଖାଦ୍ୟ ମେଳା

**ଯାଜପୁର,୩୧।୧୨(ସମିସ):** ଯାଜପୁର ଯୋଡିକୂଅ ଠାରେ ଥିବା ଇନ୍ଦିରାଗାନ୍ଧୀ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ଯାଜପୁର ବିଧାୟିକା ସୁଜାତା ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏହି ମେଳା ଆୟୋଜନ ଫଳରେ ହୋଟେଲ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀଙ୍କ ବିକାଶ ହୋଇପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, କାଉନସିଲର ମାନଗୋବିନ୍ଦ ପତି, ସୁବାସିତ ରାଉତ, ବିଜେଡି ଜିଲ୍ଲା ସଭାପତି ସରୋଜ ମହାପାତ୍ର ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଖାଦ୍ୟ ମେଳାରେ ଓଡିଆ, ପଞ୍ଜାବୀ, ସାଉଥ ଇଣ୍ଡିଆନ ସମେତ ବିଭିନ୍ନ ଖାଦ୍ୟ ପରିବେଷଣ କରାଯାଇଥିଲା। ଏହି ମେଳା ଦେଖିବାକୁ ଜିଲ୍ଲାର ବହୁ ଦର୍ଶକ ଆସି ବିଭିନ୍ନ ଖାଦ୍ୟର ମଜା ଉଠାଇଥିଲେ। ହୋଟେଲ ମ୍ୟାନେଜମେଣ୍ଟର ଅଧ୍ୟକ୍ଷା ଜ୍ୟୋତ୍ସ୍ନା ଜେନା, ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ସେଠୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳା ଆୟୋଜନରେ



ଅଧ୍ୟକ୍ଷ ସୌମ୍ୟରଞ୍ଜନ ପତି, ଅବିନାଶ ସେଠୀ, ଅଜୟ ପାଣି, ନିରୁପମା ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଯୋଗଦେଇଥିବା ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗାଡ଼ି ଚକା ବଦଳାଉଥିବା ବେଳେ ଦୁର୍ଘଟଣାରେ ଚାଳକ ମୃତ

**ପାଣିକୋଇଲି,୩୧।୧୨(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୮ ନମ୍ବର ଜାତୀୟ ରାଜପଥର ଟିକର ନିକଟରେ ଗାଡି ଚକା ବଦଳାଉଥିବା ବେଳେ ଏକ ଅଜଣାଗାଡି ଧକ୍କାରେ ଚାଳକର ମୃତ୍ୟୁ ଘଟିଛି। ପ୍ରକାଶଯେ କେନ୍ଦୁଝରରୁ ଭୁବନେଶ୍ୱର ଅଭିମୁଖେ ଅଭିମୁଖେ ଯାଉଥିବା ଏକ ବୋଲେରୋ (ଓଡି୦୧ବି ୮୧୩୦) ଚକା ପଞ୍ଚର ହୋଇଥିଲା। ଚାଳକ ଗାଡ଼ି ଅଟକାଇ ଚକା ବଦଳାଉଥିବା ବେଳେ ପଛରୁ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ତାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟାଳୟକୁ ପଠାଇଥିଲା। ଚାଳକ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ବଇଲୋ ଗ୍ରାମର ମଙ୍ଗୁଳି ସାହୁଙ୍କ ପୁଅ ବିଜୟ କୁମାର ସାହୁ ଜଣାପଡିଛି। ପାଣିକୋଇଲି ପୁଲିସ ଏକ ମାମଲା ୪୧୮/୨୫ ରୁଜୁ କରି ଯାଜପୁର ମେଡିକାଲରେ ପହଞ୍ଚି ତଦନ୍ତାଧିକାରୀ ଶରତ ଚନ୍ଦ୍ର ବେହେରା ଶବ ବ୍ୟବଚ୍ଛେଦ କରି କରି ପରିବାରକୁ ହସ୍ତାନ୍ତର କରିଛି।

## ଘର ସାମ୍ନାରୁ ବାଇକ୍ ଚୋରି

**ଧର୍ମଶାଳା,୩୧।୧୨(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା ଶାନ୍ତିବଜାର ନିକଟରେ ରହୁଥିବା ଦେବେନ୍ଦ୍ର ରାଉତଙ୍କ ବାଇକ୍‌କୁ ଗତକାଲି ସନ୍ଧ୍ୟାରେ କେହି ଦୁର୍ବୃତ୍ତ ଘର ସାମ୍ନାରୁ ଚୋରି କରିନେଇଯାଇଛି। ଏନେଇ ଦେବେନ୍ଦ୍ର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୭୭୭/୨୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ମୁତାବକ ଶାନ୍ତିବଜାର ନିକଟରେ ରହୁଥିବା ଦେବେନ୍ଦ୍ର ଗତକାଲି ଅପରାହ୍ନ ୫ଟା ସମୟରେ ନିଜର ଓଡି-୦୫-ଏନ-୬୫୨୦ ନମ୍ବର ବାଇକ୍‌କୁ ଘର ସାମ୍ନାରେ ଘୋଡ଼ାଇ ରଖିଥିଲେ। ହେଲେ ରାତି ପ୍ରାୟ ସାଢ଼େ ସାତଟାରେ ବେଳକୁ ସେଠାରେ ବାଇକ୍ ନଥିବା ସେ ଦେଖିଥିଲେ। କେହି ଦୁର୍ବୃତ୍ତ ତାଙ୍କ ବାଇକ୍‌କୁ ଚୋରି କରିନେଇଯାଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଧର୍ମଶାଳା ପୁଲିସ ଏହି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ରମାକାନ୍ତ ନାୟାକ ସୂଚନା ଦେଇଛନ୍ତି।









# ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି

**ଝାରବନ୍ଧ, ୩୧।୧୨(ସମିସ):** ପଞ୍ଚାୟତ ସମିତି ଡିଗ୍ରୀ କଲେଜ ଏନଏସଏସ ୟୁନିଟ ଏବଂ ମାରୱାଡ଼ି ଯୁବା ମଞ୍ଚ ଝାରବନ୍ଧର ମିଳିତ ଆନୁକୂଲ୍ୟରେ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ କ୍ରିଷ୍ଣା ବିକାଶ ହସ୍ପିଟାଲ ବରଗଡ଼ର ସହଯୋଗରେ ମାଗଣା ସ୍ୱାସ୍ଥ୍ୟ ଶିବିର ଆସନ୍ତା ଜାନୁଆରୀ ୮ ତାରିଖ ଅନୁଷ୍ଠିତ ହେବ । ଏଥିପାଇଁ ଝାରବନ୍ଧ ଡିଗ୍ରୀ କଲେଜ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଉତ୍କଳ ପ୍ରାଦେଶିକ ମାରୱାଡ଼ି ସମ୍ମିଳନୀ ଝାରବନ୍ଧ ଶାଖାର ସଭାପତି ନନ୍ଦକିଶୋର ଅଗ୍ରୱାଲ, ଜର୍ଣ୍ଣାଲିଷ୍ଟ ଆସୋସିଏସନ ଝାରବନ୍ଧର ସଭାପତି ସାମ୍ବାଦିକ ମୋତିଲାଲ ବାଗ, ଅଧ୍ୟାପକ ସାର୍ତ୍ତିକ ସାହୁ, ନବୀନ ମେହେର, ସାମ୍ବାଦିକ କୁଞ୍ଜବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅଧ୍ୟାପକ ଡ. ଖ୍ୟାତିମୟ ତ୍ରିପାଠୀ, ଅଧ୍ୟାପିକା ରଶ୍ମି ମହାଲିଙ୍ଗ, ରିତାଞ୍ଜଳୀ ଗୁରୁ, ମିନପ୍ରଭା ପ୍ରଧାନ, ଅଧ୍ୟାପକ ମୁକେଶ ବାଗ, ଅଧ୍ୟାପକ ଚନ୍ଦ୍ରମଣି ବାଗ, କୁନି ସାହା, ଅଶୋକ ହାତୀ, ବଲ୍ଲଭ ମିର୍ଦ୍ଧା, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମିଣୀ ସାହୁ, ମଦନ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଏହି ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ମେଡିସିନ ବିଭାଗ ଡାକ୍ତର ସୌରଭ ରାଠି, ଡାକ୍ତର ଡିଲୀନ ସାଇବାମ, ଡାକ୍ତର ଯଶବନ୍ତ ଧନବଲ, ଡାକ୍ତର ଅଙ୍କିତା ସାହୁ, ଡାକ୍ତର ଲିଜା ବିଶ୍ୱାଳ, ଡାକ୍ତର ଡାକ୍ତର ଅମନ ଦାଶ ପ୍ରମୁଖ ଯୋଗ ଦେବାର ସୂଚନା ରହିଛି ।

# ନୃସିଂହନାଥରେ ଶାମ୍ବ ଦଶମୀ ପୂଜା

**ପାଇକମାଲ, ୩୧।୧୨(ସମିସ):** ଶ୍ରୀଶ୍ରୀ ନୃସିଂହନାଥ ସ୍ଥିତ ବଡ ଦେଓ ମଣ୍ଡପ ଠାରେ ବାର୍ଷିକ ଶାମ୍ବ ଦଶମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ବଡ ଦେଓ ମଣ୍ଡପରୁ ପଞ୍ଚ ବାଦ୍ୟ ସହ ଘଣ୍ଟ, ଶଙ୍ଖ, ହୁଳହୁଳି ବଡ ଦେଓଙ୍କ ଜୟ ଧ୍ୱନିରେ ଖଣ୍ଡା ଧରି ନୃସିଂହନାଥ ଝରଣାକୁ ଯାଇ ଖଣ୍ଡା ଧୋଇ ୨୧ଟି କଳସ ପୂର୍ଣ୍ଣ କରି ଖଣ୍ଡା ସ୍ଥାପନ କରି ପୂଜା ହୋଇଥିଲା । ପୂଝାରୀ ଆନନ୍ଦ ଧରୁଆ ପୂଜାକାର୍ଯ୍ୟ ତୁଲାଇ ଥିଲେ । ଏଥିରେ ଝାରବନ୍ଧ, ପଦ୍ମପୁର, ପାଇକମାଳ ବ୍ଲକରେ ଥିବା ଗୋଣ୍ଡ ସମାଜ କର୍ମକର୍ତ୍ତା ଯୋଗ ଦେଇଥିଲେ । ମଣ୍ଡପ ସଭାପତି ଗଜରାଜ ସିଂ ପୁଟା, ଚିତ୍ତରଞ୍ଜନ ପୋରେ, ଶୋଭାରାମ ଧରୁଆ, ଜଗଦେବ ଧରୁଆ, ତ୍ରିନାଥ ଧରୁଆ, ଅମୃତ ଧରୁଆ, ଜୟ ସିଂଦାଉ, ଲକ୍ଷ୍ମୀଚନ ସିଦାର, ସତାର ମାଝୀ, ଲୋକନାଥ ଧରୁଆ, ଦୁର୍ଯ୍ୟୋଧନ ପୁଟା, ଧନୁ ମାଝୀ, ଶୁଭାଧର ମାଝୀ, ଗୌରସେନ ଧରୁଆ, ପବିତ୍ର ସିଦାର, ଅଜୟ ଧରୁଆ, ରାମେଶ୍ୱର ସିଦାର ବିରାଲାଲ ଧରୁଆ, ଶ୍ୟାମ ଧରୁଆ, ଖଗେଶ୍ୱର ଧରୁଆ, ହରିହର ଧରୁଆ, ଦିଲ୍ଲୀପ ଧରୁଆ, ସନ୍ତୋଷ ପୂଝାରୀ, ଚଇତୁ ଧରୁଆ, ପିରବାଇ ସିଦାର, ଶୁକମତି ଧରୁଆ, କୁନ୍ତଳା ଧରୁଆଙ୍କ ସମେତ ବହୁ ସମାଜର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ ।

# ସୋଢ଼ାପାଲି କ୍ରିକେଟ୍ ପ୍ରିମିୟର ଲିଗ୍

**ଅତାବିରା, ୩୧।୧୨(ସମିସ):** ଅତାବିରା ବ୍ଲକ ସୋଢ଼ାପାଲି ଗାଁରେ ଗତ ୧୪ ତାରିଖରୁ ଚାଲିଥିବା କ୍ରିକେଟ୍ ପ୍ରିମିୟମ ଲିଗ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ୭ଟି ଦଳ ଭାଗ ନେଇଥିଲେ । ଫାଇନାଲରେ ସାୟାରା ୧୧ ଏବଂ ୟଙ୍ଗ କମାଣ୍ଡୋ ୧୧ମଧ୍ୟରେ ମ୍ୟାଚ୍ ହୋଇଥିଲା । ଏଥିରେ ସାୟାରା ୧୧ ଦଳ ୧୧୨ ରନରେ ବିଜୟୀ ହେଇଥିଲା । ମ୍ୟାନ୍ ଅଫ ଦ ମ୍ୟାଚ୍ ଶୁଭାଶିଷ ସାହୁ ଏବଂ ମ୍ୟାନ୍ ଅଫ ଦ ସିରିଜ ବୁଲୁ ମହାପାତ୍ର ହୋଇଥିଲେ । ଦେବେନ୍ଦ୍ର ସାହୁ, ଦୀନବନ୍ଧୁ ଖମାରୀ, ମନୋଜ ପ୍ରଦାନ, ରମାକାନ୍ତ ପ୍ରଧାନ, ରାଜାରାମ ସାହୁ ଖେଳ ପରିଚାଳନା କରୁଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ କୁଶକୁମ୍ଭାର, ସମ୍ମାନିତ ଅତିଥି ଭାବେ ଜଙ୍ଗେଡ ସରପଞ୍ଚ ଭାଗବତିଆ ସିଂହ, କାର୍ତ୍ତିକ ମହାରଣା ଯୋଗ ଦେଇଥିଲେ । ପ୍ରସନ୍ନ ଭୋଇ ମଞ୍ଚ ପରିଚାଳନା କରିଥିଲେ । ଲମ୍ବୋଦର ପ୍ରଧାନ, ଛଲୁ ବୁଡେକ୍, ଅଶୋକ ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ସ୍ନାତକ ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

**ପାଇକମାଲ, ୩୧।୧୨ (ସମିସ):** ପାଇକମାଲ ବ୍ଲକ ମାଣ୍ଡୋସିଲ ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ବିନୟରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ କୃଷ୍ଣଚନ୍ଦ୍ର ଦେବତା, ମୁଖ୍ୟ ବକ୍ତା ସନ୍ତୋଷ ସିଂ ଠାକୁର, ଏନଏସଏସ ଅଧିକାରୀ ସୁମିତାବ ନାୟକ ନାରୀ ସୁରକ୍ଷା ଉପରେ ମତ ରଖିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟାପକ ପୁଷ୍ପକାନ୍ତ ସାହୁ, ଦେବକାନ୍ତ ନାୟକ, ଅମରେଶ ଠାକୁର, ଅଧ୍ୟାପିକା ସସ୍ମିତା ସରିଆ, ରୋହିତ ପ୍ରଧାନ, ଗୁରୁପ୍ରସାଦ ବଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଅଧ୍ୟାପିକା ବବିତା ମଲ୍ଲିକ ଧନ୍ୟବାଦ ଦେଇଥିଲେ ।










# ତବଲା ବାଦକ କୀର୍ତ୍ତନ ଗୁରୁ ଲକ୍ଷ୍ମୀ ମହନ୍ତଙ୍କ ପରଲୋକ

**ବରପାଲି, ୩୧।୧୨(ସମିସ):** ବରପାଲିର ବିଶିଷ୍ଟ କଳାକାର, ତବଲା ବାଦକ, ଗାୟକ ଓ ସଙ୍କୀର୍ତ୍ତନ ଗୁରୁ ଲକ୍ଷ୍ମୀପ୍ରସାଦ ମହନ୍ତଙ୍କ ହୃଦଘାତରେ ପରଲୋକ ଘଟିଛି । ଖବର ପ୍ରସାରିତ ହେଲାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ଶେଷ ଦର୍ଶନ ପାଇଁ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାର ଓ ବିଶିଷ୍ଟ ବ୍ୟକ୍ତି ମାନେ ପହଞ୍ଚି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ତିମ ସମୟରେ ପରିବାର ଲୋକଙ୍କ ସହ ତିନି ଭାଇ, ନବ କିଶୋର, ରାଜ କିଶୋର, ବ୍ରଜ କିଶୋର ଓ ଭଉଣୀ ଗୀତା ଉପସ୍ଥିତ ଥିଲେ । ପୁତ୍ର ସଚିନ ମହନ୍ତ ତାଙ୍କୁ ମୁଖାଗ୍ନି ଦେଇଥିଲେ ।






















































## ଭଦ୍ରକ ଏସ୍‌ପିଙ୍କ କଡ଼ା ପଦକ୍ଷେପ
# ଅଫିସକୁ ଫୁଲତୋଡ଼ା ଓ ଡାଏରୀ ମନା

**ଭଦ୍ରକ,୩୧ା୧୨(ସମିସ):** ଗୁରୁବାର ନୂଆବର୍ଷ। ବୁଧବାର ଇଂରାଜୀ ନୂତନ ବର୍ଷ ପାଇଁ ଭଦ୍ରକ ପୁଲିସ୍ ନୂଆ କଡ଼ା ପଦକ୍ଷେପ ଗ୍ରହଣ କରିଛି। ଏସ୍‌ପି ଅଫିସକୁ ଫୁଲତୋଡ଼ା ଓ ଡାଏରୀ ନେଇଆସିବା ପାଇଁ ମନା କରାଯାଇଛି। ପୁଲିସ୍ ଅଧିକାରୀ କିମ୍ବା କୌଣସି ବ୍ୟକ୍ତି ଫୁଲ ଓ ଡାଏରୀ ଆଣିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆରକ୍ଷୀ ଅଧୀକ୍ଷକଙ୍କ ଅଫିସ୍ କାନ୍ଥରେ ଏ ନେଇ ତାଗିଦ୍ ପୋଷ୍ଟର୍ ଲଗାଯାଇଛି। ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ କଡ଼ା ନୋଟିସ୍ ଜାରି କରାଯାଇଛି। ସେପଟେ ନୂଆବର୍ଷରେ ଶୁଭେଚ୍ଛା ଜଣାଇବା ପାଇଁ କାର୍ଯ୍ୟାଳୟକୁ କେହି ନ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସମସ୍ତଙ୍କୁ ନିବେଦନ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ନୂଆବର୍ଷର




ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଦିନଟି ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ ମୋର କାର୍ଯ୍ୟାଳୟ ଅନ୍ୟ ସାଧାରଣ ଦିବସ ଭଳି କାର୍ଯ୍ୟ କରିବ। ତେଣୁ ନୂଆବର୍ଷ ଶୁଭେଚ୍ଛା ଜଣାଇବା ପାଇଁ ମୋ କାର୍ଯ୍ୟାଳୟକୁ କେହି ନ ଆସିବାକୁ ଅନୁରୋଧ କରୁଛି। ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି, ସରକାରୀ କର୍ମଚାରୀମାନେ ମଧ୍ୟ ଅଫିସ ସମୟରେ ଶୁଭେଚ୍ଛା ଓ ଅଭିନନ୍ଦନ କାର୍ଯ୍ୟକ୍ରମରେ ସାମିଲ ନ ରହି ଅଫିସ କାର୍ଯ୍ୟ ଉପରେ ଗୁରୁତ୍ୱ ଦେବାକୁ ଅନୁରୋଧ। ଓଡ଼ିଶାର ଜନସାଧାରଣ ତଥା ମୋର ଶୁଭାକାଂକ୍ଷୀଙ୍କ ସଦିଚ୍ଛା ମୋ ସହିତ ସବୁବେଳେ ରହିଛି। ତେଣୁ ଶୁଭେଚ୍ଛା ଜଣାଇବାକୁ ଆସୁଥିବା ଲୋକଙ୍କୁ ନିବେଦନ, କୌଣସି ଉପହାର କିମ୍ବା ଫୁଲତୋଡ଼ା ଧରି ଆସିବେ ନାହିଁ।

# ତାଲିମି ବେଦାରୀ କନ୍‌ଫରେନ୍ସ ପାଳିତ

**ଭଦ୍ରକ,୩୧ା୧୨(ସମିସ):** ଭଦ୍ରକ ସହର ଅବସ୍ଥିତ ଫୈଯେ ରଯା ଏଜୁକେସନାଲ୍ ଏଣ୍ଡ ୱେଲ୍ ଫେୟାର ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟ ସଭାପତି ଶେଖ୍ ଗୋଲାମ ମହମ୍ମଦଙ୍କ ସଭାପତିତ୍ୱରେ 'ତାଲିମି ବେଦାରୀ କନ୍‌ଫରେନ୍ସ' ପୁରୁଣାବଜାର, ଅଲାଲପୁରସ୍ଥିତ ରୟାଲ ପ୍ୟାଲେସ୍‌ଠାରେ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ମଦନି ଗ୍ରୁପ୍ ଛାତ୍ରଛାତ୍ରୀମାନେ ଯଥା- ମହମ୍ମଦ ଅର୍‌ମାନ, ମହମ୍ମଦ ବଶିର, ମହମ୍ମଦ ମୋଜାହିଦ, ମହମ୍ମଦ ସର୍‌ଫରାଜ, ସାଜିୟା ପରୱିନ, ସାଜେଫା ପରୱିନ, ସର୍ବାଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଟ୍ରଷ୍ଟ ଦ୍ୱାରା ପରିଚାଳିତ ଆଉ ୨ଟି ମଦ୍ରାସା ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ଓ ଉପହାର ମୁଖ୍ୟ ଅତିଥି ହଜରତ ଅଲ୍ଲାମା ଓ ମୌଲାନା ମୁଫତି ସୋଲତନା ରଯା (ବିହାର)ଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ମୌଲାନା (ପଣ୍ଡିତ) ଓ ସାଏର (କବି)ଙ୍କ ନୀତିବାଣି ଶୁଣିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ପିତାମାତା ଓ ସ୍ରୋତାମାନେ ଉପସ୍ଥିତ ଥିଲେ। ମୌଲାନା ସାହେବ ଶିକ୍ଷାର ମହତ୍ୱ ଓ ଶିକ୍ଷାର ବିଶେଷତ୍ୱ ଉପରେ ତକରୀର କରି ସମସ୍ତଙ୍କୁ ମନମୁଗ୍ଧ କରିଥିଲେ। ମଦ୍ରସା ଫୈଯାନେ ଗରୀବ୍ ନୱାଜର ଉପସଭାପତି ଶେଖ୍ ମୋଇନୁଦ୍ଦିନ,



ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମଦ୍ରାସା ଛାତ୍ର ଜୁବେର ମହମ୍ମଦଙ୍କ କୋରାନ ପାଠରୁ ଏବଂ ଟ୍ରଷ୍ଟର ସଦସ୍ୟ ଶେଖ୍ ଅବ୍‌ଦୁଲ ବାରୀଙ୍କ ସଞ୍ଚାଳନରୁ ଆରମ୍ଭ ହୋଇଥିଲା। ଟ୍ରଷ୍ଟ ଦ୍ୱାରା ପରିଚାଳିତ ଛୋଟ ଶଙ୍କରପୁର ଦରଜିପଟ୍ଟିରେ "ମଦ୍ରସା ଫେଯାନେ ଅହଲେ ବୈତ୍'ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ମକ୍କି ଓ ମଦନି ଦୁଇ ଗ୍ରୁପ୍ ମଧ୍ୟରେ କୁଇଜ ପ୍ରତିଯୋଗିତା ଯଥା- ମଦ୍ରାସା ଫୈଯାନେ ଗରୀବ ନୱାଜ ଓ ମଦ୍ରାସା ଫୈଯାନେ ଉମ୍ମଲ ଓରାର ଛାତ୍ରଛାତ୍ରୀମାନେ ନାତ୍ ଶରିଫ୍ ପଢ଼ିଥିଲେ ଓ ଭାଷଣ ଦେଇଥିଲେ। ୪ଜଣ ଛାତ୍ରଛାତ୍ରୀ ଯଥା- ସୈୟଦ ତହସିନ ଅହେମ୍ମଦ, ଫାତେମା କାଦରୀ, ନେଦା ଫାତମା, ପଲକ କାଦରୀ କୁରଆନ୍ ଶରିଫ୍ ନାଜରା ପାଠ ଆରମ୍ଭ କରିଥିଲେ। ସମସ୍ତ କୃତୀ ସମ୍ପାଦକ ଶେଖ୍ ସାହିଦ ରଫିକ, ସହ ସମ୍ପାଦକ ମହମ୍ମଦ ଅବ୍‌ଦୁଲ ରହିମ, କୋଷାଧ୍ୟକ୍ଷ ଅବଦୁଲ ଆବିଦ୍ ଖାନଙ୍କ ସହିତ ସାହାଜାନ ଖାନ, ଶେଖ୍ ଆସିକ୍, ଇସ୍ତାକ ଖାନ୍, ଶେଖ୍ ଇଜାଜ୍ ଅହେମ୍ମଦ, ସେଖ୍ ଅହେସାନ, ଶେଖ୍ ରିୟାଜୁଦ୍ଦିନ, ଶେଖ୍ ମିନହାଜ ପ୍ରମୁଖ ଧର୍ମସଭାକୁ ପରିଚାଳନା କରିଥିଲେ।

# ଷୋଳମପୁର ଶିଶୁ ମନ୍ଦିର ନୂତନ ଶ୍ରେଣୀଗୃହ ଉଦ୍‌ଘାଟିତ



**ଭଣ୍ଡାରିପୋଖରୀ,୩୧ା୧୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ଅନ୍ତର୍ଗତ ଷୋଳମପୁର ବୌଦ୍ଧବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନୂତନ ଶ୍ରେଣୀଗୃହ ବୁଧବାର ସାଂସଦ ଅଭିମନ୍ୟୁ ସେଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଶିଶୁ ମନ୍ଦିର ସମ୍ପାଦକ ବିଶ୍ୱମ୍ଭର ରାଉତଙ୍କ ସଂଯୋଜନାରେ ଓ ଅଧ୍ୟାପକ ଅନାଦି ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସାଂସଦ ଶ୍ରୀ ସେଠୀ ମୁଖ୍ୟ ଅତିଥି, ଭୂମିଦାତା ବସନ୍ତ କୁମାର ବେଉରିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ଗୋଷ୍ଠୀ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ କୁମାର ସାହୁ, ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ସମିତିସଭ୍ୟା ମାମିଲତା ଜେନା, ଶିଶୁ ମନ୍ଦିର ସଭାପତି ହୃଷୀକେଶ ଦାଶ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ଚନ୍ଦ୍ର ଦାଶ, ପଣ୍ଡିତ ହରେକୃଷ୍ଣ ପାଣିଗ୍ରାହୀ, ସମାଜସେବୀ ରଘୁନାଥ ବରାଳ, ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍ତମ ଛାତ୍ରଛାତ୍ରୀ ଗଢ଼ି ତୋଳିବାରେ ଓ ସୁନାଗରିକ ସୃଷ୍ଟି ଦିଗରେ ଷୋଳମପୁର ସରସ୍ୱତୀ ଶିଶୁ ମନ୍ଦିର ସର୍ବଦା ବ୍ରତୀ ରହିଥିବାରୁ ଏହାକୁ ପ୍ରୋତ୍ସାହିତ କରାଯିବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। ଏହ ଅବସରରେ ଭୂମିଦାତା ଶ୍ରୀ ବେଉରିଆ, ଶରତ ଜେନା ଓ ରଘୁନାଥ ବରାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ସତ୍‌ସଙ୍ଗ, ଗୀତାଯଜ୍ଞ, ହନୁମାନ ଚାଳିଶା ପାଠ, ରାଷ୍ଟ୍ରବନ୍ଦନା ଅନୁଷ୍ଠିତ ହୋଇଥିଲା। ପୂଜକ ପରୀକ୍ଷିତ ପଣ୍ଡା, ଚିତ୍ତରଞ୍ଜନ ପଣ୍ଡା, ବାବାଜୀ ପତି, ଲକ୍ଷ୍ମୀଧର ଦାଶ ପ୍ରମୁଖ ପୂଜା କାର୍ଯ୍ୟ ତୁଲାଇଥିଲେ। ମଣ୍ଡଳ ସଭାପତି ରଞ୍ଜନ ପରିଡ଼ା, ତରଣୀସେନ ଜେନା, ପୂର୍ବତନ ମଣ୍ଡଳ ସଭାପତି ଗିରିଶ ସାମଲ, କବି ଦାମୋଦର ନାୟକ, ପୂର୍ବତନ ସମିତିସଭ୍ୟ ବିଦ୍ୟାଧର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟା ଅନୁସୂୟା ପୁହାଣ ସ୍ୱାଗତ ଭାଷଣ, ଶ୍ରୀ ରାଉତ ଅତିଥି ପରିଚୟ ଓ ଗୁରୁଜୀ ଶରତ ବେହୁରିଆ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ବାସୁଦେବପୁର,୩୧ା୧୨(ସମିସ):** ବାସୁଦେବପୁର ଉପ-ଉକୋଷାଗାର ଅଧିକାରୀ ସରୋଜ ନାୟକ ଅବସର ଗ୍ରହଣ କରିଛନ୍ତି। ଏନେଇ ଉପ-କୋଷାଗାର କାର୍ଯ୍ୟାଳୟ ପରିସରରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ଶିକ୍ଷାବିତ୍ ଜଳଧର ପାଢ଼ୀ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା କୋଷାଗାର ଅଧିକାରୀ ଶ୍ରୀକାନ୍ତ ଦାସ, ସମ୍ମାନିତ ଅତିଥି ବାସୁଦେବପୁର ତହସିଲ୍‌ଦାର ପ୍ରିୟବ୍ରତ ଦାସ, ଧାମନଗର



ଉପ-କୋଷାଗାର ଅନୁପମା ରାଉତ, ବ୍ଲକ୍ ଆକାଉଣ୍ଟାଣ୍ଟ ସରୋଜ ଖୁଣ୍ଟିଆ ଉଦ୍‌ବୋଧନ ଦେଇଥିଲେ। ବିଦାୟୀ ଅଧିକାରୀ ଶ୍ରୀ ନାୟକ ୨୦୧୮ ରୁ ବାସୁଦେବପୁର ଉପ-କୋଷାଗାରରେ ଯୋଗଦେଇ ଦୀର୍ଘ ୭ ବର୍ଷ କାର୍ଯ୍ୟକାଳ ଅତିବାହିତ କରି ଡିସେମ୍ବର ୩୧ରେ ଅବସର ଗ୍ରହଣ କରିଛନ୍ତି। ରଘୁନାଥ ରାଉଳ, ଭାଗିରଥି ପଲାଇ, କେ. ସୁବ୍ରମନ୍ୟୁ ନାୟକ, ମୂରଲୀଧର ନାୟକ, ଲକ୍ଷ୍ମଣ ବାରିକ, ରାଜେନ୍ଦ୍ର ମାହୁନ୍ତ, ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ, ରମେଶ ଚନ୍ଦ୍ର ମହାରଣା, ପ୍ରଣୟ ମହାପାତ୍ର, ମନୋରଞ୍ଜନ ପତି ଯୋଗଦେଇଥିଲେ। ଉପ କୋଷାଗାର କନିଷ୍ଠ ସହାୟକ ଚକ୍ରଧର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଅତିରିକ୍ତ କୋଷାଗାର ବିଶ୍ୱଜିତ୍ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଆନନ୍ଦପୁର ଚନ୍ଦସାହି ଗାଁରେ ଆଜି ବି ପୂଜିତ ଶମ୍ବରାସୁର

**ଦୋବଲ,୩୧ା୧୨(ସମିସ):** ଦେବଦେବୀ ପୂଜାରେ ପରିଚିତ ଭାରତୀୟ ସଂସ୍କୃତିର ଏକ ଅନନ୍ୟ ଦୃଷ୍ଟାନ୍ତ ହେଉଛି ଧାମନଗର ବ୍ଲକ୍ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ଚନ୍ଦସାହି ଗାଁ। ଏଠାରେ ଶହଶହ ବର୍ଷ ଧରି ଅସୁର ଶମ୍ବରାସୁରଙ୍କ ପୂଜା ଏକ ପରମ୍ପରା ଭାବେ ପାଳିତ ହୋଇଆସୁଛି। ପ୍ରତିବର୍ଷ ଶାମ୍ବ ଦଶମୀ ଅବସରରେ ଗାଁର ମଣ୍ଡପରେ ବିରାଟ ଆକୃତିର ଶମ୍ବରାସୁର ସହ ଭଗବାନ ନାରାୟଣଙ୍କର ମୂର୍ତ୍ତି ସ୍ଥାପନା କରାଯାଇ ନିୟମିତ ଭାବେ ପୂଜାର୍ଚ୍ଚନା କରାଯାଏ। ଚଳିତ ବର୍ଷ ମଧ୍ୟ ଶାମ୍ବ ଦଶମୀଠାରୁ ପୂଜା ଆରମ୍ଭ ହୋଇ ତିନି ଦିନ ଧରି ଚାଲିଥିଲା ଏବଂ ଆଜି ଧୁମ୍‌ଧାମ୍‌ରେ ବିସର୍ଜନ କାର୍ଯ୍ୟ ସମ୍ପନ୍ନ ହୋଇଛି। ଲୋକକଥା ଓ ପୌରାଣିକ ବିଶ୍ୱାସ ଅନୁସାରେ, ଦୀର୍ଘବର୍ଷ ପୂର୍ବେ ଏହି ଗାଁରେ



ଭୟାବହ ହଇଜା ରୋଗ ବ୍ୟାପିଥିଲା। ଏହାକୁ ଶମ୍ବରାସୁରଙ୍କ କୋପର ପରିଣାମ ଭାବେ ଧରାଯାଇଥିଲା। ଏହି ସମୟରେ ଯାଜପୁର ଜିଲ୍ଲାର ବୈତରଣୀ ନଦୀ କୂଳରେ ଅବସ୍ଥିତ ପ୍ରାଚୀନ ସିଦ୍ଧେଶ୍ୱର ମନ୍ଦିର ପୀଠରେ ପ୍ରଦ୍ୟୁମ୍ନ କଠୋର ତପସ୍ୟା କରି ମହାଦେବଙ୍କୁ ସନ୍ତୁଷ୍ଟ କରିଥିଲେ। ପରେ ସେ ମାୟାବୀ ଶମ୍ବରାସୁରକୁ ବଧ କରି ଲୋକଙ୍କୁ ଦୁର୍ଗତିରୁ ରକ୍ଷା କରିଥିବା ବିଶ୍ୱାସ ରହିଛି। ଏହା ପରେ ତତ୍କାଳୀନ ଗ୍ରାମବାସୀଙ୍କ ଉଦ୍ୟମରେ ଗାଁରେ ଶମ୍ବରାସୁର ପୂଜାର ପରମ୍ପରା ଆରମ୍ଭ ହୋଇଥିଲା। ପୂର୍ବେ ଏହି ପୂଜା ଭାରି ଯାକଜମକରେ ପାଳିତ ହେଉଥିଲେ ମଧ୍ୟ ବିଭିନ୍ନ କାରଣରୁ ଗାଁ ଭାଗ ଭାଗ ହୋଇଯିବା ପରେ ଏହାର ଆଡ଼ମ୍ବର କମିଯାଇଛି। ତଥାପି କିଛି ଯୁବକ ପରମ୍ପରା ରକ୍ଷା ପାଇଁ ଆଗେଇ ଆସି ନିଷ୍ଠାର ସହିତ ପୂଜାକୁ ଜୀବନ୍ତ ରଖିଛନ୍ତି। ଗ୍ରାମବାସୀଙ୍କ ମତରେ ସରକାରୀ ସହାୟତା ମିଳିଲେ ଏହି ଅନନ୍ୟ ପରମ୍ପରା ଆହୁରି ବିକାଶ ପାଇ ସାଂସ୍କୃତିକ ଓ ପର୍ଯ୍ୟଟନ ଦୃଷ୍ଟିରୁ ଗୁରୁତ୍ୱ ଅର୍ଜନ କରିପାରିବ।

## ଏଯାଏଁ ଚାଷୀଙ୍କୁ ମିଳୁନି ଟୋକନ; ଖୋଲୁନି ମଣ୍ଡି
# ୧୦ ସୁଦ୍ଧା ଧାନ କିଣା ନ ହେଲେ ଆନ୍ଦୋଳନ

**ଧାମନଗର,୩୧ା୧୨(ସମିସ):** କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରି ବାଃବାଃ ନେଉଥିବାବେଳେ ଧାମନଗର ଅଞ୍ଚଳରେ ଧାନକିଣାକୁ ନେଇ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି। ଏଯାଏଁ ଚାଷୀମାନଙ୍କୁ ଟୋକନ ମିଳୁନାହିଁ, ମଣ୍ଡି ଖୋଲୁ ନାହିଁ, ଉଠୁନି ଧାନ। ଜାନୁଆରୀ ୧୦ ସୁଦ୍ଧା ଧାନ କିଣା ନ ହେଲେ ଆନ୍ଦୋଳନ କରାଯିବ ବୋଲି ଧାମନଗର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିରରେ ଚାଷୀମାନେ ଲିଖିତ ଜଣାଇଛନ୍ତି। ଏପଟେ ଚଳିତ



ବର୍ଷର ଧାନ କ୍ରୟ ପ୍ରକ୍ରିୟାକୁ ସ୍ୱଚ୍ଛତା ଓ ସରକାରୀ ଧାନ କ୍ରୟବ୍ୟବସ୍ଥା ସମ୍ବନ୍ଧରେ ଚାଷୀମାନଙ୍କୁ ସଚେତନ କରିବା ନିମିତ ଏକ ଚାଷୀ ସଚେତନତା ରଥର ଶୁଭାରମ୍ଭ କାର୍ଯ୍ୟକ୍ରମ ଉଚ୍ଚ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ କରକମଳରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭଦ୍ରକ ବିଧାୟକ, ଜିଲ୍ଲାପାଳଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀମାନେ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ଦୀର୍ଘଦିନ ହେବ ଦୋବଲ ସେବା ସମବାୟ ସମିତି ପାଇଁ ନୂତନ ଗୃହ ନିମନ୍ତେ ସରକାରଙ୍କ ପକ୍ଷରୁ ଆର୍‌ôଥକ ଅନୁଦାନ ମିଳିଥିଲେ ହେଁ ଅଦ୍ୟାବଧି ନିର୍ମାଣ ହେବା ଡାକ୍ତରଖାନାରେ ଏକ୍ସରେ ମେସିନ ଖରାପ ଆଦି ନେଇ ଅଭିଯୋଗ ହୋଇଛି। ଏହାର ସମାଧାନ ପାଇଁ ଜିଲ୍ଲାପାଳ ସ୍ଥାନୀୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦଇଥିବା ସୂଚନା ମିଳିଛି।






**ଜିଲ୍ଲାର ୬୧ଟି ବିଦ୍ୟାଳୟରେ ନାହିଁ ସୁରକ୍ଷା ପାଚେରି**

# ଅସୁରକ୍ଷିତ ଭିତ୍ତିଭୂମି, ବିପଦରେ ଛାତ୍ରଛାତ୍ରୀ

ବ୍ରହ୍ମପୁର,୩୧।୧୨(ସମିସ): ଛାତ୍ରଛାତ୍ରୀଙ୍କ ଉତ୍ତମ ଶିକ୍ଷାଦାନ ନିମନ୍ତେ ଭିତ୍ତିଭୂମିରେ ବିକାଶର ଆବଶ୍ୟକତା ରହିଛି। କିନ୍ତୁ ଗଞ୍ଜାମ ଜିଲ୍ଲାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ରହିଥିବା କିଛି ବିଦ୍ୟାଳୟର ଭିତ୍ତିଭୂମି ଅସୁରକ୍ଷିତ ହୋଇପଡ଼ିଛି। ଏଭଳି ଭାବେ ଜିଲ୍ଲାର ୬୧ଟି ବିଦ୍ୟାଳୟରେ ସୁରକ୍ଷା ପାଚେରି ନଥିବାରୁ ବିଦ୍ୟାଳୟର ଛାତ୍ରଛାତ୍ରୀ ଅସୁରକ୍ଷିତ ମନେ କରୁଛନ୍ତି। ବିଦ୍ୟାଳୟ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ବର୍ତ୍ତମାନ ଅସୁରକ୍ଷିତ ହୋଇ ପଡ଼ିଛି। ଯାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଜିଲ୍ଲାରେ ମୋଟ ୩୦୩୫ଟି ସରକାରୀ ବିଦ୍ୟାଳୟ ରହିଥିବା ବେଳେ




ସେଥି ମଧ୍ୟରୁ ୬୨୪ଟି ଉଚ୍ଚ ବିଦ୍ୟାଳୟର ରହିଛି। ବିଦ୍ୟାଳୟର ପରିସରରେ ଉଭୟ ଛାତ୍ରଛାତ୍ରୀ ଅଧ୍ୟୟନରତ ଥିବାବେଳେ ବହୁ ମୂଲ୍ୟ ବୈଦୁତିକ ଯନ୍ତ୍ରପାତି ଠାରୁ ଆରମ୍ଭ କରି ମୂଲ୍ୟବାନ ଆସବାବ ପତ୍ର ମଧ୍ୟ ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ବହୁ ଶିକ୍ଷାନୁଷ୍ଠାନର ସୁରକ୍ଷା ପାଚେରି ନଥିବା ବେଳେ ରାତ୍ର ଜଗୁଆଳ କିମ୍ବା ସୁରକ୍ଷା କର୍ମୀ ନାହାନ୍ତି। ଯାହାଫଳରେ ଅନେକ ସମୟରେ ବିଭିନ୍ନ ବ୍ଲକର ଉପାନ୍ତ ଅଞ୍ଚଳରେ ରହିଥିବା ବିଦ୍ୟାଳୟ ମାନଙ୍କରେ ଚୋରି ହେଉଥିବା ଅଭିଯୋଗ ମଧ୍ୟ ଆସିଛି। ପୂର୍ବ ସରକାରଙ୍କ ଅମଳରେ ଗଞ୍ଜାମ ଜିଲ୍ଲାର ଅଧିକାଂଶ ହାଇସ୍କୁଲ୍‌କୁ '୫-ଟି'ରେ ରୂପାନ୍ତରୀକରଣ କରାଯାଇ ବିଦ୍ୟାଳୟରେ ରହିଥିବା ଭିତ୍ତଭୂମିର ରକ୍ଷଣାବେକ୍ଷଣକୁ ଗୁରୁତ୍ୱ ଦିଆଯାଉଥିଲା। ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ୨୬୬ଟି ବିଦ୍ୟାଳୟରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ଜିଲ୍ଲାର ଅତ୍ୟନ୍ତ ଆବଶ୍ୟକ ପଡୁଥିବା ବିଦ୍ୟାଳୟ ମାନଙ୍କରେ ସୁରକ୍ଷାକର୍ମୀ ନିଯୁକ୍ତି ପ୍ରଦାନ କରିଥିବା ବେଳେ ଅନ୍ୟ କିଛି ବିଦ୍ୟାଳୟରେ ରାତ୍ର ଜଗୁଆଳ ମଧ୍ୟ ରହିଛନ୍ତି। ଏହା ପରେ ମଧ୍ୟ ଜିଲ୍ଲାର ବହୁ ବିଦ୍ୟାଳୟ ସୁରକ୍ଷା ପାଚେରି ଓ ରାତ୍ର ଜଗୁଆଳ ନଥିବାରୁ ବିଦ୍ୟାଳୟ ଏବଂ ଏହାର ଛାତ୍ରଛାତ୍ରୀ ମଧ୍ୟ ଅସୁରକ୍ଷିତ ମନେ କରୁଛନ୍ତି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ସହ ବିଦ୍ୟାଳୟ ଗୁଡ଼ିକର ସୁରକ୍ଷା ପାଚେରି ନିର୍ମାଣ କରିବା ସମେତ ରାତ୍ର ଜଗୁଆଳର ବ୍ୟବସ୍ଥା କରିବାକୁ ଦାବି ହୋଇଛି।

**● ଜାରି ହେଲା ବିଜ୍ଞପ୍ତି**

## ବିଇଏମ୍‌ସିରେ ମିଶ୍ରଣ ହେବ ୧୪ ପଞ୍ଚାୟତ

ବ୍ରହ୍ମପୁର,୩୧।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମ(ବିଇଏମସି)ରେ ୧୪ଟି ପଞ୍ଚାୟତ ମିଶ୍ରଣ ନେଇ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ବହୁବର୍ଷ ଧରି ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ପକ୍ଷରୁ ବିଭିନ୍ନ ସ୍ଥାନରେ ଦାବି କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲ। କମିଟିର ଉଦ୍ୟମ ଓ ସଂଘର୍ଷ ଫଳରେ ଉକ୍ତ କାର୍ଯ୍ୟ ସଫଳ ହୋଇଥିବା କୁହାଯାଇଛି। ଫଳରେ ବୃହତ୍ତ ବ୍ରହ୍ମପୁର ମହାନଗର ନିଗମ ଗଠନର କମିଟି ଯେଉଁ ସ୍ୱପ୍ନ ଦେଖିଥିଲା ତାହା ପୂରଣ ହେବାକୁ ଯାଉଛି ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।

## ଜୁଆ ଆଡ୍ଡାରେ ଚଢ଼ଉ; ୨ ମହିଳାଙ୍କ ସମେତ ୯ ଗିରଫ

ବ୍ରହ୍ମପୁର,୩୧।୧୨(ସମିସ): ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଚାଲିଥିବା ଜୁଆଆଡ୍ଡା ଉପରେ ପୁଲିସ ଚଢ଼ଉ କରି ୨ ମହିଳାଙ୍କ ସମେତ ୯ ଜୁଆଡ଼ିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୁଲିସ ୧୪ ହଜାର ୭୪୦ ଟଙ୍କା ଜବତ କରିଛି। ନୂଆବର୍ଷ ନିମନ୍ତେ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି।

**ସରକାରୀ ଚାକିରି ନାଁରେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ**

## ଶ୍ରୀଜଗନ୍ନାଥ ଟ୍ରଷ୍ଟର ୩ ଗିରଫ

ବ୍ରହ୍ମପୁର,୩୧।୧୨(ସମିସ): ଚାକିରି ନାଁରେ ଗଞ୍ଜାମ ଜିଲ୍ଲାର ଶତାଧିକ ଯୁବକ/ଯୁବତୀଙ୍କଠାରୁ କୋଟିଏରୁ ଅଧିକ ଟଙ୍କା ଠକି ନେବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଶ୍ରୀଜଗନ୍ନାଥ ହ୍ୟୁମାନ୍ ଏମ୍ପାୱାରମେଣ୍ଟ ଟ୍ରଷ୍ଟ ନାମକ ଏକ ସଂସ୍ଥାର ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଟ୍ରଷ୍ଟ ମୁଖ୍ୟ ତଥା ଭଦ୍ରକ ଜିଲ୍ଲା ପାଟନା ମିଶ୍ରପୁର ଗ୍ରାମର ସ୍ମୃତିପ୍ରଭା ମହାକୁଡ(୩୩), ଓଡ଼ିଶା ମୁଖ୍ୟ ତଥା ଗଞ୍ଜାମ ଜିଲ୍ଲା ରମ୍ଭା ନିକଟ ଗଡ଼ହୁମାର ପ୍ରଶାନ୍ତ କୁମାର ବେହେରା(୪୩) ଓ ଟ୍ରଷ୍ଟର ଗଞ୍ଜାମ ମୁଖ୍ୟ ଗୋଳନ୍ଥରା କୋଠାରସିଂର ନିରୁପମା ମହାନ୍ତି(୪୩)। ପୁଲିସ ସେମାନଙ୍କ ଠାରୁ ନକଲି ନିଯୁକ୍ତିପତ୍ର ଜବତ କରିଛି। ଏହି ସଂସ୍ଥା ତଥା ଟ୍ରଷ୍ଟ ଗଞ୍ଜାମ ଜିଲ୍ଲାର ବିଭିନ୍ନ ବ୍ଲକର ଯୁବକ/ଯୁବତୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ସୃଷ୍ଟି ହୋଇଥିବା ବିଭିନ୍ନ ପଦ ପଦବୀରେ ଚାକିରି ଦେବାକୁ କହି ଟଙ୍କା ଆଦାୟ କରିଥିବା ତଦନ୍ତରୁ ଜଣାପଡ଼ିଛି।

ସୂଚନା ପ୍ରକାରେ, ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ ଚଢ଼େୟାପଲ୍ଲୀର ଗୋପାଳକୃଷ୍ଣ ସେଠୀ ଶିକ୍ଷା ସମାପ୍ତ କରିବା ପରେ ଚାକିରି ସନ୍ଧାନରେ ଥିଲେ।



ବ୍ରହ୍ମପୁର ଠାରେ ଥିବା ଶ୍ରୀଜଗନ୍ନାଥ ଟ୍ରଷ୍ଟ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଯୁବକ/ଯୁବତୀଙ୍କୁ ସରକାରଙ୍କ ପକ୍ଷରୁ ପରିଚାଳିତ ବିଭିନ୍ନ ପ୍ରକଳ୍ପରେ କାମ ଦେଉଥିବା ସେ ଜାଣିବାକୁ ପାଇଥିଲେ। ସେହିକ୍ରମରେ ସେ ଉକ୍ତ ସଂସ୍ଥାର ଯୋଗାଯୋଗରେ ଆସିଥିଲେ। ସଂସ୍ଥା ପକ୍ଷରୁ ଚାକିରି ପ୍ରତିଶ୍ରୁତି ଦିଆଯାଇ ତାଙ୍କ ଠାରୁ ୧୨ହଜାର ୫ଶହ ଟଙ୍କା ଆଦାୟ କରାଯାଇଥିଲା। ହେଲେ ଅନେକ ମାସ ଯାଏଁ ଚାକିରି ମିଳିନଥିଲା। ସେ ଏ ବିଷୟରେ ଉକ୍ତ ଟ୍ରଷ୍ଟର କର୍ମଚାରୀଙ୍କୁ ପଚାରି କୌଣସି ସନ୍ତୋଷଜନକ ଉତ୍ତର ପାଇନଥିଲେ। ଯାଞ୍ଚ ପରେ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହି ସଂସ୍ଥା ସରକାରଙ୍କ ପ୍ରକଳ୍ପ ନାଁରେ ଜିଲ୍ଲାରୁ ଅନେକ ଯୁବକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆଦାୟ କରିଥିବା ଗୋପାଳକୃଷ୍ଣ ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ସେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏହି ଟ୍ରଷ୍ଟ ଏବଂ ଏହାର ପରିଚାଳକଙ୍କ ବିଷୟରେ ତଦନ୍ତ କରି ଆଜି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ଡା. ସର୍ବଣା ବିବେକ ଏମ୍ କହିଛନ୍ତି।

## ବାଲୁକା କଳାରେ ନୂତନ ବର୍ଷକୁ ସ୍ୱାଗତ

ବ୍ରହ୍ମପୁର,୩୧।୧୨(ସମିସ): ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା ବାଲୁକା କଳାକୃତି ମାଧ୍ୟମରେ ନୂତନ ବର୍ଷକୁ ସ୍ୱାଗତ ଜଣାଇଛନ୍ତି। ସେ ଗୋପାଳପୁର ବେଳାଭୂମିରେ ବାଲୁକା କଳାକୃତିରେ ସବୁ ମିଳିମିଶି ପ୍ରଚୁର ଗଛ ଲଗାଇ ପୃଥିବୀର ସନ୍ତୁଳନକୁ ରକ୍ଷା କରିବା ସହ ପଲିଥିନ ପ୍ଲାଷ୍ଟିକ୍ ବ୍ୟବହାର ନ କରିବାକୁ ସଚେତନା କରିଛନ୍ତି। ଶ୍ରୀ ମହାରଣାଙ୍କ ଏଭଳି କଳାକୃତିକୁ ନେଇ ବିଭିନ୍ନ ମହଲାରେ ପ୍ରଶଂସା କରାଯାଇଛି।









# ଶ୍ରୀକ୍ଷେତ୍ର ସିଟି

୩୧/୧୨/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୮,୪୨,୭୨୪/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୦୦.୦୦୦ ଗ୍ରାମ୍



## ଆଜି ନୂଆବର୍ଷ: ଭକ୍ତମେଳରେ ଶ୍ରୀକ୍ଷେତ୍ର ଗହଳଚହଳ

### ଦାରୁବିଗ୍ରହଙ୍କୁ ଦର୍ଶନ କରି ଆଶୀର୍ବାଦ କାମନା କରିବେ

### ୨୦୨୫ର ଶେଷ ଦିନରେ ଶ୍ରୀମନ୍ଦିରରେ ଗହଳି

ପୁରୀ,୩୧।୧୨(ସମିସ): ବିଦାୟ ନେଇଛି ବର୍ଷ ୨୦୨୫। ସୁଖଦୁଃଖ, ସ୍ମୃତି ଓ ଅନୁଭୂତି ଭରା ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ ପାଇଁ ପୁରୀରେ ଜମିଛି ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକଙ୍କ ଭିଡ଼। ବେଳାଭୂମି ହେଉ କି ଶ୍ରୀମନ୍ଦିର ଅବା ବଡ଼ଦାଣ୍ଡ ସବୁଠି ଦେଖିବାକୁ ମିଳିଛି ଗହଳି। ବିଦାୟୀ ବର୍ଷର ଶେଷଦିନ ଅର୍ଥାତ୍ ବୁଧବାର ହଜାର ହଜାର ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିବା ସହ ନୂଆବର୍ଷ ଲାଗି ସୁଖ ସମୃଦ୍ଧି କାମନା କରିଛନ୍ତି। ଅନ୍ୟପକ୍ଷରେ ନୂଆବର୍ଷର ପ୍ରଥମ ଦିନରେ ମଧ୍ୟ ଶ୍ରୀମନ୍ଦିରରେ ଦାରୁବିଗ୍ରହଙ୍କ ଆଶୀର୍ବାଦ କାମନା ଲାଗି ଶ୍ରୀକ୍ଷେତ୍ରରେ ଡେରା ପକାଇଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ମୋଟାମୋଟି ଇଂରାଜୀ ନୂଆବର୍ଷ ପାଇଁ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି ଶ୍ରୀକ୍ଷେତ୍ର ପୁରୀ। ଆଧ୍ୟାତ୍ମିକ ଓ ପର୍ଯ୍ୟଟନର ସହର ପୁରୀ। ଏଠାରେ ଶ୍ରୀମନ୍ଦିର ସାଙ୍ଗକୁ ମନୋଲୋଭା ବେଳାଭୂମି ଏବଂ ରହଣି ପାଇଁ ହୋଟେଲ, ଲଜ୍, ହଲିଡେ ହୋମ୍ ଏବଂ ଶ୍ରୀମନ୍ଦିର ପ୍ରଶାସନର ଏକାଧିକ ଭକ୍ତ ନିବାସ ରହିଛି। ତେଣୁ ନୂଆବର୍ଷକୁ ସ୍ୱାଗତ ଏବଂ ଛୁଟି କାଟିବାକୁ ଏହା ଉପଯୁକ୍ତ ଭାବି ଶ୍ରଦ୍ଧାଳୁ ଏବଂ ପର୍ଯ୍ୟଟକ ଏଠାରେ ଭିଡ଼ ଜମାଇଛନ୍ତି। ଯୁବଗୋଷ୍ଠୀଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳିଛି। ତେଣୁ ହୋଟେଲ, ଲଜ୍ ସମ୍ପୂର୍ଣ୍ଣ ପ୍ୟାକ୍ ହୋଇଯାଇଛି। ଝିଲିମିଲି ଆଲୋକମାଳାରେ ହୋଟେଲଗୁଡ଼ିକ ଝଲସି ଉଠୁଛି। ପୁରୀରେ ନୂଆବର୍ଷ ପାଳିବାକୁ ରାଜ୍ୟ ବାହାରୁ ମଧ୍ୟ ହଜାର ହଜାର ପର୍ଯ୍ୟଟକ ଆସି ଡେରା ପକାଇଛନ୍ତି।

## ବିଦାୟୀ ବର୍ଷର ଶେଷ ସୂର୍ଯ୍ୟ ଦେଖିବାକୁ ଭିଡ଼



ପୁରୀରେ ଏବେ ଭକ୍ତ, ପର୍ଯ୍ୟଟକଙ୍କ ଗହଳି। ବେଳାଭୂମି ହେଉ କି ବଡ଼ଦାଣ୍ଡ ସବୁଠି ଭିଡ଼। ପୁରୀରେ ଜିରୋନାଇଟ୍ ସେଲିବ୍ରେଶନ ସହ ନୂତନ ବର୍ଷର ପ୍ରଥମ ସୂର୍ଯ୍ୟ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତ, ପର୍ଯ୍ୟଟକ ଡେରା ପକାଇଛନ୍ତି। ବୁଧବାର ୨୦୨୫ ବର୍ଷର ଅନ୍ତିମ ଦିନରେ ଶ୍ରୀକ୍ଷେତ୍ରରେ ପ୍ରବଳ ଗହଳି ହୋଇଥିଲା। ବେଳାଭୂମି ଓ ଶ୍ରୀମନ୍ଦିରରେ ରହି ବିଦାୟୀ ବର୍ଷର ଶେଷ ସୂର୍ଯ୍ୟଙ୍କୁ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ, ପର୍ଯ୍ୟଟକ। ତେବେ ବୁଧବାର ଦିନତାମାମ୍ ପାଗ କୁହୁଡ଼ି ଘେରାଇବା ଭଳି ଥିଲା। ଏହାରି ଭିତରେ ସୂର୍ଯ୍ୟଙ୍କ ଝାପ୍‌ସା ଦର୍ଶନ କରିବାକୁ ବେଳାଭୂମିରେ ଭିଡ଼ ଦେଖିବାକୁ ମିଳିଥିଲା।



### ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ

## ପାରସ୍ପରିକ ସହଯୋଗ ରଖିବାକୁ ଜିଲ୍ଲାପାଳଙ୍କ ପରାମର୍ଶ

ପୁରୀ,୩୧।୧୨(ସମିସ): ନୂଆବର୍ଷ ପାଇଁ ଶ୍ରୀକ୍ଷେତ୍ର ପୁରୀରେ ପ୍ରବଳ ଗହଳିର ସମ୍ଭାବନା ରହିଛି। ତେବେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଭ୍ରମଣ ପାଇଁ ବୁଧବାର ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ମିଳିତ ସହଯୋଗରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପୂର୍ବ ବର୍ଷମାନଙ୍କ ତୁଳନାରେ ଚଳିତ ନୂତନ ବର୍ଷରେ ଅଧିକ ଜନସମାଗମର ଆଶା କରାଯାଉଥିବାରୁ ଏହାକୁ ସମନ୍ୱୟର ସହ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ମନ୍ଦିର ଯିବେ, ମହାପ୍ରଭୁଙ୍କ ଦର୍ଶନ ସାରି ଯଥାଶୀଘ୍ର ମନ୍ଦିରରୁ ପ୍ରସ୍ଥାନ କରିବେ ତାହାର ସୁବନ୍ଦୋବସ୍ତ କରାଯାଇଛି। ଏଥିପାଇଁ ନିୟୋଜିତ ମାଜିଷ୍ଟ୍ରେଟ୍ ଓ ସୁରକ୍ଷା ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀ ପରସ୍ପର ମଧ୍ୟରେ ସହଯୋଗ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ସ୍ୱଚ୍ଛତା, ପାନୀୟଜଳ ବଣ୍ଟନ, ସ୍ୱାସ୍ଥ୍ୟ, ଅଗ୍ନି ନିର୍ବାପକ, ହଜିବା ଖୋଜିବା ଓ ସୂଚନା କେନ୍ଦ୍ର, ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ଓ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳ ବିଷଦ ସୂଚନା ପ୍ରଦାନ କରି ସଠିକ ଭାବେ ପ୍ରତ୍ୟେକ ବିଭାଗ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଏସ୍‌ପି ପ୍ରତୀକ୍ ସିଂ ଶୃଙ୍ଖଳିତ ଦର୍ଶନ, ଟ୍ରାଫିକ୍ ବ୍ୟବସ୍ଥା, ପାର୍କିଂ ସ୍ଥାନ ସମ୍ପର୍କରେ ଆରକ୍ଷୀ ବିଭାଗର ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସୁଶୀଳ କୁମାର ମିଶ୍ର, ସୌମ୍ୟରଞ୍ଜନ ମଲ୍ଲିକ, ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ଡିଆଇବିର ଅତିରିକ୍ତ ଏସ୍‌ପି ଦେବୀଶଙ୍କର ପ୍ରତାପ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଓ ଦାୟିତ୍ୱରେ ଥିବା ମାଜିଷ୍ଟ୍ରେଟ ପ୍ରମୁଖ ଉପସ୍ଥିତ ଥିଲେ।

## ରାତି ୯.୨୦ରେ ଶ୍ରୀମନ୍ଦିରକୁ ପ୍ରବେଶ ବନ୍ଦ; ଭକ୍ତ ଅସନ୍ତୋଷ



ପୁରୀ,୩୧।୧୨(ସମିସ): ନୂଆବର୍ଷ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ହୋଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼ ସମ୍ଭାବନା ଥିବାରୁ ପୂର୍ବ ରାତି ୧୧ଟା ସୁଦ୍ଧା ପହୁଡ଼ ହେବାକୁ ସ୍ଥିର କରାଯାଇଥିଲା। ହେଲେ ଧାର୍ଯ୍ୟ ସମୟର ପ୍ରାୟ ଦେଢ଼ ଘଣ୍ଟା ପୂର୍ବରୁ ଅର୍ଥାତ୍ ରାତି ୯ଟା ୨୦ରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ପ୍ରବେଶ ବନ୍ଦ କରିଦିଆଯାଇଥିଲା। ଫଳରେ ବହୁ ଭକ୍ତ ନିରାଶ ହୋଇ ଫେରିଯିବାକୁ ବାଧ୍ୟ ହୋଇଥିଲେ। ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ନୂଆବର୍ଷ ନୀତିକାନ୍ତି ନିର୍ଘଣ୍ଟ ସମୟରେ କରିବା ଲାଗି ମଙ୍ଗଳବାର ରାତି ୧ଟା ୪୫ରେ ରାତ୍ର ପହୁଡ଼ ହୋଇ ଭୋର୍ ୪ଟା ୧୦ରେ ଦ୍ୱାର ଫିଟା ଯାଇଥିଲା। ଭୋର୍ ୪ଟା ୫୫ରେ ମଙ୍ଗଳ ଆଳତି ସରିଥିଲା। ଏହାପରେ ଅନ୍ୟାନ୍ୟ ନୀତି ସଅଳ ହୋଇଥିଲା। ରାତି ୮ଟା ୧୦ରେ ଚନ୍ଦନଲାଗି, ରାତି ୯ଟା ୪୫ରେ ବଡ଼ସିଂହାର ଭୋଗ ସରି ରାତି ୧୦ଟା ୨୫ରେ ପହୁଡ଼ ହୋଇଛି।

### ମହାପ୍ରସାଦ ପ୍ରତି ଅସମ୍ମାନ

## ଚପଲ ପିନ୍ଧି ବାଇକ୍ ଉପରେ ବସି ଖାଇଲେ

**ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା**

ପୁରୀ,୩୧।୧୨(ସମିସ): ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ମହାପ୍ରସାଦ ପାଇବାକୁ ଇଚ୍ଛା କରିଥାନ୍ତି। କଣିକାଏ ଅବଢ଼ା ପାଇଁ ଦୀର୍ଘ ସମୟ ଧରି ଅପେକ୍ଷା କରନ୍ତି। ଆନନ୍ଦ ବଜାରରେ ବସି ମହାପ୍ରସାଦ ସେବନ ଭାଗ୍ୟରେ ଥିଲେ ମିଳେ। ପ୍ରତିଟି ଜଗନ୍ନାଥପ୍ରେମୀଙ୍କ ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ରହିଛି ଗଭୀର ଭକ୍ତି ଓ ବିଶ୍ୱାସ। ହେଲେ ଏମିତି ବିଶ୍ୱାସରେ ଶକ୍ତ ଆଘାତ ପହଞ୍ଚାଇଲା ଭଳି ଘଟଣା ନଜରକୁ ଆସିଛି। ଚପଲ ପିନ୍ଧି ଗାଡ଼ି ଉପରେ ବସି ମହାପ୍ରସାଦ ସେବନ କରିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହାପ୍ରସାଦ ପ୍ରତି ପ୍ରତି ଏଭଳି ଅସମ୍ମାନକୁ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

୨୦୨୫ ବର୍ଷର ଶେଷ ଦିନରେ ମହାପ୍ରଭୁଙ୍କ ସାନ୍ନିଧ ପାଇଁ ବୁଧବାର ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ତେବେ ସିଂହଦ୍ୱାର ସମ୍ମୁଖ ମଙ୍ଗୁମଠ ନିକଟରେ ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇବା ଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସେଠାରେ ପାର୍କିଂ ହୋଇଥିବା ବାଇକ୍ ଉପରେ ବସି ମହାପ୍ରସାଦ ସେବନ କରୁଥିଲେ କିଛି ଶ୍ରଦ୍ଧାଳୁ। ଏପରି କି ଜଣେ ମହିଳା ଚପଲ ପିନ୍ଧି କୁଡୁଆ ଧରି ଅବଢ଼ା ଖାଉଥିଲେ। ଏହା ଦେଖି ଚୁନରା ସେବକ ଶରତ ମହାନ୍ତି ସେମାନଙ୍କୁ ଏପରି ନ କରିବାକୁ କହିଥିଲେ। ଗାଡି ଓହ୍ଲାଇ, ଗୋଡ଼ରୁ ଚପଲ କାଢି ତଳେ ବସି ମହାପ୍ରସାଦ ସେବନ କରିବାକୁ କହିଥିଲେ। ମାତ୍ର ସେମାନେ ନ ଶୁଣିବା ପରି ହେବାରୁ ଉତ୍‌କ୍ଷିପ୍ତ ହୋଇଥିଲେ ଚୁନରା ସେବକଙ୍କ ସହିତ ଆଉ ଜଣେ ସେବକ। ବଡ଼ ପାଟି କରିବାରୁ ସେମାନେ ତଳେ ବସି ମହାପ୍ରସାଦ ସେବନ କରିଥିଲେ। ସବୁଠୁ ଉଦ୍‌ବେଗର ବିଷୟ ହେଉଛି ଏହି ଶ୍ରଦ୍ଧାଳୁମାନେ ହେଉଛନ୍ତି ଓଡ଼ିଆ। ରାଜ୍ୟ ବାହାର ପର୍ଯ୍ୟଟକ ହୁଏତ ଜାଣି ନ ଥିବେ ମହାପ୍ରସାଦ ସେବନ କରିବାର ବିଧି। କିନ୍ତୁ ଓଡ଼ିଆ ହୋଇ ମହାପ୍ରସାଦ ପ୍ରତି ଏଭଳି ଅପମାନକୁ ନେଇ ଅନ୍ୟ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପାଖରେ ଅର୍ପିତ ହେଉଥିବା ପ୍ରସାଦକୁ ଶ୍ରୀମହାପ୍ରସାଦ ବୋଲି କୁହାଯାଏ। ଷଡ଼ଙ୍ଗ ସଂସ୍କାର ମାଧ୍ୟମରେ ମହାପ୍ରସାଦ ଠାକୁରଙ୍କୁ ଅର୍ପଣ କରାଯାଏ। ଶ୍ରୀମନ୍ଦିରରେ ଯେଉଁ ମହାପ୍ରସାଦ ପ୍ରସ୍ତୁତ କରାଯାଏ ଶାସ୍ତ୍ରାନୁସାରେ ତାହାକୁ ମହାଲକ୍ଷ୍ମୀ ନିଜେ ପ୍ରସ୍ତୁତ କରିଥା'ନ୍ତି। ଏହି ମହାପ୍ରସାଦ କଣିକାଏ ପାଇଲେ ଜୀବ ମୁକ୍ତି ଲାଭ କରେ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ମହାପ୍ରସାଦ ଲାଗି ହେବା ପରେ ଭକ୍ତମାନେ ଏହାକୁ ପାଇବା ଲାଗି ଚାହିଁ ରହିଥାନ୍ତି। ମହାପ୍ରସାଦ ପ୍ରତି ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ରହିଛି। ମହାପ୍ରସାଦକୁ ଅନ୍ନବ୍ରହ୍ମ ବୋଲି କୁହାଯାଇଥାଏ। କୁହାଯାଇଛି ଭଗବାନଙ୍କୁ ନିନ୍ଦିଲେ ଚଳିବ, କିନ୍ତୁ ତାଙ୍କ କୈବଲ୍ୟକୁ ନିନ୍ଦା କରିବା ଉଚିତ୍ ନୁହେଁ। ଏହିଭଳି ବିଶ୍ୱାସ ଏବଂ ପରମ୍ପରା ସହ ସାମିଲ ମହାପ୍ରସାଦ ପ୍ରତି ଏଭଳି ଅସମ୍ମାନ ଭକ୍ତ ସମାଜକୁ ଗଭୀର ଆଘାତ ପହଞ୍ଚାଇଛି।







## ନିର୍ମାଣକୁ ୧୦ ବର୍ଷ ପୂରିଲା

# କାର୍ଯ୍ୟକ୍ଷମ ହୋଇପାରୁନି ଟିକିରା-ଶ୍ରୀରାମପୁର ବିଜୁ ସେତୁ

ବନ୍ତ/ଆଗରପଡ଼ା,୩୧।୧୨(ସମିସ)

ବିଜୁ ସେତୁ ନିର୍ମାଣକୁ ୧୦ ବର୍ଷ ପୂରିଲା। ଆପ୍ରୋଚ୍ ରୋଡ୍‌କୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ହୋଇ ସାରିଥିଲେ ସୁଦ୍ଧା ଗ୍ରାମବାସୀଙ୍କ ଅସହଯୋଗ ଯୋଗୁଁ କାର୍ଯ୍ୟକ୍ଷମ ହୋଇପାରୁନି ବିଜୁ ସେତୁ। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍ ଆଗରପଡ଼ାସ୍ଥିତ ଟିକିରା-ଶ୍ରୀରାମପୁର ଗ୍ରାମକୁ ସଂଯୋଗୀକରଣ ନିମନ୍ତେ ସାଳନ୍ଦୀ ନଦୀ ଉପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ବିଜୁ ସେତୁ କ୍ଷେତ୍ରରେ। ଟିକିରା-ଶ୍ରୀରାମପୁର ଅଞ୍ଚଳର ପ୍ରମୁଖ ବ୍ୟାବସାୟିକ କେନ୍ଦ୍ର ଆଗରପଡ଼ା କିନ୍ତୁ ସାଳନ୍ଦୀ ନଦୀ ଏଥି ପାଇଁ ବାଧକ ସୃଷ୍ଟି ହେଉଥିବାରୁ ସ୍ଥାନୀୟ ଜନସାଧାରଣଙ୍କ ଦାବି ଫଳରେ ସ୍ୱର୍ଗତ ତତ୍କାଳୀନ ସାଂସଦ ଅର୍ଜୁନ ଚରଣ ସେଠୀ ଓ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ସହଯୋଗରେ ବିଜୁ ସେତୁ ନିର୍ମାଣ ପାଇଁ ୪ କୋଟି ୨୧ ଲକ୍ଷ ୯୨ ହଜାର ୪୨୦ ଟଙ୍କାର ପ୍ରକଳ୍ପ ମଞ୍ଜୁର ହୋଇଥିଲା। ୨୦୧୬ ଫେବୃଆରୀ ୪ ତାରିଖରେ ନିର୍ମାଣ ହୋଇ ୨୦୧୭ ଅକ୍ଟୋବର ୩ରେ କାର୍ଯ୍ୟ ଶେଷ ହେବାର ଥିଲା। ବିଭିନ୍ନ ସମସ୍ୟାରୁ ଅବଧି ସରିବାର ବହୁ ବିଳମ୍ବରେ ସେତୁ କାର୍ଯ୍ୟ ସମାପ୍ତି ହୋଇଥିଲେ ସୁଦ୍ଧା ରାସ୍ତା ସଂଯୋଗୀକରଣ(ଆପ୍ରୋଚ୍ ରୋଡ୍) ସେତୁ ନିର୍ମାଣରେ ଆଉ ଏକ ସମସ୍ୟା ରୂପେ ଠିଆ ହୋଇଥିଲା। ଉକ୍ତ ସମସ୍ୟାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ଗୋଟିଏ ପାଶ୍ୱର୍ ଆପ୍ରୋଚ୍ ରୋଡ୍ ସମସ୍ୟାର ସମାଧାନ ହୋଇ ଗତ ବର୍ଷ ୨୦୨୨ ଏପ୍ରିଲ ମାସରେ ଏହାର ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଥିଲା କିନ୍ତୁ ଅନ୍ୟ ଏକ ପାଶ୍ୱର୍ ଆପ୍ରୋଚ ରୋଡ୍ ସମସ୍ୟାର ସମାଧାନ ହୋଇପାରୁ ନ ଥିବାରୁ ଏହାର ନିର୍ମାଣ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ସମସ୍ୟାର ସମାଧାନ ଯଥା ଶୀଘ୍ର କରିବା ପାଇଁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।



## ● ବୋରିଂ କରି କାମ ଛାଡ଼ି ଠିକାଦାର ଛୁ

# ବ୍ରାହ୍ମଣୀପାଳରେ ଚାଷୀଙ୍କ ଆଶା ଅଧୂରା

ଅସୁରାଳି,୩୧।୧୨(ସମିସ): ଧାମନଗର ବ୍ଲକ୍‌ର ବ୍ରାହ୍ମଣୀପାଳ ଅଞ୍ଚଳରେ ଚାଷୀଙ୍କ ଜଳାଭାବ ଦୂର କରିବା ପାଇଁ ୩ କୋଟିରୁ ଊର୍ଦ୍ଧ୍ୱ ଅଧିକ ଟଙ୍କା ବ୍ୟୟରେ ସ୍ଲୁଇସ୍ ଗେଟ୍ ନିର୍ମାଣ ପ୍ରକଳ୍ପ ଆରମ୍ଭ ହୋଇଥିଲା। ମେ' ୨୦୨୫ରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କିନ୍ତୁ ୬ ମାସ ହେଲାଣି, ନିର୍ମାଣ କାର୍ଯ୍ୟ ବୋରିଂରେ ସୀମିତ ରହିଗଲା। ଠିକାଦାର ଓ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାମ ଅଚଳ ହୋଇପଡ଼ିଛି। ଗେଙ୍ଗୁଟି ନାଳର କଣ୍ଟିଆଠାରେ ନିର୍ମିତ ହେଉଥିବା ସ୍ଲୁଇସ୍ ଗେଟ୍ ଦ୍ୱାରା ନଦୀଗାଁ, ଭଟ ସାହି, ସାହାସପୁର, ବମକୁରା, ରହିପୁର, ପାଳସାହି ପ୍ରମୁଖ ପଞ୍ଚାୟତର ୨୦୦୦ ହେକ୍ଟର ଜମିର ୨୦ ହଜାର ଚାଷୀ ଉପକୃତ ହେବାର ଆଶା ଥିଲା। କିନ୍ତୁ କାମ ଅଧାରେ ରହିଯାଇଥିବାରୁ ଚାଷୀମାନେ ହତାଶ। ଏବେ ନଦୀରେ ବନ୍ୟା ଆସିବାରୁ ପ୍ରକଳ୍ପ ସ୍ଥଳର ଚତୁଃପାର୍ଶ୍ୱ ଧସିଯାଇଛି। ଜଳସେଚନ ବିଭାଗ ବାଉଁଶ ଓ ବାଲି ବସ୍ତା ଦ୍ୱାରା ସୁରକ୍ଷା କାମ କରୁଛି। କିନ୍ତୁ ଏହାକୁ ନିମ୍ନମାନର କାର୍ଯ୍ୟ ବୋଲି ଅଭିଯୋଗ ଉଠିଛି। ବାହାରବିଲ, ବ୍ରାହ୍ମଣୀପାଳ ଗାଁ ସହିତ ବି.ବି. ହାଇସ୍କୁଲ ଓ ପ୍ରାଇମେରୀ ସ୍କୁଲ ୨ଟି ନଦୀରେ ଲୀନ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରକଳ୍ପର ଅଗ୍ରଗତି ପାଇଁ ପ୍ରଶାସନ ଓ ନିର୍ମାଣ ବିଭାଗର ଦୃଢ଼ ପଦକ୍ଷେପ ଆବଶ୍ୟକ। ଯନ୍ତ୍ରୀ ବିମଳ ବେହେରା କହିଛନ୍ତି, ସେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବାରୁ ଆଗାମୀ ଦିନରେ ପ୍ରକଳ୍ପରେ ପଦକ୍ଷେପ ନିଆଯିବ। ବୈତରଣୀ ସୁରକ୍ଷା ମଞ୍ଚର ସଭାପତି ସନ୍ତୋଷ ରାୟ କହିଛନ୍ତି, ତୁରନ୍ତ କାର୍ଯ୍ୟ ନ ସାରିଲେ ଆନ୍ଦୋଳନକୁ ଓହ୍ଲାଇବେ।



# ଅପର୍ତ୍ତିବିନ୍ଧା ଛକଠାରୁ ଶନିମନ୍ଦିର ରାସ୍ତା ଉନ୍ନତୀକରଣର ଭିତ୍ତିପ୍ରସ୍ତର ସ୍ଥାପନ

ଭଦ୍ରକ,୩୧।୧୨(ସମିସ): ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିରେ 'ଅଟଳ ମାର୍ଗ' ନାମକରଣରେ ଭଦ୍ରକ ସହରର ଅପର୍ତ୍ତିବିନ୍ଧା ଛକଠାରୁ ଶନିମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣର ଶୁଭ ଭିତ୍ତିପ୍ରସ୍ତରର ଶୁଭ ଉଦ୍‌ଘାଟନ କରିଛନ୍ତି ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଏହି ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ, ଭଦ୍ରକ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଦେବୀପ୍ରସନ୍ନ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଭିତ୍ତିପ୍ରସ୍ତର ସ୍ଥାପନ ପରେ ଅତିଥିମାନେ ସଭାସ୍ଥଳ ନିକଟରେ ଥିବା ଅଟଳବିହାରୀ ବାଜପେୟୀଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ ପରେ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ସ୍ୱାଗତ ଭାଷଣ ଦେବା ପ୍ରସଙ୍ଗରେ ଏଭଳି ଏକ ମହତ୍ୱପୂର୍ଣ୍ଣ ପ୍ରକଳ୍ପରେ ଉପସ୍ଥିତ ଯେଉଁ ଅତିଥିମାନଙ୍କ ଅବଦାନ ରହିଛି, ତାହାକୁ ପ୍ରଶଂସା କରିଥିଲେ। ଏହି ପ୍ରକଳ୍ପ ନିର୍ମାଣରେ ଭଦ୍ରକ ସହରବାସୀଙ୍କ ସହଯୋଗକୁ ସ୍ୱାଗତ କରିଥିଲେ। ଏହାପରେ ଭଦ୍ରକ ବିଧାୟକ ଶ୍ରୀ ମହାପାତ୍ର ନିଜ ଭାଷଣ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ସରକାରରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଉପରୋକ୍ତ ପ୍ରକଳ୍ପ ନିର୍ମାଣ ଜନିତ ଉଚ୍ଛେଦ ପ୍ରକ୍ରିୟାରେ ସହରବାସୀଙ୍କ ସହଯୋଗକୁ ସ୍ୱାଗତ କରି ସମସ୍ତଙ୍କୁ ପୁରୁଣା ବସ୍‌ଷ୍ଟାଣ୍ଡ ଓ ଚରମ୍ପା ଓଏସ୍‌ଆରଟିସି ସ୍ଥାନରେ ଥଇଥାନ କରାଯିବ ବୋଲି କହିଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ନିଜ ଭାଷଣ ପ୍ରସଙ୍ଗରେ ୧୭ କୋଟି ୫୪ ଲକ୍ଷ ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଏହି ୬ଟି ପ୍ୟାଚ୍ ଯୁକ୍ତ ରାସ୍ତାରେ ଫୁଡ୍ କୋର୍ଟ, ପାର୍କିଂ ଓ ମଲ୍ ଭଳି ବହୁ ବ୍ୟବସ୍ଥା ରହିବା ସହ ସହରକୁ ସୌନ୍ଦର୍ଯ୍ୟକରଣ କରିବା ସହ ଏହାକୁ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଅଟଳ ଜୀଙ୍କ ନାମରେ ନାମିତ କରିବା ନିଶ୍ଚିତ ଭାବେ ଗୌରବର ବିଷୟ ବୋଲି କହିଥିଲେ।



# ପୁରାତନ କାନ୍ତ ସାହିତ୍ୟ ପରିଷଦର ନୂତନ କର୍ମକର୍ତ୍ତା

ଧାମନଗର,୩୧।୧୨(ସମିସ): ଧାମନଗରର ସର୍ବପୁରାତନ ଅନୁଷ୍ଠାନ କାନ୍ତ ସାହିତ୍ୟ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଗତ ଶନିବାର ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କାନ୍ତ ସାହିତ୍ୟ ସଭାପତି ରସାନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଏଥିରେ ବ୍ୟାପକ ଆଲୋଚନା ପରେ ନୂତନ କର୍ମକର୍ତା ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ସଭାପତି ଭାବେ ଶିକ୍ଷାବିତ୍ ମହେଶ୍ୱର ସ୍ୱାଇଁ, ଉପସଭାପତି ଭାବେ ଅଭିମନ୍ୟୁ ମଲ୍ଲିକ, ହୃଦାନନ୍ଦ କର, ସଧାରଣ ସମ୍ପାଦକ ପ୍ରଧାନଶିକ୍ଷକ ମନୋଜ କୁମାର ସିଂହ, ସହସମ୍ପାଦକ ଭାବେ ସନ୍ତୋଷ କୁମାର ପାଢ଼ୀ, କୁଳମଣି ବେହେରା ଓ କୋଷାଧ୍ୟକ୍ଷ ଭାବେ ଭାବଗ୍ରାହୀ ଖୁଣ୍ଟିଆ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଦସ୍ୟ ଭାବେ ପ୍ରଦୀପ କୁମାର ମହାପାତ୍ର, ସୁଶାନ୍ତ ରାଉତ, ସୁଧୀର ନାୟକ, ରଜତ ପଣ୍ଡା, ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଅନିଲ ବାରିକ, ରସାନନ୍ଦ ମହାପାତ୍ର, ଶଚିକାନ୍ତ ପଣ୍ଡା, ନିରାକାର ଧଳ ଓ ସୁରେନ୍ଦ୍ର ସେଠୀଙ୍କୁ ଚୟନ କରାଯାଇଛି। ଏହି କର୍ମକର୍ତ୍ତା ଆଗମୀ ୩ ବର୍ଷ ପାଇଁ କାର୍ଯ୍ୟ କରିବେ ସୂଚନା ମିଳିଛି। ବରିଷ୍ଠ ସଦସ୍ୟ ରାଧେଶ୍ୟାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଘୁଣ୍ଟଙ୍କୁ ମିଳିଲା ରାସନ ସାମଗ୍ରୀ

ଦୋଳସାହି,୩୧।୧୨(ସମିସ): ତିହିଡ଼ି ବ୍ଲକ୍ ଅଧୀନ ଜଣେ ବୟସ୍କ ବ୍ୟକ୍ତିଙ୍କୁ ତାଙ୍କର ଚକ୍ଷୁ ସ୍କାନ୍ ହୋଇପାରୁ ନ ଥିବାରୁ ତାଙ୍କୁ ରାସନ ଚାଉଳ ପ୍ରଦାନ କରାଯାଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ସରକାରୀ ଭାବେ କାଗଜପତ୍ର କରାଇବା ପରେ ସେ ଘରେ ବସି ରାସନ ଚାଉଳ ପାଉଥିବା ନେଇ ସାଧାରଣରେ ଅଲୋଚନା ହେଉଛି। ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବାରୁ ତାଙ୍କୁ ଏହି ସହାୟତା ମିଳିଥିବାରୁ ବିଭିନ୍ନ ମହଲରେ ସକାଳକୁ ପ୍ରଶଂସା କରାଯାଇଛି। ସୂଚନାଯୋଗ୍ୟ, ଗୁଆମାଳ ପଞ୍ଚାୟତର ୭ ନମ୍ବର ୱାର୍ଡର ବୃଦ୍ଧ ଘୁଣ୍ଟ ଜେନାଙ୍କୁ ୧ ବର୍ଷ ତଳେ ତାଙ୍କର ଆଖି ସ୍କାନ୍ ହୋଇପାରୁ ନ ଥିବାରୁ ତାଙ୍କୁ ଡିଲର ଚାଉଳ ଦେବାକୁ ମନା କରିଥିଲେ। ଏଥିସହ ଚାଉଳ ପାଇବା ପାଇଁ ଜନପ୍ରତିନିଧିଙ୍କ ତରଫରୁ ସହଯୋଗ ନ କରିବା ନେଇ ଆମ ପ୍ରତିନିଧିଙ୍କଠାରେ ଅଭିଯୋଗ କରିଥିଲେ ଘୁଣ୍ଟ ଜେନା। ତାଙ୍କୁ ଚାଉଳ ପ୍ରଦାନ ପାଇଁ ଆମ ପ୍ରତିନିଧିଙ୍କ ପକ୍ଷରୁ ତିହିଡ଼ି ବ୍ଲକ୍ ଯୋଗାଣ ବିଭାଗ ଅଧିକାରୀ ପ୍ରିତିଶ ସାମଲଙ୍କ ପାଖରେ ଅଭିଯୋଗ କରିଥିଲେ। ଯୋଗାଣ ବିଭାଗ ଅଧିକାରୀ ପ୍ରିତିଶ ସାମଲ ତାଙ୍କୁ ଚାଉଳ ତାଙ୍କର ନାତୁଣୀ ବୋହୂକୁ ପ୍ରଦାନ କରିବାକୁ ସରକାରୀ ଭାବେ କାଗଜପତ୍ର ପ୍ରସ୍ତୁତ କରିଥିଲେ। ତାଙ୍କ ସମସ୍ୟାର ସମାଧାନ ହୋଇଥିବାରୁ ସାଧାରଣରେ 'ସକାଳ'କୁ ପ୍ରଶଂସା କରାଯାଇଛି।




# ଜିଲ୍ଲାସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୩୧।୧୨(ସମିସ): ଜାତୀୟ ଉପଭୋକ୍ତା ଦିବସ ଅବସରରେ ଭଦ୍ରକ ବୈଧ ମାପ ବୈଜ୍ଞାନିକଙ୍କ କାର୍ଯ୍ୟାଳୟ ଏବଂ ଆଇନ ମାପନ (ଲିଗାଲ ମେଟ୍ରୋଲୋଜି) ବିଭାଗର ସହଯୋଗରେ ଏକ ଜିଲ୍ଲାସ୍ତରୀୟ ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। 'ଜାଗୋ ଗ୍ରାହକ ଜାଗୋ' ଅଭିଯାନ ଅନ୍ତର୍ଗତ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉପଭୋକ୍ତାମାନଙ୍କୁ ନିଜ ଅଧିକାର, ସୁରକ୍ଷା ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ କରିବା। କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ସଠିକ୍ ଓଜନ ଓ ମାପ ବ୍ୟବହାର, ଏମ୍‌ଆର୍‌ପି ଯାଞ୍ଚ, ମାନକ ଚିହ୍ନିତ ସାମଗ୍ରୀ କ୍ରୟ ଓ ରସିଦ୍ ଗ୍ରହଣର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ ସଚେତନ ଉପଭୋକ୍ତା ହେଲେ ବଜାରରେ ଅନ୍ୟାୟ ଓ ଠକେଇକୁ ରୋକାଯାଇପାରିବ। ବକ୍ତାମାନେ ଆହୁରି କହିଥିଲେ ଯେ ବୈଧ ମାପ ବୈଜ୍ଞାନିକ ବିଭାଗ ଦ୍ୱାରା ନିୟମିତ ଭାବେ ଓଜନ ଓ ମାପ ଯାଞ୍ଚ କରାଯାଇ ଉପଭୋକ୍ତାଙ୍କ ସ୍ୱାର୍ଥ ସୁରକ୍ଷିତ କରାଯାଉଛି। ନ୍ୟାସନାଲ କନ୍‌ଜ୍ୟୁମର ହେଲପ୍ ଲାଇନ୍ ପୋର୍ଟାଲ ମାଧ୍ୟମରେ ଉପଭୋକ୍ତା ଅଭିଯୋଗ ଦାଖଲ ଓ ଶୀଘ୍ର ନିଷ୍ପତ୍ତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭଦ୍ରକ ଓଜନ-ମାପ ବିଭାଗ ଡେପୁଟି କଣ୍ଟ୍ରୋଲର ପ୍ରିୟବ୍ରତ ଜେନା, ବିଭାଗର ଓ କର୍ମଚାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମଧୁସ୍ମିତା ମହାପାତ୍ର, ଗଣମାଧ୍ୟମ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।




# ପୋଡ଼ିହୋଇ ମହିଳା ମୃତ

ଅସୁରାଳି,୩୧।୧୨(ସମିସ): ଧୂଷୁରୀ ଥାନା ଅଧୀନ ବମକୁରା ଗାଁରେ ମଙ୍ଗଳବାର ରାତିରେ ଗ୍ୟାସ୍ ଲିକ୍ ହୋଇ ପୋଡ଼ିହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ବାସୁଦେବ ମିଶ୍ରଙ୍କ ପତ୍ନୀ ଲିଜାରାଣୀ ପଣ୍ଡା (୨୬) ଘରେ ରୋଷେଇ କରୁଥିବା ସମୟରେ ଗ୍ୟାସ୍ ଟାଙ୍କିରୁ ଗ୍ୟାସ୍ ଲିକ୍ ହେବାରୁ ତାଙ୍କ ଦେହରେ ନିଆଁ ଲାଗିଥିଲା। ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ଦେହ ଜଳିଯାଇଥିବାରୁ ସେ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଖବର ପାଇ ଧୂଷୁରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ୪୬/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ଯାଜପୁରସ୍ଥିତ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା। ଘଟଣାରେ ସମଗ୍ର ବମକୁରା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଲିଜାଙ୍କର ବର୍ଷକର ଏକ ପୁତ୍ର ସନ୍ତାନ ଅଛି।

## ● ଥରୁଛି ଧାମନଗର; ଜନଜୀବନ ଅସ୍ତବ୍ୟସ୍ତ

# ଶୁଲୁଶୁଲିଆ ପବନ ସାଙ୍ଗକୁ ହାଡ଼ଭଙ୍ଗା ଶୀତ

ଧାମନଗର,୩୧।୧୨(ସମିସ): ଧାମନଗର ବ୍ଲକ୍ ଓ ଏନ୍‌ଏସି ଅଞ୍ଚଳରେ ଶୀତର ପ୍ରକୋପ ତୀବ୍ର ହେବାରେ ଲାଗିଛି। ସହରାଞ୍ଚଳରେ ଏବେ ଶୁଲୁଶୁଲିଆ ପବନ ସାଙ୍ଗକୁ ହାଡ଼ଭଙ୍ଗା ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହେଉଥିବାବେଳେ ପ୍ରବଳ କୁହୁଡ଼ି ଅନୁଭୂତ ହେଉଛି। ବାୟୁମଣ୍ଡଳରେ କୁହୁଡ଼ି ଆଚ୍ଛାଦିତ ହେବା ଯୋଗୁଁ ଦିନତମାମ ସୂର୍ଯ୍ୟ ଦେବତାଙ୍କ ତାପ ମଧ୍ୟ ହ୍ରାସ ପାଉଛି। ଅପରାହ୍ଣ ୩ଟା ପରେ ଧୀରେ ଧୀରେ ଶୀତ ଲହରୀ ଆରମ୍ଭ ହେଉଥିବାବେଳେ ରାତିରେ ଏହା ଅତ୍ୟଧିକ ଶୀତ ବୃଦ୍ଧି ପାଉଛି। ଭୋର୍ ସମୟରେ ଅତ୍ୟଧିକ କୁହୁଡ଼ି ସାଙ୍ଗକୁ ଶୀତର ପ୍ରକୋପ ଲୋକଙ୍କୁ କୋଲୁଆ କରୁଛି। ପ୍ରବଳ ଶୀତ ଯୋଗୁଁ ସନ୍ଧ୍ୟା ୭ଟା ପରେ ବ୍ୟବସାୟ କ୍ଷେତ୍ରରେ ପୂରା ମାନ୍ଦାବସ୍ଥା ଦେଖାଦେଇଛି। ସହରାଞ୍ଚଳ ଅଧୀନ ବିଜୁ ପଟ୍ଟନାୟକ ଓ ସାନ ଏବଂ ବଡ଼ ବଜାର ଛକ, ସେପଟେ ଜୟନଗର ଛକ, ଚୁନୁପଡ଼ା ଛକ, ବ୍ଲକ୍ ବଜାର, ମେଡିକାଲ ବଜାର, ଶାମପୁର ନାୟକ ସାହି ଆଦି ବିଭିନ୍ନ ସ୍ଥାନ ଓ ଛକ ବଜାରରେ ଲୋକଙ୍କ ସମାଗମ ପରିଲକ୍ଷିତ ହେଉନାହିଁ। ସେହିପରି ସକାଳ ପ୍ରାୟ ୯ଟା ପରେ ଲୋକେ ବଜାରକୁ ଆସୁଛନ୍ତି। ଅସହ୍ୟ ଶୀତରୁ ସାମାନ୍ୟ ଆଶ୍ୱସ୍ତ ପାଇବା ପାଇଁ ଗାଁ ଗହଳି ଓ ବଜାର ଘାଟରେ ନିଆଁ ଜାଳି ପିଲାଠାରୁ ବୁଢ଼ାବୁଢ଼ୀ ଯାଏଁ ସମସ୍ତେ ସେକି ହେଉଥିବା ଦେଖିବାକୁ ମିଳିଛି। ଆଗାମୀ ଜାନୁଆରୀ ୧୦ରୁ ୧୫ ତାରିଖ ପର୍ଯ୍ୟନ୍ତ ଶୀତ ଲହରୀ ବ୍ୟାପକ ହେବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# କାର୍ଯ୍ୟକ୍ଷମ ହୋଇପାରୁନି ତିହିଡ଼ି ମିନି ଷ୍ଟାଡିୟମ୍



ଦୋଳସାହି,୩୧।୧୨(ସମିସ): ତିହିଡ଼ି ବ୍ଲକ୍‌ର ଏକମାତ୍ର ମିନି ଷ୍ଟାଡିୟମ୍ ନିର୍ମାଣକୁ ଦୀର୍ଘ ବର୍ଷ ବିତିଯାଇଥିଲାବେଳେ ଅଦ୍ୟାବଧି ଏହି ମିନି ଷ୍ଟାଡିୟମ୍ କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ନେଇ ବୁଦ୍ଧିଜୀବୀ ଓ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ତିହିଡ଼ି ବ୍ଲକ୍ ଭାଟପଡ଼ା ପଞ୍ଚାୟତରେ ଖେଳ ପାଇଁ ଦୀର୍ଘ ବର୍ଷ ପୂର୍ବରୁ ସରକାରଙ୍କ ପକ୍ଷରୁ ନିର୍ମାଣ ହୋଇଥିବା ମିନି ଷ୍ଟାଡିୟମ୍ ଖତ ଖାଉଥିବା ଦେଖିବାକୁ ମିଳୁଥିବାବେଳେ ଏହି ଖେଳ ଷ୍ଟାଡିୟମ୍ ପରିସର ଅନାବନା ଗଛର ଜଙ୍ଗଲମୟ ହୋଇଥିବା ଦେଖିବାକୁ ମିଳୁଛି। ସରକାର ବିଭିନ୍ନ ଧରଣର ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଷ୍ଟାଡିୟମ୍ ନିର୍ମାଣ କରି କୋଟି କୋଟି ଟଙ୍କା ବ୍ୟୟବରାଦ କରୁଥିବାବେଳେ ଏହି ମିନି ଷ୍ଟାଡିୟମ୍ କାର୍ଯ୍ୟକ୍ଷମ ହୋଇ ନ ପାରିବା ନେଇ ଖେଳାଳିମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଖୋଦ୍ ଜିଲ୍ଲାର ବିଧାୟକ ଏବେ କ୍ରୀଡ଼ା ବିଭାଗର ମନ୍ତ୍ରୀ ଥିବାବେଳେ ତୁରନ୍ତ ଏହି ମିନି ଷ୍ଟାଡିୟମ୍ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି।

# ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା

ବାରିକପୁର,୩୧।୧୨(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରାଢୋସ୍ଥିତ ରହଣିଆ ପ୍ରାଥମିକ କୃଷି ସମବାୟ ସମିତିର ୫୮ତମ ବାର୍ଷିକ ସାଧାରଣ ସଭା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ସଭାପତି ସାଗର ରଞ୍ଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ ଯୋଗଦେଇ ସମିତିର ଆଭିମୁଖ୍ୟ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ପରିଚାଳନା ପରିଷଦ ସଭ୍ୟ ରଞ୍ଜନ କୁମାର ବେଉରିଆ, ନିତ୍ୟାନନ୍ଦ ନାୟକ, ବିଦ୍ୟାଧର ସେନାପତି, ଶିଶିର କୁମାର ନାୟକ, ସିଦ୍ଧନାଥ ଦାଶ, ପ୍ରଶାନ୍ତ ରାଉତ, ବସନ୍ତ ମାଝୀ, ସତ୍ୟଜିତ୍ ରାଉତ, ବିନ୍ଦୁଶ୍ରୀ କୁଅଁର, ବିଳାସ ଚନ୍ଦ୍ର ଧଳ, ଧନେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ରହି ସମିତି ପରିଚାଳନା ସମ୍ପର୍କରେ ବିଭିନ୍ନ ମତ ଦେଇଥିଲେ। ଏହାଛଡ଼ା ଚାଷୀ ପ୍ରଦୀପ ସାମଲ, ନରେନ୍ଦ୍ର ରାଉତ, ନିରଞ୍ଜନ କୁଅଁର, ପ୍ରଫୁଲ୍ଲ ଦାସ, ବିମ୍ବାଧର ଖଟୁଆ, ଆନନ୍ଦ ବିଶ୍ୱାଳ, ଚିରଞ୍ଜିବୀ ନାୟକ ପ୍ରମୁଖ ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଶ୍ରେଷ୍ଠ ଜମାକାରୀ ଓ ଶ୍ରେଷ୍ଠ ଋଣ ଆଦାନପ୍ରଦାନ କରୁଥିବା ୧୦ ଜଣ ବ୍ୟକ୍ତିବିଶେଷଙ୍କୁ ସମିତି ପରିଚାଳନା ପରିଷଦ ପକ୍ଷରୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସମବାୟ ସମ୍ପାଦକ ସନ୍ତୋଷ କୁମାର ଦାସ ବାର୍ଷିକ ବିବରଣୀ ପାଠ ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସମିତି ଅଧୀନସ୍ଥ ୩୦୦ରୁ ଅଧିକ ଚାଷୀ ଯୋଗଦେଇଥିଲେ। ବାର୍ଷିକ ସଭାକୁ ସମିତି ସହକାରୀ ସମ୍ପାଦକ ନୀଳମଣି ସାମଲ, କର୍ମଚାରୀ ଓଙ୍କାର ବାରିକ, ହୁରେନ୍ଦ୍ର ଜେନା, ଯଶୋବନ୍ତ ବିନ୍ଧାଣି ପ୍ରମୁଖ ପରିଚାଳନା କରିଥିଲେ।

## ଦ୍ୱାଦଶ ଦିନରେ ଧାରଣା ଜାରି; ଆଲୋଚନା ବିଫଳ

# ଜିଦ୍‌ରେ ଅଟଳ ଆଶାକର୍ମୀ

ବାରିକପୁର,୩୧।୧୨(ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିବାଦୀୟ ବ୍ଲକ୍ ପ୍ରୋଗ୍ରାମ ମ୍ୟାନେଜର ରଶ୍ମିରେଖା ପୃଷ୍ଟିଙ୍କ ପୁନଃନିଯୁକ୍ତିକୁ ବିରୋଧ ଓ ବଦଳି ଦାବିକରି ଦୀର୍ଘ ୧୨ ଦିନ ହେଲା ଆଶାକର୍ମୀମାନେ ମେଡିକାଲ ସମ୍ମୁଖ ରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି। ଏଠାରେ ସୂଚିତ ବିଭିନ୍ନ ଅଭିଯୋଗ ଆଧାରରେ ଗତ ନଭେମ୍ବର ୧୧ ତାରିଖରେ ବିପିଏମ୍‌ଙ୍କ ତିହିଡ଼ି ମେଡିକାଲକୁ ବଦଳି ହୋଇଥିଲା। ସେଠାରେ ତୀବ୍ର ବିରୋଧ କାରଣରୁ ସେ କାର୍ଯ୍ୟରେ ଯୋଗଦେଇପାରି ନ ଥିଲେ। ପରେ ପ୍ରଶାସନିକ ଷଡ଼ଯନ୍ତ୍ର ଅନୁଯାୟୀ, ତାଙ୍କୁ ପୁଣିଥରେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତି ଦିଆଯାଇଛି। ଏହାକୁ ଶତାଧିକ ଆଶାକର୍ମୀ ତୀବ୍ର ବିରୋଧ କରି ଶାନ୍ତିପୂର୍ଣ୍ଣ ଗଣଧାରଣା ଆରମ୍ଭ କରିଥିବାବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ସେମାନଙ୍କୁ ମେଡିକାଲ ପରିସରରୁ ବାହାରକୁ ତଡ଼ିଥିବା ଅଭିଯୋଗ ହୋଇଛି। ତେଣୁ ଆଶାକର୍ମୀମାନେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଧାରଣା ଜାରି ରଖିଛନ୍ତି। ବୁଧବାର ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ସୁଧୀରଞ୍ଜନ ନାୟକ ଓ ଡା. ସରୋଜ ରାଉଳ ଆନ୍ଦୋଳନକାରୀ ପ୍ରତିନିଧି ଓ ସଂଗଠନର ରାଜ୍ୟ ନେତୃତ୍ୱଙ୍କ ଉପସ୍ଥିତିରେ ଆଲୋଚନା କରିଥିଲେ। ଦୀର୍ଘ ସମୟ ଆଲୋଚନା ପରେ ବିପିଏମ୍‌ଙ୍କ ବଦଳି ବିନା ଆନ୍ଦୋଳନ ପ୍ରତ୍ୟାହୃତ ହେବ ନାହିଁ ବୋଲି ସଂଘ ପକ୍ଷରୁ ଚରମ ବାଣୀ ଶୁଣାଇ ଦିଆଯାଇଛି। ଏପରିକି ଆଶାକର୍ମୀମାନେ କାର୍ଯ୍ୟ କରିବେ ନାହିଁ ବୋଲି କୁହାଯାଇଛି। ରାଜ୍ୟ ଉପସଭାପତି ସୁରେଶ ସ୍ୱାଇଁ, ଜିଲ୍ଲା ସଂଯୋଜକ ନାରାୟଣ ପାତ୍ର, ଜିଲ୍ଲା ନେତ୍ରୀ ପଦ୍ମିନୀ ପଣ୍ଡା, ଅନ୍ନପୂର୍ଣ୍ଣା ବେହେରା, ମମତା ବାରିକ, ଶୋଭାମଣି ମହାପାତ୍ର, ଶକୁନ୍ତଳା ଜେନା, ପ୍ରତିମା ସାମଲ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



# ଭଦ୍ରକରେ ଜାତୀୟସ୍ତରୀୟ ବାଣିଜ୍ୟ ମେଳା ଉଦ୍‌ଯାପିତ

ଭଦ୍ରକ,୩୧।୧୨(ସମିସ)

ଭଦ୍ରକ ଜାତୀୟସ୍ତରୀୟ ବାଣିଜ୍ୟ ମେଳାର ୨୦୨୫ ସଂସ୍କରଣ ସଫଳ ହୋଇଛି। ଭଦ୍ରକ ଅଞ୍ଚଳର ବ୍ୟବସାୟୀମାନଙ୍କ ପାଇଁ ଏହି ମେଳା ଏକ ବଡ଼ ସୁଯୋଗ। ରାଜ୍ୟ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ପକ୍ଷରୁ ଏହା ଏକ ବଡ଼ ପଦକ୍ଷେପ। ଫର୍ଣ୍ଣିଚରଠାରୁ ଆରମ୍ଭ କରି ହସ୍ତଶିଳ୍ପ ପର୍ଯ୍ୟନ୍ତ ଓ ଅନ୍ୟ ଫୁଡ୍ ଓ କୃଷିଜାତ ସାମଗ୍ରୀ ଏଠାରେ ଉପଲବ୍ଧ ହୋଇଛି। ବିଶେଷକରି ଭଦ୍ରକ ଜିଲ୍ଲା ଜନସାଧାରଣ ଶୀତ କାକରକୁ ଭ୍ରୂକ୍ଷେପ ନ କରି ଏହି ମେଳାକୁ ଆସି ଯେଭଳି ଭାବେ ଖରିଦ ବିକ୍ରି କରିଛନ୍ତି, ତାହା ସ୍ୱାଗତଯୋଗ୍ୟ। ଭଦ୍ରକ ଅଞ୍ଚଳର ସ୍ୱଦେଶୀ ପ୍ରଥାକୁ ପ୍ରୋତ୍ସାହନ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରି ବାଣିଜ୍ୟ ମେଳାର ସମସ୍ତ ଆୟୋଜକଙ୍କ ଏଭଳି ଉଦ୍ୟମକୁ ପ୍ରଶଂସା କରିଛନ୍ତି ମୁଖ୍ୟ ଅତିଥି ତଥା ଉଚ୍ଚଶିକ୍ଷା, ଯୁବ ବ୍ୟାପାର, କ୍ରୀଡ଼ା, ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ସଂସ୍ଥା ଓସ୍‌ମେ ଏବଂ ବିବିଏମ୍‌ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଶୀତୁଆ ସନ୍ଧ୍ୟାର ଏହି ଉଦ୍‌ଯାପନୀ ଉତ୍ସବରେ ଓସମେର ଉପସଭାପତି ରାଜେଶ ମିଶ୍ର ମଞ୍ଚ ଆମନ୍ତ୍ରଣ କରିଥିବାବେଳେ ଓସ୍‌ମେର ସଭାପତି ସୁରଜ କୁମାର ସାହୁ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ପୁରୀ ଶ୍ରୀଚୈତନ୍ୟ ଆଶ୍ରମର ସମ୍ପାଦକ ତ୍ରିଦାଣ୍ଡୀ ସ୍ୱାମୀ ଭକ୍ତି ବଲ୍ଲଭାଚାର୍ଯ୍ୟ ମହାରାଜ, କଟକ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓର ସହ ନିର୍ଦ୍ଦେଶକ ଶିବାନନ୍ଦ ନାୟକ, ରାଜ୍ୟ ଓସ୍‌ମେର ସମ୍ପାଦକ ସାତ୍ତ୍ୱିକ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିବିଏମ୍‌ର ସଭାପତି ସୁଶାନ୍ତ କୁମାର ନାୟକ, ବିବିଏମ୍‌ର ସମ୍ପାଦକ ମନୋଜ କୁମାର ରାୟ, ବିବିଏମ୍‌ର ପୃଷ୍ଠପୋଷକ ଶଶିଶେଖର ବେହେରା ପ୍ରମୁଖ ଯୋଗଦେଇ ଏହି ବାଣିଜ୍ୟ ମେଳାକୁ ଆସିଥିବା ରାଜ୍ୟ ଓ ରାଜ୍ୟ ବାହାର ବ୍ୟବସାୟୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏଠାକୁ ୭ ଦିନ ଧରି ଆସୁଥିବା ଜିଲ୍ଲାବାସୀଙ୍କୁ ସାଧୁବାଦ ଜଣାଇଥିଲେ। ଶେଷରେ ବିବିଏମ୍‌ର ପୃଷ୍ଠପୋଷକ ବସନ୍ତ କୁମାର ରାଉତ ଧନ୍ୟବାଦ ଦେଇଥିଲେ।



# ଶିକ୍ଷୟିତ୍ରୀ ଆତ୍ମହତ୍ୟା: ଅଭିଯୁକ୍ତ ପ୍ରେମିକ ଗିରଫ

ପଟ୍ଟାମୁଣ୍ଡାଇ,୩୧।୧୨(ସମିସ)

ପଟ୍ଟାମୁଣ୍ଡାଇ ବ୍ଲକ ମାଳିପୁର ଗ୍ରାମରେ ଶିକ୍ଷୟିତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଫେରାର ଥିବା ଅଭିଯୁକ୍ତ ପ୍ରେମିକକୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୁଲିସ ମଙ୍ଗଳବାର ଗିରଫ କରିଛି। ମାଳିପୁର ଗ୍ରାମର ମିତାଞ୍ଜଳି ସେନାପତି (୩୩) ନିକଟସ୍ଥ ବନ୍ତ ଗ୍ରାମର ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ବିଦ୍ୟାଳୟର ସ୍କୁଲ ଭ୍ୟାନ ଚଳାଉଥିବା ଲମ୍ବୋଦର ସାହୁ (କାହ୍ନା)ଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମିତାଞ୍ଜଳି ପରିବାର ଲୋକଙ୍କୁ ନ ଜଣାଇ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀରୁ ଲକ୍ଷାଧିକ ଟଙ୍କା ସୁଧରେ ଆଣି ଲମ୍ବୋଦରଙ୍କୁ ଦେଇଥିଲେ। ଏପରିକି ନିଜ ଘରୁ ଲୁଚାଇ ନେଇ ଦୁଇଟି ସୁନାହାର ମୁଥୁଟ ବ୍ୟାଙ୍କରେ ବନ୍ଧକ ରଖି ଲମ୍ବୋଦରଙ୍କ ଟଙ୍କା ଦେଇଥିଲେ। ସୁନା ନିଲାମ ନୋଟିସ ଘରକୁ ଆସିବାରୁ ଘଟଣା ସମ୍ପର୍କରେ ପରିବାର ଲୋକ ମିତାଞ୍ଜଳିଙ୍କୁ ପଚାରିଥିଲେ। ସେ ସମସ୍ତ ଟଙ୍କା ଲମ୍ବୋଦରଙ୍କୁ ଦେଇଥିବା କହିଥିଲେ। ଘଟଣାର କିଛିଦିନ ପରେ ମିତାଞ୍ଜଳି ତାଙ୍କ ମୃତ୍ୟୁ ପାଇଁ କେହି ଦାୟୀ ନୁହନ୍ତି ବୋଲି ଏକ ଚିଠିଲେଖି ବିଷ ପିଇ ଆତ୍ମହତ୍ୟା କରିଥିଲେ। ଫଟୋ ଏବଂ ଭିଡିଓ ଭାଇରାଲ ହେବା ଭୟ ଏବଂ ଲମ୍ବୋଦରଙ୍କ ଶାରୀରିକ ଓ ମାନସିକ ଅତ୍ୟାଚାରସହିନପାରିମିତାଞ୍ଜଳିଆତ୍ମହତ୍ୟାକରିଥିବା ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ଅଭିଯୁକ୍ତଙ୍କ ଗିରଫ ଦାବି କରିଥିଲେ। ତେବେ ମିତାଞ୍ଜଳିଙ୍କ ମୃତ୍ୟୁର ୯ ଦିନ ପରେ ବି ପୁଲିସ ଅଭିଯୁକ୍ତଙ୍କୁ ଗିରଫ ନ କରିବାରୁ ପରିବାର ଲୋକଙ୍କ ସହ ମିତାଞ୍ଜଳି ଉଧାର ଆଣିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଏବଂ ଗ୍ରାମବାସୀ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗତ ଗୁରୁବାର ଥାନା ଘେରଉ କରିବା ସହ ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତା ଅବରୋଧ କରିଥିଲେ। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ରାଜନଗର ଥାନା ଆଇଆଇସି ନରେଶ ଚନ୍ଦ୍ର ସାହୁ ଏବଂ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ୩ ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ପ୍ରତିଶ୍ରୁତି ଅନୁସାରେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଇଆଇସି ବାରିକ ବିଭିନ୍ନ ସ୍ଥାନରେ ଚଢ଼ଉ କରି ମଙ୍ଗଳବାର ବିଳମ୍ବିତ ରାତିରେ ଲମ୍ବୋଦରଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛନ୍ତି।

## ଫୋକସ ଡାନ୍ସ ଏକାଡେମୀର ବାର୍ଷିକ ଉତ୍ସବ




ରାଜନଗର,୩୧।୧୨(ସମିସ): ରାଜନଗର ବ୍ଲକ ଗର୍ଜନପୁରସ୍ଥିତ ତୁଳସୀ ଆଇଡିଆଲ ପବ୍ଲିକ ସ୍କୁଲ ଦ୍ୱାରା ସ୍ଥାପିତ ଫୋକସ ଡ୍ୟାନ୍ସ ଏକାଡେମୀର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ଆଇଡିଆଲ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ଦିବ୍ୟସିଂହ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଏବିଇଓ ବିଜୟକୁମାର ଜେନା, ମୁଖ୍ୟବକ୍ତା ଭାବେ ଓଡ଼ିଶୀ ନୃତ୍ୟଗୁରୁ ଦୀପକକୁମାର ସାହୁ, ସମ୍ମାନିତ ଅତିଥି ଭାବେ କଥାକାର ପ୍ରଦୀପକୁମାର ନାୟକ, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ତବଲା ବାଦକ ବଳରାମ ପରିଡ଼ା ଯୋଗଦେଇ କୁନି ପ୍ରତିଭାମାନଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କ ସଙ୍ଗୀତ, କଳା ଓ ସାଂସ୍କୃତିକ ଭାବନାକୁ ବୃଦ୍ଧିମନ୍ତ କରିବା କ୍ଷେତ୍ରରେ ଫୋକସ ଡାନ୍ସ ଏକାଡେମୀର ଉଦ୍ୟମକୁ ପ୍ରଶଂସା କରିଥିଲେ। ଶିକ୍ଷକ ପ୍ରକାଶ କୁମାର ଭଟ୍ଟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ପ୍ରଭାକର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ନୃତ୍ୟଗୁରୁ ନରେଶ ମଲ୍ଲିକ, ପ୍ରଜ୍ଞାପରମିତା ସେଠୀ, ତ୍ରୈଲୋଚନ ଜେନା, ସୁନୀଲ ବାରିକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ବେଳାଭୂମି ସଫେଇ ଓ ସଚେତନତା କାର୍ଯ୍ୟକ୍ରମ



ରାଜନଗର,୩୧।୧୨(ସମିସ): ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ବଣଭୋଜି କରିବା ସହ ମଉଜ ମଜଲିସ କରି ଫେରି ଯାଇଛନ୍ତି। ସେମାନେ ବ୍ୟବହାର କରିଥିବା ପଲିଥିନ, ଥାଳି ପ୍ରଭୃତି ବର୍ଜ୍ୟବସ୍ତୁ ଯୋଗୁଁ ବେଳାଭୂମି ଆବର୍ଜନାସ୍ଥଳରେ ପରିଣତ ହୋଇଥିଲା। ନିକଟରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆରଆୟାର, ଏସ୍‌ପି ସିଦ୍ଧାର୍ଥ କଟାରିଆ ପେଣ୍ଠ ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିବାକୁ ସ୍ଥାନୀୟ ପ୍ରଶାସନ, ପୁଲିସ ଓ ବନବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ବନବିଭାଗ ପକ୍ଷରୁ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନକୁମାର ନାୟକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟକୁମାର ପାତ୍ର, ଫରେଷ୍ଟର ତ୍ରିଦୀପ ପ୍ରଧାନ, ସବିତା ବେହେରା, ସଙ୍ଗୀତା ସ୍ୱାଇଁ, ଦୋଳଗୋବିନ୍ଦ ନାୟକଙ୍କ ସହ ବନକର୍ମଚାରୀ, ୟୁକେ ମହାବୀର ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ପେଣ୍ଠ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବେଳାଭୂମିକୁ ସଫେଇ କରିଛନ୍ତି। ପ୍ରଥମେ ସମସ୍ତେ ଶପଥପାଠ କରିଥିଲେ। ପରେ ସଫେଇ କରାଯାଇଥିଲା। ବେଳାଭୂମି ପ୍ରଦୂଷଣ ନ କରିବା ପାଇଁ ଉଠା ଦୋକାନୀ ଓ ଜନସାଧାରଣଙ୍କୁ ସଚେତନ କରାଯାଇଛି।

## ବିଜୟଙ୍କୁ ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ

କେନ୍ଦ୍ରାପଡ଼ା,୩୧।୧୨(ସମିସ): ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ବିଜୁ ଛାତ୍ର ଜନତାଦଳର ଛାମୁଆ ସଂଗଠକମାନଙ୍କୁ ନେଇ ନୂଆ ଟିମ୍ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ାର ଛାତ୍ରନେତା ବିଜୟ



କୁମାର ମଣ୍ଡଳ (ଜାନୁ)ଙ୍କୁ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବରୁ ବିଜୟ ବିଜେଡିର ଯୁବ ଓ ଛାତ୍ର ସଂଗଠନର ସଫଳତାର ସହ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହି ନିଯୁକ୍ତି ନିମନ୍ତେ ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରାଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି।

## ନାଟ୍ୟକାର ଅନନ୍ତ ଓଝାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ



କେନ୍ଦ୍ରାପଡ଼ା/ପଞ୍ଚୁପାଣ୍ଡବ,୩୧।୧୨(ସମିସ): ଓଡ଼ିଆ ଯାତ୍ରା ତଥା ନାଟ୍ୟ ଜଗତର କାଳଜୟୀ ନାଟ୍ୟକାର ସ୍ୱର୍ଗତ ଅନନ୍ତ ଓଝାଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଜନ୍ମଭୂମି କେନ୍ଦ୍ରାପଡ଼ା ଜିଲ୍ଲା ବୀରନୀଳକଣ୍ଠପୁର ଗାଁରେ ପାଳିତ ହୋଇଛି। ଏହି ଅବସରରେ ଓଡ଼ିଆ ସିନେମା ଓ ଯାତ୍ରା ଜଗତର ବହୁ ପ୍ରତିଷ୍ଠିତ କଳାକାର, ନିର୍ଦ୍ଦେଶକ ଓ ବୁଦ୍ଧିଜୀବୀ ଯୋଗଦେଇ ଦିବଙ୍ଗତ ନାଟ୍ୟକାରଙ୍କ ନାଟ୍ୟ ପ୍ରତିଭାକୁ ସ୍ମରଣ କରିଥିଲେ।

### କଳାକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧନା

ଅତିଥିମାନେ ଅନନ୍ତଙ୍କ ରଚିତ ନାଟକ ଓ ତାଙ୍କ ସୃଜନଶୀଳତା ଓଡ଼ିଆ ଯାତ୍ରାକୁ କିପରି ଏକ ନୂଆ ଦିଗ ଦେଇଥିଲା, ସେ ନେଇ ଆଲୋକପାତ କରିଥିଲେ। ବିଧିବଦ୍ଧ ସରକାରୀ ସ୍ୱୀକୃତି ମିଳି ନ ଥିଲେ ମଧ୍ୟ ଅନନ୍ତ ଓଝା ଓଡ଼ିଆ ନାଟ୍ୟପ୍ରେମୀଙ୍କ ହୃଦୟରେ ସର୍ବଦା ଅମର ହୋଇ ରହିବେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଭୁବନେଶ୍ୱର ସମ୍ ହସ୍ପିଟାଲର ଚିଫ୍ କାର୍ଡିଆନ ଡା. ଆଶୁତୋଷ ମିଶ୍ର, ପ୍ରବଚକ ଶରଣାରବିନ୍ଦ ଓଝା, ଯାତ୍ରା ଅଭିନେତା ଦୈତାରୀ ପଣ୍ଡା ଓ ବରିଷ୍ଠ ସାମ୍ବାଦିକ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଅନନ୍ତ ଓଝା ମେମୋରିଆଲ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ୮ ବର୍ଷ ଧରି ଏହି ଶ୍ରାଦ୍ଧ ଉତ୍ସବ ଆୟୋଜିତ ହୋଇଆସୁଛି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଆ ସିନେମା ଓ ଯାତ୍ରା ଜଗତର ବିଭିନ୍ନ ବିଭାଗରେ ଅବଦାନ ରଖିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ନାଟ୍ୟକାର ଜୀବନ ଜେନା, ନିର୍ଦ୍ଦେଶକ ଯୋଗେନ୍ଦ୍ର ମଲ୍ଲିକ, ଗୀତିକାର ଅରୁଣ ମନ୍ତ୍ରୀ, ଅଭିନେତା ବସନ୍ତ ସାହୁ ଓ ଅଭିନେତ୍ରୀ ନଳିନୀ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ହଳଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଯାତ୍ରା ଜଗତର ବହୁ କଳାକାର, ନିର୍ଦ୍ଦେଶକ ଓ ପ୍ରଯୋଜକ ଉପସ୍ଥିତ ଥିଲେ।

## ପୋଖରୀ ଖନନ ନାମରେ ୨ଲକ୍ଷ ହଡ଼ପ !

ପଟ୍ଟାମୁଣ୍ଡାଇ,୩୧।୧୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କାଠିଆପଡ଼ା ଗ୍ରାମରେ ପୋଖରୀ ଖନନ ନାମରେ କାମ ନ କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ୨ଲକ୍ଷ ଟଙ୍କା ହଡ଼ପ କରିଥିବା ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ୨୦୨୩ରେ ଗ୍ରାମର ପୂର୍ବ ଦିଗରେ ଥିବା ଏକ ଖାଲୁଆ ସ୍ଥାନରେ ପୂର୍ବରୁ କେବଳ ଆଡ଼ି ବନ୍ଧାଯାଇ ମାଛ ଚାଷ ପାଇଁ ବ୍ୟବସ୍ଥା କରାଯାଇଥିଲା। ଉକ୍ତ କାମ ପାଇଁ ଗ୍ରାମବାସୀଙ୍କ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଇଥିଲା। କିନ୍ତୁ ୨୦୨୫ ଅକ୍ଟୋବରରେ ପଞ୍ଚାୟତ ପାଣ୍ଠିରୁ ପୋଖରୀ ଖନନ ନାମରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ୨ଲକ୍ଷ ଟଙ୍କା ନିଜ ଆକାଉଣ୍ଟକୁ ପୈଠ କରି ଉଠାଇ ନେଇଥିବା ଜଣାପଡ଼ିଛି। ବାସ୍ତବରେ ଉକ୍ତ ପୋଖରୀର କୌଣସି କାର୍ଯ୍ୟ ନ କରି ପଞ୍ଚାୟତ ନିର୍ବାହୀ ଅଧିକାରୀ ଏହି ସରକାରୀ ଅନୁଦାନ ହଡ଼ପ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଣୁ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ସନାତନ ସେଠୀ, ଅଜୟ



### ପିଇଓଙ୍କ ବିରୋଧରେ ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ

ମହାରଣା, ସରୋଜ ପାଢ଼ୀ, ରବୀନ୍ଦ୍ର ମଲିକ, ପ୍ରେମାନନ୍ଦ କର, ଗଗନ ରାଉତ, ଅଭିରାମ ମଲିକ, ନିରଞ୍ଜନ ମଲିକ, ଗୟାଚାନ୍ଦ ମଲିକ, ପ୍ରଦୀପ ପଣ୍ଡା, କିଶୋର ବାରିକ ପ୍ରମୁଖ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି।

## ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

କେନ୍ଦ୍ରାପଡ଼ା,୩୧।୧୨(ସମିସ): କେନ୍ଦ୍ରାପଡ଼ା ବ୍ଲକ କପାଳେଶ୍ୱର ପଞ୍ଚାୟତ ଗରାପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଯାପିତ ହୋଇଛି। ବିଦ୍ୟାମନ୍ଦିରର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ଏହାକୁ



ଉଦଘାଟନ କରି ପିଲାମାନଙ୍କୁ ନୈତିକ ଶିକ୍ଷା, ସମାଜ ସଂସ୍କାର ସହ ଖେଳକୁଦରେ ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ଉପସଭାପତି ଡ. କାଳୀପ୍ରସନ୍ନ ଶତପଥୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଦ୍ୟାମନ୍ଦିରର ୫ଜଣ ପ୍ରାକ୍ତନ ଛାତ୍ର ଭାରତୀୟ ନୌସେନା ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଥିବା ବିଦ୍ୟାଳୟ ପାଇଁ ଗୌରବର କଥା ବୋଲି କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ହେବାକୁ ଥିବା ବିଦ୍ୟାଳୟର ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବ। ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥଆଚାର୍ଯ୍ୟଙ୍କ ପୌରୋହିତ୍ୟରେଅନୁଷ୍ଠିତ ଏହି ଉତ୍ସବରେ ବ୍ରହ୍ମଚାରୀ ନୃସିଂହନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଅପହୃତା ଦୁଇ ନାବାଳିକା ଛାତ୍ରୀ ଉଦ୍ଧାର

ରାଜନଗର,୩୧।୧୨(ସମିସ): ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳର ଅପହୃତା ଦୁଇ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରିଛି ପୁଲିସ। ଏହି ଘଟଣାରେ ପୁଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। ରଙ୍ଗଣୀ ପଞ୍ଚାୟତର ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପଟ୍ଟାପାରିଆ ଗ୍ରାମର ଜ୍ୟୋତି ଦଳାଇ ଅପହରଣ କରି ନିଜ ଘରକୁ ନେଇଯାଇଥିବା ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଚଢ଼ଉ କରି ସମ୍ପୃକ୍ତ ଛାତ୍ରୀଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଜ୍ୟୋତିଙ୍କୁ ଅଟକ ରଖିଛି। ସେହିପରି କୃଷ୍ଣନଗର ପଞ୍ଚାୟତର ଜଣେ ନାବାଳିକା କଲେଜ ଛାତ୍ରୀଙ୍କୁ ଶୈଳେନ୍ଦ୍ରନଗର ଗ୍ରାମର ରାଧାକାନ୍ତ ପରିଡ଼ା ଅପହରଣ କରିଥିବା ଗତ ୨୫ ତାରିଖ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୁଲିସ ରାଜ୍ୟ ବାହାରକୁ ଚାଲିଯାଇଥିବା ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିବା ସହ ରାଧାକାନ୍ତଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଆଇଆଇସି ବିମଳକୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## ଅବସରପ୍ରାପ୍ତ କିରାଣିଙ୍କ ପରଲୋକ

ଗୋବିନ୍ଦପୁର,୩୧।୧୨(ସମିସ): ଆଳି ବ୍ଲକ କେତୁଆପାଳ ପଞ୍ଚାୟତ ହିଞ୍ଜଳ ଗ୍ରାମର ଦୁର୍ଯ୍ୟୋଧନ ନାୟକ (୭୩)ଙ୍କର ମଙ୍ଗଳବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ସେ ହିଞ୍ଜଳ ନୋଡାଲ ଉଚ୍ଚ ବିଦ୍ୟାଳୟରେ କିରାଣି ଭାବେ କାର୍ଯ୍ୟକରି ଅବସର ନେଇଥିଲେ। ତାଙ୍କ ବିୟୋଗରେ ଆଳି ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ଉପସଭାପତି ଭୀଷ୍ମ ମହାନ୍ତି, ପୂର୍ବତନ ସରପଞ୍ଚ ସୁରେଶ ଚନ୍ଦ୍ର ଜେନା, ଜୁଆଣିଆ ସରପଞ୍ଚ ସୁବ୍ରତ କୁମାର ନାୟକ, ଯୁବ ବିଜେଡି ସଙ୍ଗଠକ ସୁଦର୍ଶନ ସାମଲ, ଦେସାହି ସମିତି ସଭ୍ୟ ସନ୍ତୋଷ ବେହୁରିଆ, ଗୋପବନ୍ଧୁ ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ବ୍ୟକ୍ତ କରିବା ସହ ଶେଷଦର୍ଶନ କରିଥିଲେ।






## ବ୍ୟକ୍ତିତ୍ୱ ବିକାଶ ଶିବିର ଉଦ୍‌ଯାପିତ

# ସମସ୍ତଙ୍କ ପାଇଁ ଆଧ୍ୟାତ୍ମିକ ଶିକ୍ଷାର ଆବଶ୍ୟକତା ରହିଛି

**ନାଉଗାଁ,୩୧।୧୨(ସମିସ):** ନାଉଗାଁ ବ୍ଲକର ଅଗ୍ରଣୀ ଆଧ୍ୟାତ୍ମିକ ସଂଗଠନ ବିଶ୍ୱ ସନାତନ ଯୁବ ସେବା ସଂଘର ୩୧ତମ ବାର୍ଷିକ ଉତ୍ସବ ଅବସରରେ ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡା ସ୍ଥିତ ମା' ଜାଗୁଲେଇଙ୍କ ପୀଠଠାରେ ଛାତ୍ରଛାତ୍ରୀଙ୍କ ପାଇଁ ଏକ ୫ଦିନିଆ ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରର ଉଦ୍‌ଯାପନୀ ସନ୍ଧ୍ୟାରେ ବିଶ୍ୱ ସନାତନ ଯୁବ ସେବା ସଂଘର ସଭାପତି ବାବା ସତ୍ୟାନନ୍ଦ ଦାସ ମହାରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୁରୀ ଗଜପତି ମହାରାଜ ଶ୍ରୀଶ୍ରୀ ଦିବ୍ୟସିଂହ ଦେବ ଯୋଗଦେଇ ଭୌତିକ ଶିକ୍ଷା ସାଙ୍ଗକୁ




ଆଧ୍ୟାତ୍ମିକ ଚେତନାର ଅତ୍ୟନ୍ତ ଆବଶ୍ୟକ ରହିଛି ବୋଲି କହିଥିଲେ। ଏହି ଶିବିରରେ ୨୮୦ରୁ ଊର୍ଦ୍ଧ୍ୱ ଶିବିରର୍ଥୀ ଯୋଗ ଦେଇ ପ୍ରଶିକ୍ଷଣ ନେଉଥିବା ବେଳେ ଶିବିରରେ ପ୍ରତ୍ୟହ ସାଧୁସନ୍ଥ ମାନେ ଯୋଗ ଦେଇ ଏହି ଶିବିରାର୍ଥୀ ମାନଙ୍କୁ ନିତ୍ୟ ଯୋଗ, ସନାତନ ଧର୍ମଚାର୍ଯ୍ୟ ଗୀତା, ଭାଗବତର ଶିକ୍ଷା ଦେବା ସହିତ ସେମାନଙ୍କ ବ୍ୟକ୍ତିତ୍ୱ ବିକାଶ ପାଇଁ ପ୍ରଶିକ୍ଷଣ ପ୍ରଦାନ କରୁଥିଲେ। ଆଜିର ଏହି ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ବାଲିଘାଇସ୍ଥିତ ହରିହରାନନ୍ଦ କ୍ରୀୟାଯୋଗ ଆଶ୍ରମର ବାବା ପ୍ରଜ୍ଞାନନନ୍ଦ ଗିରି ମହାରାଜ ଯୋଗଦେଇ ସବୁ ଭାଷାରେ ପାରଙ୍ଗମ ହୁଏ, କିନ୍ତୁ ନିଜ ଭାଷାକୁ ଭୁଲନାହିଁ ବୋଲି ଶିବିରାର୍ଥିମାନଙ୍କୁ ଦିବ୍ୟ ଉପଦେଶ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିମାନଙ୍କ ମଧ୍ୟରେ ରାଧାବଲ୍ଲଭ ମଠାଧୀଶ ମହନ୍ତ ମହାରାଜ ରାମକୃଷ୍ଣ ଦାସ ମହାରାଜ, ବାବାଜୀ ଦାମଦୋର ଦାସ ମହାରାଜଙ୍କ ସମେତ ଓଡ଼ିଶାର ବହୁ ଅନ୍ୟ ବରେଣ୍ୟ ସାଧୁ ମହାତ୍ମାମାନେ ଯୋଗ ଦେଇ ଶିବିରାର୍ଥୀମାନଙ୍କ ସମେତ ଉପସ୍ଥିତ ଶ୍ରଦ୍ଧାଳୁମାନଙ୍କୁ ଆଧ୍ୟାତ୍ମିକ ଆଶ୍ରୀବଚନ ପ୍ରଦାନ କରିଥିଲେ।

# ‘ନବକଳେବର ଅନୁଭୂତି-୨୦୧୫’ ପୁସ୍ତକ ଉନ୍ମୋଚିତ

**ଜଗତସିଂହପୁର/ନାଉଗାଁ,୩୧।୧୨(ସମିସ):** ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ ଅନ୍ତର୍ଗତ ତିହୁଡ଼ା ଗ୍ରାମସ୍ଥିତ ଗୁରୁକୃପା କୁଟୀର ପରିସରରେ ପୂର୍ବତନ ଜିଲ୍ଲାପାଳ ସତ୍ୟକୁମାର ମଲ୍ଲିକଙ୍କ ରଚିତ "ନବକଳେବର ଅନୁଭୂତି-୨୦୧୫" ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୁରୀ ଗଜପତି ମହାରାଜ ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବ ମୁଖ୍ୟ ଅତିଥି ରୂପେ ଯୋଗଦେଇ ପୁସ୍ତକଟି ଉନ୍ମୋଚନ କରିଥିଲେ। ଏହି ଅବସରରେ ଗଜପତି ମହାରାଜ କହିଥିଲେ ଯେ, ଶ୍ରୀଜଗନ୍ନାଥପ୍ରେମୀ ଜନଗଣଙ୍କ ପାଇଁ ଏହା ଏକ ତଥ୍ୟଭିତ୍ତିକ ଉପାଦେୟ ପୁସ୍ତକ। ୨୦୧୫ ମସିହାରେ ଜଗତସିଂହପୁର ଜିଲ୍ଲାରୁ ଶ୍ରୀଜୀଉମାନଙ୍କ ନବକଳେବର ଉପଲକ୍ଷେ ବଡ଼ଠାକୁର ଶ୍ରୀବଳଭଦ୍ର, ଦେବୀ ଶ୍ରୀସୁଭଦ୍ରା ଓ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଦାରୁ ଚିହ୍ନଟ ହୋଇଥିଲା। ସେତେବେଳେ ଜଗତସିଂହପୁର ଜିଲ୍ଲାପାଳ ଥିବା ସତ୍ୟ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦାରୁଛେଦନ ଠାରୁ ଆରମ୍ଭ କରି ଶ୍ରୀଦାରୁମାନଙ୍କୁ ଶ୍ରୀକ୍ଷେତ୍ର ଅଭିମୁଖେ ପଠାଇବା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଂପାଦିତ ହୋଇଥିଲା। ସେହି ଘଟଣାକ୍ରମ ଓ ସ୍ୱକୀୟ ଅନୁଭୂତିକୁ ପାଥେୟ କରି ସେ ଏହି ପୁସ୍ତକଟି ରଚନା କରିଛନ୍ତି। ପ୍ରାରମ୍ଭରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ତଥା ସୁଲେଖିକା ସୌଭାଗିନୀ ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବହିର ଲେଖକ



ଶ୍ରୀ ମଲ୍ଲିକ ନିଜର ମନକଥା ପ୍ରକାଶ କରିଥିଲେ। ବରେଣ୍ୟ ଅତିଥି ଉତ୍କଳ ସାହିତ୍ୟ ସମାଜର ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ଓ ସମ୍ମାନିତ ଅତିଥି ସମାଜସେବୀ ନିତ୍ୟାନନ୍ଦ ମହାନ୍ତି ବହିଟିର ବିଶେଷତ୍ୱ ବର୍ଣ୍ଣନା କରିଥିଲେ। ଶେଷରେ ପ୍ରକାଶକ ଅଜୟ କୁମାର ମାହାଳି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଓଁଗୁରୁ ମଧୁସୂଦନ ସେବାକୁଞ୍ଜର ବାର୍ଷିକ ଉତ୍ସବ

**ନାଉଗାଁ,୩୧।୧୨(ସମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ମଠସାହି ଚାନ୍ଦଖାଁ



ପାଟଣାସ୍ଥିତ ଓଁଗୁରୁ ମଧୁସୂଦନ ସେବା କୁଞ୍ଜର ବାର୍ଷିକ ଉତ୍ସବ ଆଜି ପାଳିତ ହୋଇଯାଇଛି। ପୂର୍ବ ଦିନ ଅଧିବାସ ପୂଜା, କଳସ ସ୍ଥାପନ, ଧ୍ୱଜାବନ୍ଧନ କରାଯାଇଥିଲା। ଏହି ଅବସରରେ ପ୍ରଭାତରୁ ନଗର ପରିକ୍ରମା ହୋଇଥିଲା। ଏଥିରେ ଧୋବା ଭାଇ, ଟୁଲୁ ଭାଇ, ସୁର ଭାଇଙ୍କ ସମେତ ଅଞ୍ଚଳର ଶ୍ରଦ୍ଧାଳୁ ଭାଗ ନେଇଥିଲେ। ସମୂହ ବିଶ୍ୱଶାନ୍ତି ପ୍ରାର୍ଥନା ପରେ ଶାଖା ଆଶ୍ରମର ସେବିକା ପ୍ରଭାତୀ ଦାସଙ୍କ ତତ୍ତ୍ୱାବଧାନରେ ଗୁରୁଦେବଙ୍କୁ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ମା' ମାନଙ୍କ ଦ୍ୱାରା ବନ୍ଦାପନା ପରେ, ପ୍ରାଚୀଗୁରୁ ଧର୍ମକ୍ଷେତ୍ରର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତ୍‌ସଙ୍ଗରେ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ, ବାବାଜୀ ଚିତ୍ତୋବିନୋଦ ଦାସ, ବାବାଜୀ ଦିବ୍ୟକୃଷ୍ଣ ଦାସ, ବାବାଜୀ ଦିବାକର ଦାସ ଓ ପଣ୍ଡିତ ଗୌରହରି ଦାସ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। ବିଭିନ୍ନ ଶାଖା ଆଶ୍ରମର ସେବିକା ସବିତା ଦାସ, ବିନଦୋନି ଦାସ, ମିନାମା', ସମେତ ବହୁ ଭକ୍ତ ସମାଗମ ହୋଇଥିଲେ। ପ୍ରେମଚର୍ଯ୍ୟ ବାବା ମଧୁସୂଦନଙ୍କ ଭଜନ କୀର୍ତ୍ତନ ସବିତା ଦାସ ପରିବେଷଣ କରିଥିଲେ। ଆଶ୍ରମର ଭାଇ ଓ ଭଉଣୀ ମାନେ, 'ଅନ୍ତରେ ଗୁରୁ ଅନନ୍ତ' ନାଟକ ପରିବେଷଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଜୁ ଭାଇ, ଲିକୁ ଭାଇ, ହାପି ଭାଇ, ପିକୁ ଭାଇ, ସୁର ଭାଇ, ସୋନୁ ଭାଇ ଓ ମିଟନ ଭାଇ ପ୍ରମୁଖ ପରିଚାଳନା କରିଥିଲେ।

# ହେଲିପ୍ୟାଡ୍ ନିକଟରୁ ହରିଣ ଛୁଆ ଉଦ୍ଧାର

**ପାରାଦୀପ,୩୧।୧୨(ସମିସ):** ଆଜି ଅପରାହ୍ନ ୫ଟା ସମୟରେ ପାରାଦୀପ ନେହୁରବଙ୍ଗଳା ହେଲିପ୍ୟାଡ ନିକଟରୁ ଏକ ହରିଣ ଛୁଆକୁ କୋଷ୍ଟଗାର୍ଡ କର୍ମଚାରୀ ମାନେ ଉଦ୍ଧାର କରିଥିଲେ। ପରେ ଏ ସମ୍ପର୍କରେ ମେରାଇନ ଥାନାକୁ ଜଣାଇବା ପରେ ମେରାଇନ ଥାନା କୁଜଙ୍ଗ ବନ ବିଭାଗକୁ ଡକାଇ ଉକ୍ତ ହରିଣ ଛୁଆକୁ ଦେଇଥିଲେ। ତେବେ ଏତେ ଛୋଟ ଛୁଆ ହରିଣଟିଏ ଏଠାକୁ କିଭଳି ଆସିଲା, ତାହା ଏବେ ସାଧାରଣରେ ପ୍ରଶ୍ନ ଉଠିଛି। ହେଲିପ୍ୟାଡ ନିକଟରେ ଥିବା ଛୋଟ ଜଙ୍ଗଲରୁ ହରିଣ ଛୁଆଟି ପଳାଇ ଆସିଥାଇପାରେ ବୋଲି ଅନୁମାନ କରାଯାଉଛି।



# ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ସ୍ମୃତିସଭା

**ଜଗତସିଂହପୁର,୩୧।୧୨(ସମିସ):** ମହିୟସୀ ନାରୀନେତ୍ରୀ ତଥା ଚୌଧୁରୀ ପରିବାରର ସୁଯୋଗ୍ୟା ଦାୟାଦ ଅନ୍ନପୂର୍ଣ୍ଣା ମହାରଣାଙ୍କ ୧୩ତମ ଶ୍ରାଦ୍ଧବାର୍ଷିକ ଆଜି ପୁରୁଣାଗଡସ୍ଥିତ ପ୍ରଫୁଲ୍ଲ ପାଠାଗାରଠାରେ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପାଠାଗାରର ସଭାପତି ରବୀନ୍ଦ୍ର ନାଥ ତ୍ରିପାଠୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ତ୍ୟାଗ ଓ ସେବାର ପଟ୍ଟାନ୍ତର ନାହିଁ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଆଲୋଚନାରେ ଅଂଶଗ୍ରହଣ କରି ମାତ୍ର ୧୩ବର୍ଷ ବୟସରେ ଅନ୍ନପୂର୍ଣ୍ଣା ମହାରଣା ଜମିଦାରୀ ଆଭିଜାତ୍ୟକୁ ପଛରେ ପକାଇ ଦେଶର ସ୍ୱାଧୀନତା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ହରିଜନ ସେବା, ନିଶାନିବାରଣ, ଗ୍ରାମସଫେଇ ଭଳି ରଚନାତ୍ମକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଆଲୋଚନାରେ ଭାଗନେଇ ଅନ୍ନପୂର୍ଣ୍ଣା ମହାରଣାଙ୍କ ରଚିତ ଆତ୍ମଚରିତ 'ଅମୃତ ଅନୁଭବ' ଉତ୍ତରପିଢି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ସଞ୍ଜୟ ସାମନ୍ତ ସିଂହାର ଓ ସତ୍ୟବାଦୀ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲେଚନାରେ ଭାଗନେଇ ଥିଲେ। ଶେଷରେ ପାଠାଗାର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।




# ବାବା ବେଲବଣ କ୍ରିକେଟ ଟୁର୍ଣ୍ଣାମେଣ୍ଟ



**ଜଗତସିଂହପୁର,୩୧।୧୨(ସମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଗଜରାଜପୁର ମଠସାହିରେ ପ୍ରଥମ ବାବା ବେଲବଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ଦିଲ୍ଲୀପ ଲେଙ୍କା, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଶୁଭକାନ୍ତ ପଡ଼ିହାରୀ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟା ରିଲା ଦାସ, ନାଉଗାଁ ଥାନାର ସବଇନ୍ସପେକ୍ଟର ଜାକସନ୍ ମାଝୀ ଓ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଦାସ ଯୋଗ ଦେଇଥିଲେ। ଏହି ରାତ୍ରକାଳୀନ ଟୁର୍ଣ୍ଣାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିବା ବେଳେ ୟଙ୍ଗଷ୍ଟର-୧୧ ଚାମ୍ପିଅନ୍ ହୋଇଥିଲା। ସେହିପରି ମାଛଗାଁର ମହାବୀର କ୍ରିକେଟ କ୍ଲବ ରନର୍ସ ଅପ୍ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଜ୍ଞାନରଞ୍ଜନ ମହାରଣା, ମନୋରଞ୍ଜନ ମହାରଣା, ସରୋଜ ଦାସ, ତାପସ ଦାସ, ମନୋଜ ଦାସ, ଧିରେନ ଦାସ, ସନ୍ତୋଷ ଦାସ, ଅମଳେଶ ଦାସ, ରାହୁଲ ଲେଙ୍କା, ବବୁଲ ଲେଙ୍କା, ବିଭୂ ପ୍ରସାଦ ସ୍ୱାଇଁ, ସନ୍ତୋଷ ମହାରାଣା, ମାନସ ସାହୁ, ରାଜେଶ ଦାସ, ବିକାଶ ଦାସ, ସତ୍ୟ ରଞ୍ଜନ ଦାସ, ଭକ୍ତି ରଞ୍ଜନ ଦାସ, ଜ୍ଞାନର ରଞ୍ଜନ ଦାସ, ଦୀପୁ ଦାସ ପରିଚାଳନାରେ ସହଯୋଗ କରିଥିଲେ।

# ପାରାଦୀପ ମହୋତ୍ସବ ଉଦ୍‌ଯାପିତ

**ପାରାଦୀପ,୩୧।୧୨(ସମିସ):** ପାରାଦୀପ ମହୋତ୍ସବ ଆଜି ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାରାଦୀପ ଜୟଦେବ ସଦନ ପରିସରରେ ଗତ ୨୫ ତାରିଖରୁ ୭ ଦିନ ଧରି ଚାଲିଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପାରାଦୀପ ବିଧାୟକ ତଥା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିବା



ବେଳେ ସମ୍ମାନିତ ଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ତିର୍ତିଓଲ ନିର୍ବାଚନ ମଣ୍ଡଳୀ ବିଜେପି ନେତା ରାଜକିଶୋର ବେହେରା, ବାଲିକୁଦା-ଏରସମା ବିଜେପି ନେତା ସତ୍ୟ ସାରଥୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମେ ଅତିଥିମାନଙ୍କୁ ବଡ଼ପଡ଼ିଆ ଥାନା ଛକରୁ ଜୟଦେବ ସଦନ ଛକ ପର୍ଯ୍ୟନ୍ତ ଏକ ପଟୁଆରରେ ଅଣାଯାଇଥିଲା।

ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା। ପରେ ଓଡ଼ିଶାର ପ୍ରତିଷ୍ଠିତ କଳାକାରମାନଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷିତ ହୋଇଥିବା ବେଳେ ଉଦ୍‌ଯାପନୀ ସନ୍ଧ୍ୟାରେ ପୁରୁଣା ବର୍ଷକୁ ବିଦାୟ ଦେବା ନେଇ ଜିରୋ ନାଇଟ୍ ସେଲିବ୍ରେସନର ଆୟୋଜନ କରାଯାଇଥିଲା। ଏଥିରେ ବିଶିଷ୍ଟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି ଯୋଗ ଦେଇଥିଲେ। ଦର୍ଶକମାନେ ବିଷ୍ଣୁମୋହନ କବିଙ୍କ ସଙ୍ଗୀତର ତାଳେତାଳେ ମତୁଆଲା ହୋଇଥିଲେ।




## ଇଞ୍ଜିନିଅରଙ୍କୁ ଅପହରଣ ଉଦ୍ୟମ

# ଲକ୍ଷାଧିକ ଟଙ୍କା ଲୁଟ୍; ଅଭିଯୁକ୍ତ ଗିରଫ

**ତିର୍ତ୍ତୋଲ,୩୧।୧୨(ସମିସ):** ତିର୍ତ୍ତୋଲ ଥାନା ମଣିଜଙ୍ଗାଠାରେ କମ୍ପାନୀରେ କାର୍ଯ୍ୟରତ ଜଣେ ଇଞ୍ଜିନିଅରଙ୍କୁ ଅପହରଣ କରି ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ତାଙ୍କ ପୂର୍ବ ସହକର୍ମୀଙ୍କୁ ଗିରଫ କରି ତିର୍ତ୍ତୋଲ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନା ଅନୁଯାୟୀ କଟକ ଜିଲ୍ଲା ନରସିଂହପୁର ଥାନା ଜଳକେଳି ଗ୍ରାମର ରାକେଶ ଖଟୁଆ ତିର୍ତ୍ତୋଲ ଥାନା ଅନ୍ତର୍ଗତ ମଣିଜଙ୍ଗା ଠାରେ ଥିବା ଏମ୍‌ଏଆର୍‌ଏସ୍ କମ୍ପାନୀରେ ଜଣେ ଇଞ୍ଜିନିଅର ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ଅପରାହ୍ନ ସମୟରେ ପୂର୍ବରୁ ତାଙ୍କ ସହିତ କାର୍ଯ୍ୟ କରୁଥିବା କୁଜଙ୍ଗ ଥାନା ଅନ୍ତର୍ଗତ ବୋରିଖି ପାଇକସ୍ତା ଗ୍ରାମର ସୂର୍ଯ୍ୟକାନ୍ତ ମନ୍ତ୍ରୀ ଓ ଅନ୍ୟ ଚାରିଜଣଙ୍କ ସହ ଏକ ଚାରିଚକିଆ ଗାଡ଼ିରେ ଆସି ତାଙ୍କୁ ଅପହରଣ କରି ଏକ ଜଙ୍ଗଲକୁ ନେଇଯାଇଥିଲେ। ସେମାନେ ତାଙ୍କୁ ମାରଣାସ୍ତ୍ର ଦେଖାଇ ଟଙ୍କା ନ ଦେଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ। ଏହି ଘଟଣାରେ ନିଜର ଜୀବନ ବଞ୍ଚାଇବାକୁ ଯାଇ ଭୟଭୀତ ହୋଇ ରାକେଶ ସୂର୍ଯ୍ୟକାନ୍ତକୁ ନିଜ ବ୍ୟାଙ୍କ୍‌ରୁ ଲକ୍ଷାଧିକ ଟଙ୍କା ଦେଇ ଦେଇଥିଲେ। ଏହା ସହିତ ଅପହରଣକାରୀମାନେ ଏକ ବଣ୍ଡ କାଗଜରେ ଦସ୍ତଖତ ମଧ୍ୟ ନେଇଥିଲେ।

ଏହି ଘଟଣା କାହାକୁ କହିଲେ ପରିସ୍ଥିତି ଭୟାବହ ହେବ ବୋଲି ଧମକ ଦେବ ସହିତ ଆଉ ଅଧିକ ଟଙ୍କା ଦାବି କରିଥିଲେ। ଅପହରଣକାରୀ ସୂର୍ଯ୍ୟକାନ୍ତ ଇଞ୍ଜିନିଅର ରାକେଶଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ପରେ ତାଙ୍କୁ କୁଜଙ୍ଗ ବସଷ୍ଟାଣ୍ଡରେ ଛାଡି ଦେଇ ପକାଇଥିଲେ। ଏହାପରେ ରାକେଶ ତିର୍ତ୍ତୋଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାରେ ତିର୍ତ୍ତୋଲ ଥାନାର ସହ ଆରକ୍ଷୀ ନିରୀକ୍ଷକ ଜୟଦୀପ ମହାନ୍ତି ଏକ ମାମଲା ରୁଜୁ କରି ଅଭିଯୁକ୍ତ ସୂର୍ଯ୍ୟକାନ୍ତଙ୍କୁ ଗିରଫ କରି ସହିତ ଆଜି କୋର୍ଟଚାଲାଣ କରାଯାଇଥିବା ନେଇ ଥାନା ସୂତ୍ରରୁ ଜଣାପଡିଛି।

